—ଲେଖକ—

ମନୋରଞ୍ଜନ ଦାସ

Digitized by srujanika@gmail.com

ପ୍ରକାଶକ :
ଏନ୍. ଏଲ୍. ଗୁପ୍ତ
ଜନଶକ୍ତି ପୁସ୍ତକାଳୟ
କଟକ—୨

ପ୍ରଥମ ପ୍ରକାଶ

ଅକ୍ଟୋବର—୧୯୫୫

ମୂଲ୍ୟ ଏକ ଟଙ୍କା ଚାରିଅଣା

ମୁଦ୍ରକ :
ପ୍ରାପ୍ତକିଶୋର ଦାସ
କୃଷକ ପ୍ରେସ
କଟକ—୧

Digitized by srujanika@gmail.com

ମୋ ସବିତା ଓ ସୁଜାତାଙ୍କ ହାତରେ

Digitized by srujanika@gmail.com

ଚରିତ୍ର

ଫାଲ୍‌ଗୁନୀ—ଅଧ୍ୟାପକ ଓ ପରେ 'ସଙ୍ଗଠନ' ନାମକ ଏକ ରଚନାତ୍ମକ ଅନୁଷ୍ଠାନର ପ୍ରତିଷ୍ଠାତା ।

ସୁଧାଂଶୁ—'ପ୍ରାପ୍ୟ ସ୍ୱତ୍ୱ' ନାମକ ଏକ ରାଜନୈତିକ ଅନୁଷ୍ଠାନର ଜଣେ କର୍ମକର୍ତ୍ତା ଓ ଫାଲ୍‌ଗୁନୀର ବନ୍ଧୁ ।

ସୁମିତ୍ରା—ସୁଧାଂଶୁଙ୍କର ଭଉଣୀ

ଶ୍ରୀଯୁକ୍ତ ଦାସ—ଫାଲ୍‌ଗୁନୀଙ୍କର ବଡ଼ ଭାଇ ଓ ମୁଖ୍ୟମନ୍ତ୍ରୀ

ବନାନୀ—ଶ୍ରୀଯୁକ୍ତ ଦାସଙ୍କର କନ୍ୟା

ମି. ଷ୍ଟେଟ୍‌ସ୍—ଚିଫ୍‌କମିଶନର

ମି. ନାଗୁର—ଚିଫ୍‌ସେକ୍ରେଟେରୀ

ଶ୍ରୀଯୁକ୍ତ ଚୌଧୁରୀ
ଶ୍ରୀଯୁକ୍ତ ମିଶ୍ର } ଅନ୍ୟାନ୍ୟ ସଭ୍ୟ ଦାସ ମନ୍ତ୍ରୀମଣ୍ଡଳର
ଶ୍ରୀଯୁକ୍ତ ମହାନ୍ତି

ଶ୍ରୀଯୁକ୍ତ ମହାପାତ୍ର—ପାର୍ଲାମେଣ୍ଟାରୀ ସେକ୍ରେଟେରୀ

କେଶବ, ନିରଞ୍ଜନ, ଭୁବସ୍ୱାମୀ—ଶ୍ରମିକ ନେତା

ବାବୁ—କଲେଜ ଛାତ୍ର

ଚପରାସି

ସ୍ଥାନ—ଭାରତର ସ୍ୱାଧୀନ ସମ୍ବିଧାନ ଅନ୍ତର୍ଭୁକ୍ତ ଯେ କୌଣସି ପ୍ରଦେଶର ରାଜଧାନୀ ।

ସମୟ— ୧ମ ଅଙ୍କ—ଶୀତଦିନର ଏକ ସକାଳ
୨ୟ ଅଙ୍କ—ଏକମାସ ପରେ
୩ୟ ଅଙ୍କ—୧ମ ଦୃଶ୍ୟ—ତିନ ସପ୍ତାହ ପରେ
୨ୟ ଦୃଶ୍ୟ—ପରଦିନ

ନାଟକର ଘଟଣା ଓ ଚରିତ୍ର ସମ୍ପୂର୍ଣ୍ଣରୂପେ କାଳ୍ପନିକ

Digitized by srujanika@gmail.com

ସୂଚନା

ଦୃଶ୍ୟବହୁଳ ନାଟକର ପ୍ରଭାବରେ ଯେତେବେଳେ ଓଡ଼ିଶାର ନାଟ୍ୟଜଗତ ଓ ରଙ୍ଗମଞ୍ଚ ଆଚ୍ଛନ୍ନ ହେଉଥିଲା ସେତିକିବେଳେ ତିନିଅଙ୍କ ବିଶିଷ୍ଟ ଆଧୁନିକ ନାଟକ 'ଅବରୋଧ' ଆତ୍ମପ୍ରକାଶ କରେ ।

ପ୍ରଚଳିତ ଓଡ଼ିଆ ନାଟକ ଓ ରଙ୍ଗମଞ୍ଚର ବିଶିଷ୍ଟ ପ୍ରବର୍ତ୍ତକ ଶ୍ରୀ କାଳୀଚରଣ ପଟ୍ଟନାୟକ 'କଭର୍‌-ସିନ୍‌' ରଖି ନାଟକ ରଚନାର ଯେଉଁ ଶୈଳୀ ଅନୁସରଣ କଲେ ତାହା ପରମ୍ପରା ଏ ପର୍ଯ୍ୟନ୍ତ ଓଡ଼ିଆ ନାଟକ ଓ ରଙ୍ଗମଞ୍ଚରେ ନିଷ୍ଠିତ ଭାବେ ଅନୁସୃତ ହେଉଛି ।

ଦୃଶ୍ୟବହୁଳ ଓଡ଼ିଆ ନାଟକଗୁଡ଼ିକର ସପକ୍ଷରେ ଯେତେ ଯୁକ୍ତି ଥିଲେ ମଧ୍ୟ କେହି ଅସ୍ୱୀକାର କରିବେନାହିଁ ଯେ, ସେଥିରେ 'ଭେରାଇଟି' ପରିବେଷଣର ସୁଯୋଗ ବେଶୀ ଥିବାରୁ ତାହା ଦର୍ଶକମାନଙ୍କୁ ଅଧିକ ଲଘୁ-ଆନନ୍ଦ ଦେବାରେ ସକ୍ଷମ ହୋଇଛି ଓ ଆଶୁ-ଲୋକପ୍ରିୟତା ଅର୍ଜନ କରିପାରିଛି । ଫଳରେ ଏହି ଲୋକପ୍ରିୟତାର ଢେଉ ବଳୟ ଭିତରେ ସୃଷ୍ଟି ହୋଇଥିବା ଅଧିକରୁ ଅଧିକ ନାଟକ ପ୍ରତ୍ୟେକ ପ୍ରାୟ ହୋଇଯାଇଛନ୍ତି ଓ ଶାଅଧିକେ 'ଭେରାଇଟି' ପ୍ରଭାବଯୁକ୍ତ । ଗୋଟିଏ କଥାରେ, ପ୍ରଚଳିତ ନାଟକ ଲୋକରୁଚିକୁ ପ୍ରଭାବିତ କରିଛି ଓ ଲୋକରୁଚି ପ୍ରଚଳିତ ନାଟକକୁ ସୃଷ୍ଟି କରିଛି ।... ...ଠିକ୍ ଗଛରୁ ମଞ୍ଜି ଓ ମଞ୍ଜିରୁ ଗଛ ହେଲାପରି !

Digitized by srujanika@gmail.com

ନାଟକରେ ବିଭିନ୍ନ ରସ ସୃଷ୍ଟି କରିବା ଅସଙ୍ଗତ ନୁହେଁ । ବରଂ ନାଟକକୁ ସରସ କରିବାପାଇଁ ମୁଖ୍ୟ ରସ ସଙ୍ଗେ ବିଭିନ୍ନ ରସ ପରିମାଣ ଅନୁଯାୟୀ ପରିବେଷଣ କରିବା ପ୍ରଶଂସନୀୟ ।

କିନ୍ତୁ ରସ ସୃଷ୍ଟି କରିବାକୁ ଯାଇଁ 'ଭେରାଇଟି' ହାସ୍ୟ ବା କେବଳ ଦର୍ଶକମାନଙ୍କୁ ହସାଇବାପାଇଁ ଅବାନ୍ତର ବିଷୟବସ୍ତୁର ଅବତାରଣା ନାଟକର ମୁଖ୍ୟ ରସକୁ ଅଧିକ ସମୟରେ ନଷ୍ଟ କରାଏ ଓ ବହୁ ସମୟରେ ନାଟକ ଉଦ୍ଦେଶ୍ୟ ବିହୀନ ହୋଇପଡ଼େ ।

'କଭର୍-ସିନ୍' କଥା ଧରାଯାଉ । ସାଧାରଣତଃ ଯୁକ୍ତିହୁଏ, ଅଭିନୀତ ହେଉଥିଲାବେଳେ ନାଟକର ଗତିରେ ବାଧା ନ ଦେଇ 'ସେଟ୍' ସିନ୍ ଗୁଡ଼ିକୁ ସଜାଇବାପାଇଁ 'କଭର୍-ସିନ୍' ଗୁଡ଼ିକ ଦରକାର । ଏ ଯୁକ୍ତି ଏଡ଼ିବାର ନୁହେଁ । କିନ୍ତୁ ଯେଉଁ ପରିସ୍ଥିତିରେ ପଡ଼ି ଯାହାରେ ନିୟତିର ଉପସ୍ଥିତି ପ୍ରୟୋଜନ ହେଉଥିଲା ବା ଗ୍ରୀକ୍ ନାଟକରେ ହଠାତ୍ ଦେବତାର ଆବିର୍ଭାବ ଆବଶ୍ୟକ ପଡ଼ୁଥିଲା, ସେଇ ପରିସ୍ଥିତିରେ ପଡ଼ି 'କଭର୍‌ସିନ୍' ଗୁଡ଼ିକ ଯେ ରଚିତ ହେଉନାହିଁ ତା କ'ଣ ସମ୍ପୂର୍ଣ୍ଣଭାବେ ଅସ୍ୱୀକାର କରାଯିବ ? ଓଡ଼ିଆ ନାଟକର ଶତକଡ଼ା ଅନେଶତ 'କଭର୍‌ସିନ୍'ର ସ୍ଥାନ ହେଉଛି ଗ୍ରାମ ପଥ, ରାଜ ପଥ, ଅଳିନ୍ଦ ବା ପ୍ରାନ୍ତର……ଅଥଚ ଏଇ ସିନ୍‌ଗୁଡ଼ିକରେ ଦର୍ଶକକୁ ହସିବାପାଇଁ ବେଶୀ ଉପାଦାନ ମିଳେ । ଘରଛୁଡ଼ ପଦାକୁ ଗୋଡ଼ କାଢ଼ିଲେ ରାସ୍ତାରେ, ବାଟରେ, ଘାଟରେ ମଣିଷ ପାଇଁ ହସିବାକୁ ଓ ଆମୋଦିତ ହେବାକୁ ଯେ ଏତେ ଉପାଦାନ ଥାଏ, ତାହା ଓଡ଼ିଆ ଜାତିର ହାସ୍ୟ ମୁଖରତାର ପରିଚୟ ଦେଉଥିଲେ ମଧ୍ୟ ବାସ୍ତବ ଜୀବନକୁ ଅଣୁ ମାତ୍ର

Digitized by srujanika@gmail.com

ସ୍ପର୍ଶ କରେନା । ଅବଶ୍ୟ 'କଭର୍‌ସିନ୍'ରେ ନାଟକର ମୁଖ୍ୟ-ଚରିତ୍ର ଗୁଡ଼ିକ ଖୁବ୍ କମ ଦେଖା ଦିଅନ୍ତି······ସେଥିରେ ଦେଖା ଦେଉଥିବା ଚରିତ୍ରଗୁଡ଼ିକ ହେଉଛନ୍ତି ନାଟକର ସାହାଯ୍ୟକାରୀ ଚରିତ୍ର, ଯେଉଁମାନେ ନାଟକର ଗତିକୁ ଆଗେଇ ନେବା ସଙ୍ଗେ ସଙ୍ଗେ ଅନେକ ସମୟରେ ନାଟକର ପରିସମାପ୍ତି ବା ନାଟକରେ ଦେଖା ଦେଇଥିବା ସମସ୍ୟାର ସମାଧାନରେ ସାହାଯ୍ୟ କରନ୍ତି ।

କାଳ କ୍ରମେ ଏଇ 'କଭରସିନ'ର ସଂଯୋଜନା ଏକ ଗତାନୁଗତିକ ସ୍ତରରେ ପରିଣତ ହେଲାଣି । ଅତୀତରେ କେବଳ ଖାଲି କଭରସିନରେ ଗୀତ ବୋଲି ଚାଲି ଯାଉଥିଲା । ଏବେ କିନ୍ତୁ 'କଭରସିନ୍'ରେ ଜଣକର ସ୍ଥାନ ଅଧିକାର କଲେଣି ଦୁଇ ଜଣ··· 'ଯୋଡ଼ି' ବା 'ପେଆର୍' । 'ପେଆର୍' ନ ହେଲେ 'କଭରସିନ' ଚଳେନା । ଏଇ 'ଯୋଡ଼ି' ବା 'ପେଆର୍' ପୁଣି କାମ କରିବେ 'ଦ୍ୱାସ୍ଥ'ର ବା ସେକ୍ସପିଅର ନାଟକର 'କ୍ଲାଉନର' । 'ଟ୍ୱେନ୍ଟି ନାଇନ' ଖେଳରେ 'ପେଆର୍' ପାଇଥିବା ଖେଳାଳି ହାତରେ ଯେଉଁ ପରିମାଣ ଅଧିକା ସୁବିଧା ଥାଏ । ଠିକ ସେମିତି ଯେଉଁ ନାଟକରେ 'ପେଆର୍' ଥାଏ ସେଇ ନାଟକର ସୁବିଧା ତିକିଏ ପ୍ରଶଂସା ପାଇଁ ଦର୍ଶକଙ୍କୁ ଟାଣି ଆଣିବାକୁ ବହୁତ ପରିମାଣ ଅଧିକା ବୋଲି ଅନେକ ଏବେ ଧରି ନେଲେଣି । କିନ୍ତୁ ଯେଉଁ ଚରିତ୍ରଗୁଡ଼ିକୁ ବାଦ ଦେଲେ ନାଟକର ମୁଖ୍ୟ ବିଷୟବସ୍ତୁ କ୍ଷୁଣ୍ଣ ହେବ ନାହିଁ ବା ଯେଉଁ ଚରିତ୍ର ନାଟକର ମୁଖ୍ୟ ଚରିତ୍ରଗୁଡ଼ିକୁ ଗଢ଼ି ଉଠିବାରେ ସାହାଯ୍ୟ ନ କରୁଥାନ୍ତି ଏବଂ ଯେଉଁଠି ସେପରି ଘଟଣା ଓ ଚରିତ୍ର ନାଟକରେ ସମ୍ପର୍କହୀନ ଭାବେ ଯୋଡ଼ା ଯାଇଛି ସେଠି ତିକିଏ ଆନନ୍ଦ ବା

Digitized by srujanika@gmail.com

ତଥାକଥିତ ଜନପ୍ରିୟତା ଅର୍ଜନ କରିଥିଲେ ମଧ୍ୟ ଦୃଶ୍ୟ ବହୁଳ ନାଟକର ସେଇ ଅବାଞ୍ଛିତ ଦିଗଗୁଡ଼ିକ ପ୍ରତି ସଚେତନ ଦୃଷ୍ଟିପାତ କରିବାର ସମୟ ଆସିଛି ।

'କବରସିନ୍' ସଙ୍ଗେ ଅନ୍ୟ ଏକ ବିଷୟ ମଧ୍ୟ ବିଚାର କରିବାର ସମୟ ଆସିଛି । ସେ ବିଷୟଟି ହେଉଛି, ନାଟକରେ ସଙ୍ଗୀତର ସଂଯୋଜନା । ଜୀବନରେ ସଙ୍ଗୀତର ସ୍ଥାନ ଅଛି । ଘରସଂସାରରେ ଜନ୍ମ ଦିନ ବା ବିବାହ ଉତ୍ସବ ହେଲେ ଗୀତ ବୋଲାଯାଏ... ଝିଅମାନେ କୁଆଁର ପୁନେଇ ଖେଳନ୍ତି ଗୀତ ବୋଲି... ନାଉରୀ ମଝି ନଈରେ ଡଙ୍ଗା ଛାଡ଼ି ଦେଇ ଗୀତ ବୋଲେ, ଭକ୍ତ ଗୀତ ବୋଲେ ଭଗବାନ ନିକଟରେ... କିନ୍ତୁ ସାଧାରଣ ଜୀବନରେ କିଏ ଗୀତ ବୋଲେ ଖାଲି ଗୀତ ବୋଲିବା ପାଇଁ ? ଏଇ ଗୀତ ବୋଲିବା ପାଇଁ ଯେଉଁଆ ନାଟକରେ ଗୀତ ବୋଲି ଶୁଣିବାର ଦିନ ଚାଲିଗଲାଣି କି ନାହିଁ ତାହା ମଧ୍ୟ ଚିନ୍ତା କରିବାର ସମୟ ଆସିଛି ।

ଆଧୁନିକ ତିନି ଅଙ୍କ ବିଶିଷ୍ଟ ନାଟକ ଦ୍ରୁତ ଭାବେ ଏଇ ବିଷୟଗୁଡ଼ିକର ସମ୍ମୁଖୀନ ହୋଇଛି... କାରଣ ଇବ୍‌ସେନଙ୍କ ପରେ ପରେ ନାଟକ ଲେଖାର ଯେଉଁ ଚକ-ଘୂରି ଯାଇଛି ଓ ସେଇ ଚକ ଘୂରିବାର ଫଳରେ ଜନ୍ମଲାଭ କରିଛି ଯେଉଁ ଅଳ୍ପ ଦୃଶ୍ୟ ବା ତିନି ଅଙ୍କ ବିଶିଷ୍ଟ ଆଧୁନିକ ନାଟକ, ସେଥିରେ ଅବାନ୍ତର ଚରିତ୍ର, ଘଟଣା ଓ ସଙ୍ଗୀତ ସମାବେଶ କରିବାର ସୁବିଧା ଓ ସୁଯୋଗ ରହିଛି ଅଳ୍ପ ।

ତିନିଅଙ୍କ ବିଶିଷ୍ଟ ମୋର ଅନ୍ୟ ଏକ ନାଟକ 'ଆଗାମୀ' ରଚନାର ପରେ ପରେ 'ଅବରୋଧ' ଲେଖାଯାଇଥିଲା ୧୯୫୧ ମସିହାର ମଧ୍ୟ

Digitized by srujanika@gmail.com

ଭାଗରେ ଏବଂ ଏହାର ପ୍ରଥମ ଅଭିନୟ ହୋଇଥିଲା ଉତ୍କଳ ବିଶ୍ୱବିଦ୍ୟାଳୟର ମଧୁସୂଦନ ଆଇନ କଲେଜ ଆନୁକୂଲ୍ୟରେ ୧୯୫୭ ମସିହା ଫେବୃଆରୀ ୨୫ ତାରିଖରେ ।

'ଆଗାମୀ' ଓ 'ଅତଚେୋଧ'ର ଅଭିନୟ ପରେ ନିଃସନ୍ଦେହ ଭାବେ ଏହା ସ୍ପଷ୍ଟ ହୋଇଯାଇଛି ଯେ ଗତାନୁଗତିକତା ପରିତ୍ୟାଗ କରି ଆଧୁନିକ ପ୍ରଣାଳୀରେ ନାଟକ ପରିବେଷଣ କରିବାର ସମୟ ଓଡ଼ିଆ ରଙ୍ଗମଞ୍ଚ ଗୁଡ଼ିକରେ ଆସି ଯାଇଚି ଏବଂ ସେକ୍ସପିଅର ଯୁଗରୁ ଯେଉଁ ଯେଉଁ ଅବସ୍ଥା ଓ ପନ୍ଥା ଅବଲମ୍ବନ କରି ଅନ୍ୟ ଦେଶର ନାଟ୍ୟ-ସାହିତ୍ୟ ଆଧୁନିକ ପଦ୍ଧତିରେ ସୀମା ଆସି ସ୍ପର୍ଶ କରିଚି, ଡେରି ହେଲେ ବା ପଛରେ ପଡ଼ିଥିଲେ ମଧ୍ୟ ଓଡ଼ିଆ ନାଟ୍ୟ-ସାହିତ୍ୟକୁ ସେ ପନ୍ଥା ଅନୁସରଣ ନ କରିବା ଛଡ଼ା ଉପାୟ ନାହିଁ । ତେଣୁ ଆମ ପକ୍ଷରେ ଅଧିକ ସାହସିକ ଓ ବୁଦ୍ଧିମାନର କାର୍ଯ୍ୟ ହେବ ଆମେ ଯେତେ ଶୀଘ୍ର ସେ ପନ୍ଥା ଅନୁସରଣ କରୁ ଓ ଅନ୍ୟ ଦେଶର ସମୃଦ୍ଧି ନାଟ୍ୟ ସାହିତ୍ୟ ସଙ୍ଗେ ତାଳ ରଖି ଗତି କରିବାର ଉଦ୍ୟମ କରୁ ।

'ଅବରୋଧ'ର ବିଷୟବସ୍ତୁ ସମ୍ବନ୍ଧରେ ଜାଣିଶୁଣି ମୁଁ କିଛି କହିବି ନାହିଁ । ତାର ବିଚାର କରିବେ ସେଇମାନେ ଯେଉଁମାନଙ୍କ ବିଚାର ପାଇଁ ମୁଁ ଉଲ୍ଲେଖିତ ବିଷୟଗୁଡ଼ିକର ଅବତାରଣା କରିଚି । କିନ୍ତୁ ଗୋଟିଏ କଥା ନ କହି ମୁଁ ରହିପାରୁ ନାହିଁ । ସ୍ୱାଧୀନତା ପାଇବାର ଏଇ କେତେ ବର୍ଷପରେ ନିଶ୍ଚୟ ପ୍ରତ୍ୟେକ ଚିନ୍ତାଶୀଳ ବ୍ୟକ୍ତି ଅନୁଭବ କରୁଥିବେ, ଜନତାର 'ଚେତନା ଶକ୍ତି ଯଦି ଉନ୍ମେଷିତ ନ ହୁଏ, ଏ ଦେଶରେ ଗଣତନ୍ତ୍ର ତିଷ୍ଠି ପାରିବ ନାହିଁ···ଜନତାଙ୍କ ସେଇ ଚେତନା ଶକ୍ତିକୁ ଉନ୍ମେଷିତ କରିବା

Digitized by srujanika@gmail.com

'ଅବରୋଧ'ର ଲକ୍ଷ୍ୟ……ଏବଂ ସେ ଲକ୍ଷ୍ୟ ଯେଉଁ ଅନୁପାତରେ ସଫଳ ହୋଇଥାଏ ମୁଁ ମୋର ଶ୍ରମ ସାର୍ଥକ ମନେ କରିବି ।

ଏହି ନାଟକ ପାଇଁ ମୁଁ ମଧୁସୂଦନ ଆଇନ କଲେଜର ୧୯୫୨-୫୩ ମସିହାର ଛାତ୍ର ବିଶେଷକରି ଶ୍ରୀ ଧୀରେନ୍ଦ୍ରନାଥ ଭିଶ୍ୱାଳଙ୍କ ନିକଟରେ ଓ ଏହାର ପ୍ରଥମ ଅଭିନୟ ରଜନୀର ମଞ୍ଚ ନିର୍ଦ୍ଦେଶକ ଶ୍ରୀ ନିତ୍ୟାନନ୍ଦ ପାଲିତଙ୍କ ନିକଟରେ ଏବଂ ଆଧୁନିକ ନାଟକଗୁଡ଼ିକର ପ୍ରକାଶ ପାଇଁ ବ୍ରତୀ ହୋଇଥିବାରୁ ଶ୍ରୀ ନିତ୍ୟାନନ୍ଦ ଲାଲ ଗୁପ୍ତଙ୍କ ନିକଟରେ ମୁଁ କୃତଜ୍ଞ ।

ଯୁନିଅାଁ ୨୮-୯-୧୯୫୫
ବର୍ଦ୍ଧମାନ କମ୍ପାଉଣ୍ଡ
କଟକ—୩

ମନୋରଂଜନ ଦାସ

ପ୍ରଥମ ଅଙ୍କ

ଫାଲ୍‌ଗୁନୀଙ୍କର ଶୋଇବା ଘର । ଘରର ଗୋଟିଏ କଣକୁ ଦୁଗ୍ଧଫେନନିଭ ବିଛଣା—ଅନ୍ୟ କଣକୁ ଲେଖାଲେଖି ଟେବୁଲ । ଘରେ ବନ୍ଧୁବାନ୍ଧବ ବସି ପାରିଲା ଭଳି ଅନେକଗୁଡ଼ିଏ ଚୌକି । କାନ୍ଥର ସେଲ୍‌ଫରେ ବହି ଓ ଘରର କେତେକ ବ୍ୟବହାର୍ଯ୍ୟ ଉପକରଣ । ଫାଲ୍‌ଗୁନୀ ସାମାଜିକ ଅର୍ଥନୀତିର ଅଧ୍ୟାପକ । ଫାଲ୍‌ଗୁନୀ ବିଛଣା ଉପରେ ତକିଆକୁ ଉଗଦେଇ ଶୋଇଛନ୍ତି—ହାତରେ ପ୍ଲାଷ୍ଟର । ଟେବୁଲ ଉପରେ ଥୁଆ ହୋଇଥିବା ଟାଇପ୍ ମେସିନ ପାଖରେ ଗୁପ୍ତ ବାସୁ ବସି ଫାଲ୍‌ଗୁନୀଙ୍କ ଡିକ୍‌ଟେସନ ଉପରେ ଟାଇପ୍ କରିବାରେ ବ୍ୟସ୍ତ । ଫାଲ୍‌ଗୁନୀଙ୍କ ଦୁଇପାଖରେ ପରାମର୍ଶ ପାଇଁ କେତେଗୁଡ଼ାଏ ବହି ଅବିନ୍ୟସ୍ତ ଭାବେ ପଡ଼ିଛି ।

ଫାଲ୍‌ଗୁନୀ—କେତେ ଲେଖିଲ ?

ବାସୁ—ବମ୍ବାଅଣୀ

ଫାଲ୍‌ଗୁନୀ—ତା ଆଗରୁ ?

ବାସୁ—ପୁରୁଷମାନଙ୍କ ମଧ୍ୟରୁ······

ଫାଲ୍‌ଗୁନୀ—ପରିଚ୍ଛେଦ ଆରମ୍ଭରୁ ।

Digitized by srujanika@gmail.com

ବାସୁ—ଶତକେ ସ୍ତ୍ରୀ ଯେଉଁମାନେ ସମାଜରେ ଉଚ୍ଚ ଆସନ ପାଇଛନ୍ତି; ଯେଉଁମାନେ ନିଜକୁ ଖାଣ୍ଟି ଆଧୁନିକା ସୁନାବୋଲି ବହୁବାର ପ୍ରକାଶ କରିବାକୁ ଭୁଲି ନାହାଁନ୍ତି—ସେମାନଙ୍କ ମଧ୍ୟରୁ ଅଧାଅଧି ଇଚ୍ଛାକରି ହେଉ, ବା ପରିସ୍ଥିତିର ଚାପରେ ହେଉ, ଅବାଟକୁ ଗୋଡ଼ ଖସାଇଛନ୍ତି ଏବଂ ସେଇ ଅଧାଅଧି ଭିତରୁ ଶତକଡ଼ା ପଚାଶ ପେଶାଦାର ଭାବେ ଅନ୍ୟ ପୁରୁଷକୁ ନିଜର କରିବାରେ ବ୍ୟସ୍ତ । ପୁରୁଷ ଜୀବନର ଇତିହାସ ଆହୁରି ବିଚିତ୍ର । ଶତକେ ବିବାହିତଙ୍କ ମଧ୍ୟରେ ନବେରୁ ବେଶୀ ଅନ୍ୟ ନାରୀକୁ ଆକ୍ରମଣ କରିବାରେ ପାରଦର୍ଶିତା ଦେଖାଇଛନ୍ତି । ନୈତିକତାର ଏଇ ସୂକ୍ଷ୍ମ ଦିଗଟିକୁ ଛାଡ଼ିଦେଲେ ମଧ୍ୟ ଉଚ୍ଚ ସରକାରୀ କର୍ମଚାରୀ ଯେଉଁମାନେ ଆଇନ ଶୃଙ୍ଖଳା ରକ୍ଷିବା ପାଇଁ ନିଯୁକ୍ତ, ସେମାନଙ୍କ ମଧ୍ୟରେ ଶତକଡ଼ା ପଞ୍ଚାନବେ ଜଣ ପ୍ରଥମେ ଆଇନ ଭାଙ୍ଗନ୍ତି । ରାଜନୈତିକ କ୍ଷେତ୍ରରେ ଯେଉଁମାନେ ଆନ୍ତରାଷ୍ଟ୍ର-ସୀମା ସ୍ପର୍ଶ କରିଛନ୍ତି ସେମାନଙ୍କ ମଧ୍ୟରୁ ଶତକେରୁ ବୟାଅଶୀ···

ଫାଲ୍‌ଗୁନୀ—ବୟାଅଶୀ—

ବାସୁ—ସେଣ୍ଟକ ସାର ।

ଫାଲଗୁନୀ—ବୟାଅଶୀ ରାଜନୀତି କରୁଛନ୍ତି ବ୍ୟାଙ୍କ ବ୍ୟାଲେନ୍‌ସ ବଢ଼ାଇବା ପାଇଁ । ନିଜର ଭାଇ ବନ୍ଧୁ କୁଟୁମ୍ବ ଓ ପ୍ରିୟପ୍ରୀତିଙ୍କୁ ସରକାରୀ ଚାକିରୀରେ ପୂରାଇବାକୁ ବା ସରକାରୀ ସୁବିଧା ହାସଲ କରାଇବାକୁ ।

ବାସୁ—(ଫାଲଗୁନୀଙ୍କ ସହିତ ତାଳ ଦେଇ ନପାରି) ସାର··· ସାର···ସରକାରୀ—ସୁବିଧା—ହାସଲ କରିବାକୁ···

ଫାଲ୍‌ଗୁନୀ—କରାଇବାକୁ ।

Digitized by srujanika@gmail.com

ବାସୁ—(ବନାନ କରି କରି ଟାଇପ୍ ବାଡ଼ଉଇଲେ) କ-ଗ୍‌-ଇ-ବା-କୁ···

ଫାଲ୍‌ଗୁନୀ—ସମାଜର ସବୁ ସ୍ତରରେ ନୈତିକତା ଯେ ଅସ୍ୱାଭାବିକ ଭାବେ କ୍ଷୁଣ୍ଣ ହୋଇଛି ତା' ଆପଣମାନେ ଏଇ ବିବରଣୀରୁ ଅନୁମାନ କରିବେ । ଏସବୁ ଛାଡ଼ିଦେଲେ ମଧ୍ୟ, ସାମାଜିକ ଅର୍ଥନୈତିକ ସମସ୍ୟା ଜୀବନର ସ୍ୱଚ୍ଛନ୍ଦ ବିକାଶକୁ ପଙ୍ଗୁ କରି ଦେବାକୁ ଆରମ୍ଭ କଲଣି—ଗତ ଦଶ ବର୍ଷ ମଧ୍ୟରେ ଏ ଦେଶର ଲୋକ ସଂଖ୍ୟା ବଢ଼ିଛି, ଅଥଚ ଖାଦ୍ୟ ଉତ୍ପାଦନ କମିଛି । ବର୍ତ୍ତମାନ ପ୍ରଶ୍ନ ହେଉଛି ଖାଦ୍ୟ ବଢ଼ାଇବାକୁ ଚେଷ୍ଟା କରାଯିବ ନା ଲୋକ ସଂଖ୍ୟା କମାଇବାକୁ ଚେଷ୍ଟା କରାଯିବ ।

ବାସୁ—(ପ୍ରତିବାଦ ସ୍ୱରରେ) ସାର ଲୋକ ସଂଖ୍ୟା କମାଇବାକୁ ? (ବାହାରୁ "ସାର" ଡାକ ଶୁଣାଗଲା)

ଫାଲ୍‌ଗୁନୀ—ଭିତରକୁ ଆସନ୍ତୁ । (ପଶିଆସିଲେ ସୁମିତ୍ରା) ସୁମିତ୍ରା ! ଆଶ୍ଚର୍ଯ୍ୟ···ଅପ୍ରତ୍ୟାଶିତ ଭାବେ ?

ସୁମିତ୍ରା—ଶୁଣିଲି ହାତରେ ଜଖମ ହୋଇଛି ?

ଫାଲ୍‌ଗୁନୀ—ସାମାନ୍ୟ, କିଛି ନୁହେଁ । ଜଖମ କଥା ଶୁଣି ଆସିଲ ?

ସୁମିତ୍ରା—ନାଁ । ମୁଁ ଜାଣେ ଜଖମ ଏତେ ବେଶୀ ନୁହଁ । ଅଳ୍ପଦିନରେ ଭଲ ହୋଇଯିବ । ମୁଖବନ୍ଧ ନ କରି ସିଧା ସଳଖ କହେ, ଆଜି କାଲିଲେ ଆମ ଘରକୁ ଯାଇପାରିବ ?

ଫାଲ୍‌ଗୁନୀ—(ନିଜ ପ୍ଲାଷ୍ଟର ହାତକୁ ଲକ୍ଷ୍ୟ କରି) ଏତେ କମ ଆଘାତ ନୁହେଁ ସୁମିତ୍ରା ! ସୁଧାଂଶୁ କଣ ଆସି ପାରିବ ନାହିଁ ?

Digitized by srujanika@gmail.com

ସୁମିତ୍ରା—ତାଙ୍କୁ ସେଇଆ କହିବ ।
ଫାଲ୍‌ଗୁନୀ—ବସ, ଛୁଟ୍ଟା ହେଲ ଯେ—
ସୁମିତ୍ରା—ତା ପର ହୁଏତ କହିବ—"ସୁମିତ୍ରା...ଏକା ଏକା ପଢ଼ୁଛି, ଗୁଁ ଟିକେ କରି ଦେବନ ?"
ଫାଲ୍‌ଗୁନୀ—ସତେ ସୁମିତ୍ରା—ଗୁଁ ଟିକେ କରି ଦେବ ନ' ।
ସୁମିତ୍ରା—କେଜାଣି କାଣେ ଏଠୁ ଗୁଁ ଡିଆରି ନକରି ଫେରି ପାରୁ ନାହିଁ । (ସେ ହସି ହସି ଷ୍ଟୋଭ ଲଗାଇ ଗୁଁ ତିଆରି ଆରମ୍ଭ କଲେ)
ଫାଲ୍‌ଗୁନୀ—ଧର୍ମ୍ମ ହେବ ।
ସୁମିତ୍ରା—ମୁଁ ଧର୍ମ୍ମ ମାନେ ନାଁ ।
ଫାଲ୍‌ଗୁନୀ—(ବାପୁଙ୍କୁ ଲକ୍ଷ୍ୟ କରି) ବାପୁ...ଲେଖ...
ବାପୁ—ମୁଁ ଟିକେ ଯାଉ...
ଫାଲ୍‌ଗୁନୀ—କଣ ?
ବାପୁ—ବାହାରକୁ ଟିକେ ଯାଉ...
ଫାଲଗୁନୀ—ଶୀଘ୍ର ଆସ...(ବାପୁ ଚୁଲିଗଲେ) କଣ କହୁଲ ତୁ ଧର୍ମ୍ମ ମାନ ନାଁ ? ନହେଲେ ବା ଧର୍ମ୍ମ—ବଦଳରେ ସେବା କରିବା ନୈତିକ ଜୀବନରେ...
ସୁମିତ୍ରା—ପୁଣି ସେଇ ନୈତିକ ଜୀବନ ? ସେବାର ଅର୍ଥ କ'ଣ ? ତୁମେ ସେବା କହୁ ଯେଉଁଥିରେ ମାତର ଗୁପ ଦେଉଛ ମୁଁ ହୁଏ ତ କହିବି—ତା ଏକ ଆବଶ୍ୟକତା । କେହି ନାହାନ୍ତି ଗୁଁ ଟିକେ କରିଦେଲି—ସେବାର ପ୍ରଶ୍ନ କାହିଁ ଏଠି...ଓ... ତୁମେ ଭାବୁଛ ପର ଆଉ କଏ ଏଠିଥିଲେ ମୁଁ ଗୁଁ କରି ସେବାର ଗୌରବ ନେଇଥାନ୍ତି । ...ନାଁ ନାଁ...ସୁମିତ୍ରା ଅନ୍ତତଃ ସେ ସ୍ତରର ଝିଅ ନୁହେଁ ।

Digitized by srujanika@gmail.com

ଫାଲ୍‌ଗୁନୀ—କଥା ଖେଳରେ—ତୁ’ କଥା ଭୁଲିଯାଉନା ତ ?

ସୁମିତ୍ରା—(କ୍ଷୋଭରେ ଆଙ୍ଗୁଠିକେ ଚାପ ଦେଇ) ବାସ୍ତବିକ ଫାଲ୍‌ଗୁନୀ ମୁଁ “ସହଜାତ କର୍ମ ବନ୍ଧନ” ଶବ୍ଦକୁ ଘୃଣାକରେ ।

ଫାଲ୍‌ଗୁନୀ—ସହଜାତ କର୍ମ ବନ୍ଧନ—(ଭାବ ଭାବ) ସହଜାତ କର୍ମବନ୍ଧନ···

ସୁମିତ୍ରା—(ଅସନ୍ତୁଷ୍ଟ ଭାବରେ) ଆଃ, ବଢ଼େଇର ପୁଅ ବଢ଼େଇ ହେବ—ଧୋବାର ପୁଅ ଧୋବା ହେବ—ପୁରୁଷର ପୁଅ ପୁରୁଷ ହେବ—ନାରୀର ଝିଅ ନାରୀ ହେବ ।

ଫାଲ୍‌ଗୁନୀ—ଅବୋଧରୁ ଅବୋଧତର ହେଲ ?

ସୁମିତ୍ରା—ମାନେ, ନାରୀ ହାଣ୍ଡିଶାଳ ଆଦରିଛନ୍ତି ତେଣୁ ହାଣ୍ଡିଶାଳ ଆଦରିବା ନାରୀର ସହଜାତ କର୍ତ୍ତବ୍ୟ ବୋଲି ମୁଁ ଧରି ନେବାକୁ ଘୃଣା କରେ । ସେ ହୁଏ ତ ହାଣ୍ଡିଶାଳର ଦ୍ୱାର ପର୍ଯ୍ୟନ୍ତ ନ ମାଡ଼ି ହସ୍‌ପିଟାଲର ଡାକ୍ତର ହେବ ବା ବାଣିଜ୍ୟମିସ୍ତ୍ରୀ ବିଭାଗର ଇଞ୍ଜିନିୟର ହେବ । ଜାଣ ଫାଲ୍‌ଗୁନୀ ସେଇଥିପାଇଁ ମୁଁ ହାଣ୍ଡିଶାଳ ଛୁଏଁନା···କିନ୍ତୁ କଥା କ’ଣ ଜାଣିଛ—କଥା ଖେଳରେ ତୁ’ କଥା ଭୁଲିଯିବ ବୋଲି ଯେଉଁ ଆକ୍ଷେପ କଲ ତା’ ହୁଏ ତ ହେବନି ।

ଫାଲ୍‌ଗୁନୀ—କାହିଁକି ?

ସୁମିତ୍ରା—ହାଣ୍ଡିଶାଳ ଛୁଏଁନା ସତ । କିନ୍ତୁ ପରମ୍ପରା ତ ଗୋଟାଏ ଅଛି । ସେଥିପାଇଁ, ତୁ’ ତଥାପି ପ୍ରଭୃତ ଜୀବନରେ ପ୍ରସ୍ତୁ କରି ନ ଥିଲେ ମଧ୍ୟ ସେ ଦିଗ ପ୍ରତି କେମିତି ଗୋଟାଏ ଅଦୃଶ୍ୟ ଜ୍ଞାନ ରହିଛି । ହୁଏତ ବହୁ ବର୍ଷ ଧରି ନାରୀ ଜାତି ସେ ବିଭାଗରେ ଯେଉଁ ଅଭିଜ୍ଞତା ଓ ପରମ୍ପରା ସୃଷ୍ଟି କରିଛି ମୋର ଅନିଚ୍ଛା ସତ୍ତ୍ୱେ ତା’ର ପ୍ରଭାବ ମୋ ଉପରେ ରହିଛି ।

Digitized by srujanika@gmail.com

(ମୁଁ ତିଆରି ସରିଥାଏ) ଖା' ତ ଦେଖି । କେମିତି ହୋଇଛି ?

ଫାଲ୍‌ଗୁନୀ—ସାମାନ୍ୟ ଶିଷ୍ଟାଚାର ବି ଭୁଲି ଯାଉଛ ? ମୋ' ଘରେ ଅତିଥି ମୁଁ ନୁହେଁ ତୁମେ ।

ସୁମିତ୍ରା—କିନ୍ତୁ ଅନାମନ୍ତ୍ରିତା ।

ଫାଲ୍‌ଗୁନୀ—କିନ୍ତୁ ଯଦି ନିମନ୍ତ୍ରଣ ପୂର୍ବରୁ ଆସି ପହଞ୍ଚିଯାଇଛ ।

ସୁମିତ୍ରା—ତା'ହେଲେ ଧରିନେବି ମନ୍ତ୍ରିତ୍ୱଗ୍ରହଣ ଫାଲ୍‌ଗୁନୀ ଦାସଙ୍କୁ ମିଥ୍ୟା, ସାଧାରଣ ଅପେକ୍ଷା ବେଶୀ କବଳିତ କରିଛି ।

ଫାଲ୍‌ଗୁନୀ—(ହସି ହସି) ପାରିବେନି ତୁମକୁ ସୁମିତ୍ରା । ସିଧା ସଳଖ କହୁଛି ନିଜେ କଲେ ଖା' ଅନ୍ତତଃ ଅପବିତ୍ର ତ ହୋଇ ଯିବ ନାହିଁ ।

ସୁମିତ୍ରା—(ହସି ହସି ଆଉ ଗୋଟିଏ କପ୍ ନିଜେ ଧରି) ନାଁ ନାଁ କେବେ ନୁହେଁ ।

ଫାଲ୍‌ଗୁନୀ—କାହିଁକି ସୁଧାଂଶୁ ଡାକି ପଠାଇଥିଲା ତ କହିଲ ନାହିଁ ?

ସୁମିତ୍ରା—ତାଙ୍କ କଥା ମୁଁ କେମିତି କହିବ ?

ଫାଲ୍‌ଗୁନୀ—ବାଃ କିଛି କହିବ ନାହିଁ, ଖାଲି ଆସିଲ ଆଉ ଚାଲିଯିବ ।

ସୁମିତ୍ରା—ନିହାତି ଯଦି ମୋଠାରୁ କିଛି ଶୁଣିବାକୁ ଆଗ୍ରହାନ ତ ତା'ହେଲେ—ତା'ହେଲେ···

ଫାଲ୍‌ଗୁନୀ—କୁହ···ଅଟକି ଯାଉଛ ଯେ ।

ସୁମିତ୍ରା—କହିବି ତା'ହେଲେ ?

ଫାଲ୍‌ଗୁନୀ—ହଁ, କୁହ···

Digitized by srujanika@gmail.com

ସୁମିତ୍ରା—(ଫାଲ୍‌ଗୁନୀକୁ ଯାଇଁ) କଣ୍ଠହାର ତଳେ ତୁମ ବୋଉଙ୍କ ସହିତ ଆକସ୍ମିକ ଭାବେ ଦେଖା ହୋଇଥିଲା ।

ଫାଲ୍‌ଗୁନୀ—ସତେ ! କ'ଣ ହେଲା ?

ସୁମିତ୍ରା—କଥା ଛଳରେ ବୋଉ ତୁମର ମତେ କହିଲେ "ମୋ ଘରକୁ ବୋହୂ ହୋଇ ଆସିଲେ ଘର ମୋର ପୂରିଯିବ ।" ତାପରେ ପଚାରିଲେ "ଆସିବୁନି' ମା ?"

ଫାଲ୍‌ଗୁନୀ—କ'ଣ କହିଲ ତୁମେ ?

ସୁମିତ୍ରା—ମନେ ମନେ ଭାବୁଥାଏ ସ୍ପଷ୍ଟ ଉତ୍ତର ହୁଏତ ତାଙ୍କୁ ନ ଦେଇ ତୁମକୁ ହିଁ ଦେବି ।

ଫାଲ୍‌ଗୁନୀ—ବର୍ତ୍ତମାନ ସେ ଉତ୍ତର ଦେଉଛ ବୋଧେ ।

ସୁମିତ୍ରା—(ଆଗ୍ରହ ସହକାରେ) ଦେଉଛି ।

ଫାଲ୍‌ଗୁନୀ—ତାହେଲେ ଆସୁଛ ଆମ ଘରକୁ ବୋହୂ ହୋଇ ?

ସୁମିତ୍ରା—(ଗୃହିଣୀ ସଜଥାଏ-କପ୍‌ଗୁଡ଼ାକ ସଜାଡ଼ି ରଖୁ ରଖୁ) ଦୁଃଖିତ ଫାଲ୍‌ଗୁନି, ଆସିପାରୁନି । ତୁମେ ତ ଜାଣ ବିବାହର ବନ୍ଧନକୁ ମୁଁ ଘୃଣା କରେ । ବିବାହ କ'ଣ ଜୀବନର ପରିଣତି ନୁହେଁ ? ଇଭ୍ ଆଉ ଆଦାମ୍ ଯୁଗରେ କାହିଁଥିଲା ବିବାହ ? କିନ୍ତୁ ତା ବୋଲି ନାରୀ ପୁରୁଷର ବାସ୍ତୋଲିକତାକୁ ଆବଶ୍ୟକତାକୁ ଅସ୍ୱୀକାର କରେନାହିଁ । ଅନ୍ତତଃ ରକ୍ତ-ମାଂସର ମଣିଷ ହୋଇ ଅନ୍ୟକୁ ପ୍ରତାରିତ କରିବା ଉଦ୍ଦେଶ୍ୟରେ ସାଧୁ ସାଜିବାର ଧୈର୍ଯ୍ୟ ମୋର ନାହିଁ ।

ଫାଲଗୁନୀ—କଣ କହୁଚୁ ସୁମିତ୍ରା !

ସୁମିତ୍ରା—ସତେ ଫାଲଗୁନୀ ତୁମ ବୋଉଙ୍କ ଆଶା ମୁଁ ପୂର୍ଣ୍ଣ କରି ପାରୁ ନାହିଁ—ତୁମର ସ୍ତ୍ରୀ ମୁଁ ହେଉ ନାହିଁ । କିନ୍ତୁ ତା ବୋଲି ତୁମ ବୋଉଙ୍କୁ ମୁଁ ନିରାଶ କରୁନାହିଁ—ଅନ୍ତତଃ

Digitized by srujanika@gmail.com

ତାଙ୍କୁ ମୁଁ ଏକ ସନ୍ତାନ ଉପହାର ଦେଇପାରେ । ସତେ ଫାଲ୍‌ଗୁନ ଏକ ସୁସ୍ଥ ସବଳ ଶିଶୁର ପିତା ହେବାପାଇଁ ତୁମର ଯଥେଷ୍ଟ ବିଚକ୍ଷଣତା, ବୁଦ୍ଧି, ଶକ୍ତି ଆଉ ସ୍ୱାସ୍ଥ୍ୟ ଅଛି ।

ଫାଲ୍‌ଗୁନୀ—ଏଠି ନ ରଖି କାଂକେର ସାନଟୋରିଏମକୁ ତୁମକୁ ପଠାଇ ଦେବାକୁ ମୁଁ ସୁଧାଂଶୁକୁ ପରାମର୍ଶ ଦେବି ।

ସୁମିତ୍ରା-ତାହା ଦେବ । ଜାଣନ୍ତି ଫାଲ୍‌ଗୁନ ପ୍ରଥମ, ଥର ପାଇଁ ଯେ ଦୃଢ଼ତାର ସହିତ ପ୍ରକାଶ କରିଥିଲେ ପୃଥିବୀ ସୂର୍ଯ୍ୟଙ୍କ ଚାରି ପାଖରେ ଘୂରୁଛି ବୋଲି, ତାଙ୍କୁ ମଧ୍ୟ ନିର୍ବାସନ ସହ୍ୟ କରିବାକୁ ପଡ଼ିଥିଲେ । ଆଜ୍ଞା ଆସେ ମୁଁ ···ବିଶ୍ୱାସ ରଖ, ଭାଇଙ୍କ ପାଖେ ତୁମ ଖବର ପହଞ୍ଚାଇବାରେ ତ୍ରୁଟି ହେବନି କେବେ । (ସେ ଉତ୍ତର ପ୍ରତ୍ୟାଶା ନ କରି ଚାଲିଗଲେ) ।

ଫାଲ୍‌ଗୁନୀ—ସୁମିତ୍ରା, ସୁମିତ୍ରା ଶୁଣ (ସୁମିତ୍ରା ଶୁଣିଲେ ନାହିଁ । ଫାଲ୍‌ଗୁନୀ ଉଠି ଦ୍ୱାର ପର୍ଯ୍ୟନ୍ତ ଯାଇ ଡାକିଲେ) ବାସୁ, ବାସୁ—(କେହି ନ ଶୁଣିବାରୁ) ଆଶ୍ଚର୍ଯ୍ୟ··· (ତାପରେ ସେ ଯାଇଁ ବାସୁ ଟାଇପ ଅଧା ରଖିଥିବା କାଗଜ ଆଣି ଆରାମ ଚେଆରରେ ବସି ପଢ଼ିଲେ—କିଛି ସମୟ ପରେ ଖବର କାଗଜ ପଢ଼ୁ ପଢ଼ୁ ପଶି ଆସିଲେ ବାସୁ)

ଫାଲ୍‌ଗୁନୀ—ଆମ କାଗଜଟା ଆସିଲ ? ଖବର କଣ ?

ବାସୁ—(କାଗଜ ବଢ଼ାଇ ଦେଇ ଦେଇ) ସାର ଆମ ରାଷ୍ଟ୍ରରେ ନିର୍ବାଚନ ହେଉନାହିଁ ।

ଫାଲ୍‌ଗୁନୀ—ନିର୍ବାଚନ ହେଉନାହିଁ । କିଏ ତୁମକୁ ଏ ବାଜେ ଖବର ଦେଲା ।

Digitized by srujanika@gmail.com

ବାସୁ—ନାଁ ସାର, ମୁଖ୍ୟମନ୍ତ୍ରୀଙ୍କ ଇସ୍ତାହାର ବାହାରିଛି (କାଗଜ କାଢ଼ି ପଢ଼ିଲେ)......ମୁଖ୍ୟମନ୍ତ୍ରୀ ସାଧାରଣ ନିର୍ବାଚନକୁ ଅନିର୍ଦ୍ଦିଷ୍ଟ ସମୟପାଇଁ ଘଞ୍ଚାଇ ଦେବାକୁ ଦୃଢ଼ ସଙ୍କଳ୍ପ ।

ଫାଲ୍‌ଗୁନି—ନିର୍ବାଚନ ପାଇଁ ସବୁ ଯୋଗାଡ଼ କରି ହଠାତ୍ ଏପରି ସିଦ୍ଧାନ୍ତ କରିବାର କାରଣ ? (ସେ କାଗଜଟା ନେଇ ହୁଁ ହୁଁ ହୋଇ ପଢ଼ିବାକୁ ଆରମ୍ଭ କଲେ କଣ୍ଠସ୍ୱର ହଠାତ୍ ଅସ୍ପଷ୍ଟରୁ ସ୍ପଷ୍ଟତର ହୋଇ ଉଠିଲା) ଆଜି ଚାରି ଆଡେ ଖାଦ୍ୟ, ବସ୍ତ୍ର ସଙ୍କଟ ଦେଖା ଦେଇଛି । ତଥାପି ଆମ ସରକାର ଦୃଢ଼ ଗଣତାନ୍ତ୍ରିକ-ପ୍ରାପ୍ତ-ବୟସ୍କ ଭୋଟ ଭିତ୍ତିରେ 'ନିର୍ବାଚନ ଚଳାଇବାକୁ ସ୍ଥିର କରିଥିଲେ । ସରକାରଙ୍କ ସାଧୁ ନୀତିକୁ ଅନେକ କୋହଳ ନୀତି ମନେକରି ରାଷ୍ଟ୍ରସାରା ବିପ୍ଳବର ସୂତ୍ରପାତ କରୁଛନ୍ତି । ଆନ୍ତର୍ଜାତିକ ଜଟିଳ ପରିସ୍ଥିତି ଓ ରାଷ୍ଟ୍ରାଭ୍ୟନ୍ତରୀଣ ବିପ୍ଳବ ଓ ହିଂସାକାଣ୍ଡ ଦୃଷ୍ଟିରୁ ସରକାରଙ୍କର ଶ୍ରେଷ୍ଠ ନୀତି ହେଉଛି, ଅନିର୍ଦ୍ଦିଷ୍ଟ କାଳ ପାଇଁ ସାଧାରଣ ନିର୍ବାଚନ ବନ୍ଦ ରଖିବା । (ବାସୁ ମୁହଁକୁ ଅନାଇଲେ)

ବାସୁ—ସାର ଆପଣ ଏ ନୀତିକୁ...

ଫାଲ୍‌ଗୁନି—ରାଜନୀତି ଦୃଷ୍ଟିରୁ କେବେ ମୁଁ ଏ ପ୍ରଶ୍ନର ବିଚାର କରିନାହିଁ । ମୋର ବିଶ୍ୱାସ ଜନସାଧାରଣଙ୍କୁ ବଞ୍ଚିବାକୁ ହେଲେ ସେମାନେ ନିଜେ ନିଜକୁ ବଞ୍ଚାଇବାକୁ ପଡ଼ିବ ।

ବାସୁ—ସାର !

ଫାଲ୍‌ଗୁନି—ତୁମେ ନାଁ ବାସୁ ବର୍ତ୍ତମାନ ଏକ୍‌ଟେନସନ ନେଉଥିଲ ? ଦେଶର ନୈତିକ ସ୍ତର କିପରି ନିମ୍ନଗାମୀ ହୋଇଯାଉଛି ତା' କଣ ତୁମେ ଲକ୍ଷ୍ୟ କରି ପାରିଲ ନାହିଁ ? ଗୋଟାଏ ଆଡେ଼ ଖାଦ୍ୟ ଉତ୍ପାଦନ ଦ୍ରୁତ ନିଶ୍ଚିତ ଭାବେ କମି ଯାଉଛି,

Digitized by srujanika@gmail.com

ଅନ୍ୟ ଦଗରେ ଜନସଂଖ୍ୟା ନିର୍ବିକାର ଭାବରେ ବଢ଼ିଚାଲିଛି ।
କାହିଁ ଯାର ସମାଧାନ ? ଶସ୍ତା ରାଜନୀତି ଅପେକ୍ଷା ଦେଶର
ଏଇ ସମସ୍ୟାହିଁ ମୋ ଦୃଷ୍ଟିରେ ବେଶୀ ଗୁରୁତ୍ୱପୂର୍ଣ୍ଣ ।
(ଫେରିଆସିଲେ ସୁଧାଂଶୁ) ଆରେ ସୁଧାଂଶୁ...ସୁପ୍ରଭାତ ।

ସୁଧାଂଶୁ—ଏ ଦେଶରେ ସୂର୍ଯ୍ୟ ଆତ୍ମହତ୍ୟା କରିବାକୁ ପଡ଼ୁଛି ଫାଲ୍‌ଗୁନ, କାହିଁ ସୁପ୍ରଭାତ ? ତଥାପି ସୁପ୍ରଭାତ ଫାଲ୍‌ଗୁନ—, ସେଇ ଆଗାମୀର ଆଶାରେ ସୁପ୍ରଭାତ !

ଫାଲ୍‌ଗୁନୀ—ସୁମିତା ଆସିଥିଲେ, ତା ପର ହଠାତ୍ ତୁ ?

ସୁଧାଂଶୁ—ଫାଲ୍‌ଗୁନ, ମୋର ଆଜ ବହୁତ କହିବାକୁ ଅଛି ।

ଫାଲ୍‌ଗୁନୀ—ଆଗ ବସନା ? ବସ, ଥଣ୍ଡାହ—ମୋ କଥାଶୁଣ-

ସୁଧାଂଶୁ—(ଅସହିଷ୍ଣୁ ଭାବରେ) ନାଁ ନାଁ, ମୁଁ ଆଜ କଛି ଶୁଣିବ ନାହିଁ—ମୁଁ ଖାଲି ଆଜ କହି ଯିବାକୁ ଆସିଛି । ତୁ ଜାଣୁ ବର୍ତ୍ତମାନ ଦେଶର ଶାସନ କ ଦୁର୍ଦ୍ଦଶାଗ୍ରସ୍ତ ପରିସ୍ଥିତିରେ ଆସି ପହଞ୍ଚିଲାଣି ।

ଫାଲ୍‌ଗୁନୀ—ସେତ ଖବର କାଗଜରେ ବାହାରୁଛି ।

ସୁଧାଂଶୁ—(ଦୁଃଖର ସହିତ) କେଉଁଠି ବା ବାହାରୁଛି ଫାଲ୍‌ଗୁନ । ଯାହା ବାହାରୁଛି ତା'ର ଶହେଗୁଣ ଖବର ସରକାରୀ ସେନ୍‌ସର ବୋର୍ଡ ତଳେ ରହି ଯାଉଛି । ନାଁ ନାଁ...ଶାସନ ବଧାନର କଥା କହନାଁ । ବାକ୍ୟର ସ୍ୱାଧୀନତା, ମତପ୍ରକାଶର ସ୍ୱାଧୀନତା କଥା କହନା । ରାଜନୈତିକ ଚେତନାବିହୀନ ଜନତାକୁ ପ୍ରବଞ୍ଚନା କରିବାକୁ ମୌଳିକ ସ୍ୱାଧୀନତାର ଅବତାରଣା କରାଯାଇଛି । କିନ୍ତୁ ତୁ କଣ ଜାଣୁନା ଫାଲ୍‌ଗୁନ ଏ ଦେଶର ଶହ ଶହ ଖାଦ୍ୟାଭାବରେ ମରୁଥିବାବେଳେ ଖବର କାଗଜରେ ବାହାରେ—ମ୍ୟାଲେରିଆରେ ମରିଛନ୍ତି

Digitized by srujanika@gmail.com

ପାଞ୍ଚ ଜଣ ବା ସାତ ଜଣ । ଆଉ ଲଜ୍ଜାହୀନ ଭାବେ ସରକାରୀ ମନ୍ତ୍ରୀ ଇସ୍ତାଫାର ଦାଅନ୍ତି ଏଥିରେ ଆନ୍ଦୋଳନ କରିବା ବା ବିଚଳିତ ହେବାର କିଛି କାରଣ ନାହିଁ ।

ଫାଲ୍‌ଗୁନୀ—ସୁଧାଂଶୁ… !

ସୁଧାଂଶୁ—ଫାଲ୍‌ଗୁନ, କ୍ଷୁଣ୍ଣ ହରନ୍ତୁ ଜନତା ଅଜି ପିଷ୍ଟ ହେବାକୁ ଯାଉଛି । ସେ ଅତ୍ୟାଚାରିତ ଜନତା କ'ଣ ଏ ଦେଶର ପ୍ରଗତିକାମୀ ଯୁବକଠାରୁ ସାହାଯ୍ୟ ପାଇବ ନାହିଁ ?

ଫାଲ୍‌ଗୁନୀ—କିଏ ଅସ୍ୱୀକାର କରେ ?

ସୁଧାଂଶୁ—ଚାରିଆଡ଼େ ଆଜି ଅତ୍ୟାଚାର, ଶିକାର, ବସ୍ତ୍ରନାହିଁ, ଅନ୍ନନାହିଁ, ଅନ୍ଧକାର—ଚାରିଆଡ଼େ ଖାଲି ଅନ୍ଧକାର ଆଉ ଶୋଷଣର ତାଣ୍ଡବ—ଧନକର ଶୋଷଣ—ପଙ୍ଗପାଳ ପରି ସମାଜକୁ ଘେରି ରହିଛନ୍ତି ସେମାନେ—ସେ ପାଞ୍ଚଗାଁଇଟର ଗୋଷ୍ଠୀ ଯୋଜକଙ୍କ ପରି ସମାଜର ଶେଷ ବିନ୍ଦୁ ଟିକକ ଲୋପ କରିବାକୁ ବସିଲେଣି ।

ଫାଲ୍‌ଗୁନୀ—ସବୁତ ଜାଣେ, ସିଧା ସିଧା କହ ।

ସୁଧାଂଶୁ—ଅଥଚ ଏ ନିର୍ଲ୍ଲଜ ସରକାର ଦେଶର ଭବିଷ୍ୟତ, ସମାଜର ସ୍ୱାର୍ଥକୁ ପ୍ରତି ମୁହୂର୍ତ୍ତରେ ନିଲାମ କରୁଛି ସେଇମାନଙ୍କ ପାଦତଳେ । ଆଜି ମୁଖ୍ୟମନ୍ତ୍ରୀଙ୍କ ଇସ୍ତାଫାର ଦେଖୁଛତ ?

ଫାଲ୍‌ଗୁନୀ—ଦେଖିଛି । ଅନିର୍ଦ୍ଦିଷ୍ଟ କାଳ ପାଇଁ ନିର୍ବାଚନ ଘୁଞ୍ଚାଇ ଦେବାକୁ ଚାହାନ୍ତି ।

ସୁଧାଂଶୁ—ଏ କଣ ଦେଶ ପାଇଁ ଶାସକ ଦଳର ବିଶ୍ୱାସଘାତକତା ନୁହେଁ ? ଦେଶର ଦୁର୍ଦ୍ଦିନରେ ଆବଶ୍ୟକ ପଡ଼ୁଛି, ଦେଶ ବାସୀଙ୍କର କେଉଁମାନଙ୍କ ଉପରେ ବିଶ୍ୱାସ ଅଛି ।

Digitized by srujanika@gmail.com

ଫାଲ୍‌ଗୁନି—ଦେଶବାସୀଙ୍କ କଥା କହନ୍ତି ନାହିଁ । ରାଜନୀତିରେ ଦଳର ଲଢ଼ାଇ ଅପେକ୍ଷା ବାସ୍ତବ ଜୀବନରେ ସେଇମାନେହିଁ ମତେ ସବୁଠାରୁ ଚିନ୍ତିତ ରଖିଛନ୍ତି ।

ସୁଧାଂଶୁ—ଜାଣେ ଫାଲ୍‌ଗୁନି, ସମାଜର ସେଇ ବର୍ଗ ପ୍ରତି ତୋର ସବୁଠାରୁ ଦୃଷ୍ଟି ବେଶୀ । ସେଇଥିପାଇଁ ଦେଶର ଅଧିକାଂଶ ଯୁବକ 'ସ୍ୱାତନ୍ତ୍ର୍ୟ' ଆନ୍ଦୋଳନର ଦଳଭୁକ୍ତ ହୋଇଥିଲେ ମଧ୍ୟ ତୁ ନିଜକୁ ପୃଥକ ରଖି ଗଢ଼ିଛୁ 'ସଂଗଠନ' । କିନ୍ତୁ କଥା କଣ ଜାଣୁ, ଯେ ପର୍ଯ୍ୟନ୍ତ ଶୋଷକ ଶ୍ରେଣୀ ସମାଜର ଛାତି ଉପରେ ବସି ରହିଛନ୍ତି, ସେ ପର୍ଯ୍ୟନ୍ତ ଜୀବନ କାହିଁ ଯେ, ଜୀବନକୁ ଦେଖିବା ଆମେ ଅନ୍ୟ ଏକ ଦୃଷ୍ଟିରେ ? ଫାଲ୍‌ଗୁନି, ଏ 'ସ୍ୱଦେଶପାର୍ଟି' ସରକାରର ସମାଜର ନୁହେଁ ଏ ହେଉଛି···ପୁଞ୍ଜିପତିର, ଧନୀର ?

ଫାଲ୍‌ଗୁନି—ଦେଶର ଅଗ୍ରଗତିରେ ବାଧାପାଇଁ ମୋର ଭୟ କାହାକୁ ଜାଣିଛୁ, ତୋର ପୁଞ୍ଜିପତି ରାଜା ଜମିଦାର ବା ଧନୀଙ୍କୁ ନୁହେଁ । ସେମାନଙ୍କର ମୌରସୀ ପାଞ୍ଜିରେ ବାଜ୍ୟାପ୍ତିର ଶେଷ ସ୍ୱାକ୍ଷର ବସି ସାରିଲାଣି । ବିଲୋପ ସେମାନଙ୍କର ଅନିବାର୍ଯ୍ୟ । ମୋର ଭୟ କାହାକୁ ଜାଣିଛୁ ? ମୋର ଭୟ ଏ ଦେଶର ଶହ ଶହ ଯୁବକମାନଙ୍କୁ ଯେଉଁମାନେ ବାହାରେ ସ୍ଫୂର୍ତ୍ତି ଦେଖାଇଲେ ମଧ୍ୟ ନିଜର ଦାରିଦ୍ର୍ୟ ନିଜେ ଜାଣନ୍ତି ନାହିଁ—ମୋର ଭୟ ଏ ଦେଶର କୁଶିକ୍ଷାକୁ; ଏ ଦେଶର ନୈତିକ ଅଧଃପତନକୁ । ସୁଧାଂଶୁ, ତୁ ଯଦି ଦେଶର ସର୍ବୋଚ୍ଚ ଶାସନକର୍ତ୍ତା ହେଉ କଣ କରି ପାରିବୁ ନାରୀର ନାରୀତ୍ୱ ରକ୍ଷା କରିବାକୁ, ଯଦି ଦେଶର ଅଧିକାଂଶ ନିଜର ପଡ଼ୋଶୀର ସ୍ତ୍ରୀକୁ ପ୍ରଲୁବ୍ଧ କରିବାକୁ

Digitized by srujanika@gmail.com

ବ୍ୟସ୍ତ ହୁଅନ୍ତୁ । ଆମେ ସ୍ୱାଧୀନ, ସ୍ୱାଧୀନତା ଗ୍ରହଣ କଲାଭଳି ଏକ ସ୍ତରରେ ପ୍ରଥମେ ପହଞ୍ଚିବା ଆବଶ୍ୟକ ।

(ବାଣ୍ଡରେ ମଟରକାରର ହର୍ଣ୍ଣ ଶୁଣାଗଲା । ସମସ୍ତେ କାନ ଡେରିଲେ) ସୁତ୍ତ, ଆସିବାର କାରଣ ତ ଏବେ ବେଳଯାକେ କହିଲୁ ନାହିଁ ।

ସୁଧାଂଶୁ—'ପ୍ରାପ୍ୟଗୃହ' ତରଫରୁ ଆସିଛୁ 'ସଂଗଠନ' ସଂଗଠକଙ୍କ ନିକଟରୁ ପ୍ରାପ୍ୟ ଆଦାୟ କରିବାକୁ ।

(ପୁଣି ଭୁହାଇ ଭୁହ'ଇ ମଟର ହର୍ଣ୍ଣ)

ଫାଲ୍‌ଗୁନୀ—(ସୁଧାଂଶୁକୁ ହତାପଣ୍ଡ ଆଖିରେ ଚାହିଁ) ପ୍ଲିଜ...

(ସୁଧାଂଶୁ ବୁଝିପାରି ଉଠିଗଲେ ଓ କିଛି ସମୟପରେ ଫେରିଆସି)

ସୁଧାଂଶୁ—ଜଣେ ଭଦ୍ର ମହିଳା ।

ଫାଲ୍‌ଗୁନୀ—ଭଦ୍ରମହିଳା !

ସୁଧାଂଶୁ—ଏଇଟା ତୋର ଠିକଣା କି ବୁଝିଁ ସେ ସାଙ୍ଗ କରିନେବା ପରେ ମୁଁ ତାକୁ କହିଲି "ତୁହନ୍ତୁ ଫାଲ୍‌ଗୁନୀକୁ ପଚାରିଆସେ ଆପଣଙ୍କର ଉପସ୍ଥିତି ତାର ଯଦି ଅପ୍ରତ୍ୟୋ-ଜନୀୟ ହୋଇ ନ ଥାଏ ତ..."

ଫାଲ୍‌ଗୁନୀ—ଛି, ଭଦ୍ରମହିଳାଙ୍କୁ ବାହାରେ ରଖି...

ସୁଧାଂଶୁ—ବାଃ ବାର୍ତ୍ତାବହର କର୍ତ୍ତବ୍ୟ ପାଳନ କରିବାକୁ ଯାଇଁ ଯଦି ଦୋଷ ହେଲା, ହେଲା ବା ଏବେ । ଭିତରକୁ ଡାକ ଦେଉଛି ।

(ସେ ବାହାରକୁ ଚାଲିଗଲେ ଓ କିଛି ସମୟ ପରେ ବନାନୀଙ୍କ ସହିତ ଫେରି ଆସିଲେ)

Digitized by srujanika@gmail.com

ସୁଧାଂଶୁ (ପରିଚୟ କରାଇ ଦେଲେ)—ଶ୍ରୀଯୁକ୍ତ ଫାଲ୍‌ଗୁନୀ ଦାସ···

ବନାନୀ—(ପ୍ରଣାମ କଲେ)

ଫାଲ୍‌ଗୁନୀ—ବନ ନ !

ବନାନୀ—ବହୁତ ଜାଗା ବୁଲାଲଣି—ଟାକସି ଡ୍ରାଇଭରଟା ଘରର ଠିକଣାଟା ବ ବାହାର କରି ପାରିଲାନାହିଁ । ଭାଗ୍ୟକୁ ବାପା ଯଦି ଏ ଟ୍ୟାକ୍‌ସିରେ ଆସିଥାନ୍ତେ କେତେ ଯେ ବିରକ୍ତ ହୋଇଥାନ୍ତେ ।

ଫାଲ୍‌ଗୁନୀ—ଭାଇ ଆସିଥାନ୍ତେ ? କଣ କହୁଛ ତୁ ? ଏକା ଆସିଲୁ ?

ବନାନୀ—ହାତ ଭାଙ୍ଗି ଏଣେ ଏତେ କାଣ୍ଡ ଖବର ଟିକିଏ ବ ପଠାଇଲ ନାହିଁ । ବାପା କେଉଁଠୁ ଖବର ପାଇ ମହାବ୍ୟସ୍ତ, ସଙ୍ଗେ ସଙ୍ଗେ କହିଲେ ଚାଲ ବନାନୀ ।

ଫାଲ୍‌ଗୁନୀ—(ବିଚଳିତ ହୋଇ) ଭାଇ ଆସିଛନ୍ତି ?

ବନାନୀ—ଷ୍ଟେସନରେ ପ୍ରହ୍ଲାଦଙ୍କୁ ହିଜ୍ ଏକ୍‌ସେଲେନ୍‌ସିଙ୍କଠାରୁ କଣ ଏକ ଜରୁରୀ ଚିଠି ପାଇଲେ । ତାପରେ ମୁଁ ଏଠିକି ଆସିଲି ସେ ବାଧ୍ୟ ହୋଇଗଲେ ହିଜ୍ ଏକ୍‌ସେଲେନ୍‌ସିଙ୍କ କୋଠିକୁ । କିଏ ଜାଣେ ବାପା ଆସିଲାବେଳେ ଏ ଘରଖୋଜି ଖୋଜି ବିରକ୍ତ ନ ହେବେ ।

ଫାଲ୍‌ଗୁନୀ—ତୁମେ ଆସିଲ, ଗୋଟାଏ ଟେଲିଗ୍ରାମ ତ କରି ପାରିଥାନ୍ତ ?

ବନାନୀ—ତୁମର ହାତ ଭାଙ୍ଗି ଏତେ ସରିହେଲା ବାପାଙ୍କୁ ତ ଜଣାଇ ପାରିଥାନ୍ତ ।

ସୁଧାଂଶୁ—ଫାଲ୍‌ଗୁନ ?

Digitized by srujanika@gmail.com

ଫାଲ୍‌ଗୁନୀ—(ଏତେବେଳଯାକେ ବନାନୀଙ୍କୁ ପରିଚିତ କରାଇ ଦେଇ ନ ଥିବାର ଭୁଲ ବୁଝିପାରି) ଆରେ ସୁଧାଂଶୁ—ବନାନୀ···ବନାନୀ···

ସୁଧାଂଶୁ—ଯଥେଷ୍ଟ ଲକ୍ଷ୍ୟ କରିଛୁ କଥା ଖେଳରେ ମୋ ଉପସ୍ଥିତି ମଧ୍ୟ ଭୁଲି ଯାଇଛୁ-

ଫାଲ୍‌ଗୁନୀ— (ଫଙ୍କେତ ସୂଚକ ଗଳାରେ) ବନାନୀ ।

ସୁଧାଂଶୁ—ତୋ ବଡ଼ ଭାଇଙ୍କର ଝିଅ—ଝିଅଟି । ନମସ୍କାର ।

ଫାଲ୍‌ଗୁନୀ—ସୁଧାଂଶୁ—ମୋର ପିଲାଦିନର ବନ୍ଧୁ ଅନେକ ଥର ତ ନାଁ ଶୁଣିଥିବୁ ?

ବନାନୀ—ନମସ୍କାର—ନାଁ ଶୁଣିଛି—ଫଟୋରେ ଦେଖିଛି । ଥରେ ଦୁଇଥର ବକ୍ତୃତା ଶୁଣିବାର ସୌଭାଗ୍ୟ ମଧ୍ୟ ହୋଇଛି ।

ସୁଧାଂଶୁ—ଆଶ୍ଚର୍ଯ୍ୟ ! ତଥାପି ବାହାରେ ବ ତ ପରିଚୟ ଦେଲନି !

ବନାନୀ—ଭାବଲି—

ସୁଧାଂଶୁ—କୁହ !

ବନାନୀ— —ଚୁପ୍ ରହି ଦେଖେ ।

ସୁଧାଂଶୁ—(ହସି ହସି) ଚୁପ୍ ରହି ମତେ କନ୍ତୁ କମ ବୋକା ସଜେଇନାଁ ?

ଫାଲ୍‌ଗୁନୀ—ସୁଧାଂଶୁ, ମତେ ବର୍ତ୍ତମାନ ଯିବାକୁ ହେବ ।

ସୁଧାଂଶୁ—କୁଆଡ଼େ ?

ଫାଲ୍‌ଗୁନୀ—ହିଜ୍ ଏକସେଲେନ୍‌ସିଙ୍କ କୋଠିକୁ । ଭାଇ ମତେ ଆସି ଏଠି ସାକ୍ଷାତ କରିବା ହୁଏଁଛି ମୁଁ ତାକୁ ସେଇଠି ସାକ୍ଷାତ କରିବାକୁ ଭୁଲେ !

ସୁଧାଂଶୁ—ଆଶ୍ଚର୍ଯ୍ୟ— ।

Digitized by srujanika@gmail.com

ଫାଲ୍‌ଗୁନୀ—ଆଶ୍ଚର୍ଯ୍ୟ ନୁହେଁ । ଏଠି ଆସି ସେ ମୋ ହାତରେ ବ୍ୟାଣ୍ଡେଜ ଦେଖିଲେ ଅଧୀର ହୋଇ ପଡ଼ିବେ—ତା'ପରେ ମୋ ଉପରେ ଗାଳି ବର୍ଷଣରେ ସୀମା ରହିବ ନାହିଁ । ତେଣୁ ସବୁଠାରୁ ଭଲ ହେବ ମୁଁ ତାଙ୍କୁ ଯାଇଁ ସେଇଠି ଦେଖାକଲେ ।

ବନାନୀ—ବାପା ଏତେ ବାଟ ଗାଁରୁ ଆସିଲେଣି ଯେତେବେଳେ କଣ ବା ଲଭ ଦାଦା ?

ଫାଲ୍‌ଗୁନୀ—ହୁଏ ତ ପରିସ୍ଥିତିର ଗୁରୁତ୍ୱ କମିଯିବ । ହୁଏତ ମୁଁ ତାଙ୍କୁ କହିଦେଇ ପାରିବ, "ନାଁ ଭାଇ ଆଘାତ ସେମିତ କିଛି ବେଶୀ ନୁହେଁ । ମୁଁ ଖେଳୁଛି, ବୁଲୁଛି, ସବୁ କାମ କରୁଛି" । ସେଥିରେ ସେ କମ ବିଚଳିତ ହେବେ । କିଛି ଭାବନା ସୁଧାଂଶୁ ମୁଁ ଅଳ୍ପ ସମୟ ଭିତରେ ଫେରି ଆସୁଛି । ଅପେକ୍ଷା କରିଥା । ଅନ୍ତତଃ ତୋ ଦାମ୍ଭର ପ୍ରାପ୍ୟଟା ତ ଦେଇନାହିଁ । ବନାନି—ଟ୍ୟାକ୍‌ସି ତ ?

ବନାନୀ—ହୁଁ !

ଫାଲ୍‌ଗୁନୀ—ତୁ ଆଜ କାହିଁକି ଯିବୁ । ମୁଁ ଅଳ୍ପ ସମୟ ମଧ୍ୟରେ-ରୁ ଖାଇବୁ ଯଦି ସବୁ ପ୍ରସ୍ତୁତ ଅଛି—ଆସେ । (ସେ ବାହାରେ ଗଲେ—କିଛି ସମୟ ଗୁଡ଼ି ମଟରେ ବ୍ୟାକ୍ କରିବାର ଶବ୍ଦ ଶୁଣାଗଲ ଆଉ ପରେ ପରେ ହର୍ଣ୍ଣ ଶୁଣାଗଲ ଦୂରରୁ ଦୂରକୁ । ଘର ମଧ୍ୟରେ ନୀରବତା ଭାଙ୍ଗିବା ପାଇଁ ସୁଧାଂଶୁ ଆରମ୍ଭକଲେ) ।

ସୁଧାଂଶୁ—ଆପଣତ ସୁନିଷଙ୍କୁ ଜାଣିଥିବେ ।

ବନାନୀ—ଜାଣେ ।

ସୁଧାଂଶୁ—ବହୁ ଦିନରୁ ନାଁ—?

Digitized by srujanika@gmail.com

ବନାନୀ—ନାଁ ଥରେ ଦୁଇଥର ଦେଖା । (କିଛି ସମୟ ନୀରବତା ପରେ) ଚା ଟିକେ କରିଦିଏ ?

ସୁଧାଂଶୁ—କ୍ଷମା କରିବେ ଚା' ଖାଏ ନି-

ବନାନୀ—ଭଲ ଅଭ୍ୟାସ, ଅନେକ ଚା' ଖାନ୍ତି ନାହିଁ । ଦୁଧ ଟିକେ ଗରମ କରି ଦିଏ ?

ସୁଧାଂଶୁ—ନାଁ ନାଁ ଥାଉ । ବ୍ୟସ୍ତ ହେବାର କିଛି ନାହିଁ । ବରଂ କପେ ଗରମ ଦୁଧ ଆପଣଙ୍କର ମୋ' ଅପେକ୍ଷା ବେଶୀ ଦରକାର ପଡ଼ୁଥିବ···ଏତେ ବାଟ ଦୌଡ଼ି ଦୌଡ଼ି ଆସିଲେ-

ବନାନୀ—ମୁଁ ଦୁଧ ଖାଏ ନା ।

ସୁଧାଂଶୁ—ଦୁଧ ଖାନ୍ତି ନାହିଁ ?

ବନାନୀ—ଭଲ ଲାଗେ ନା ।

ସୁଧାଂଶୁ—ଅନେକଙ୍କୁ ଦୁଧ ଭଲ ଲାଗେ ନାଁ । ଚା ?

ବନାନୀ—ନାଁ । ମୋ ମନରେ ପାନ ସିଗାରେଟ ପରି ଚା' ଏକ କଳଙ୍କ ।

ସୁଧାଂଶୁ—କଳଙ୍କ ? ହଁ କଳଙ୍କ ନୁହେଁତ ଆଉ କଣ ? (କିଛି ସମୟ ନୀରବତା ପରେ) ଆପଣ କାହା ମତ ବିଶ୍ୱାସ କରନ୍ତି ? ଫାଲ୍‌ଗୁନୀର ନାଁ ଆପଣଙ୍କ ବାପାଙ୍କର ?

ବନାନୀ—ବାପାଙ୍କର ମତତ ଗଣତନ୍ତ୍ରର ମୌଳିକମତ—ତେବେ ଦାଦାଙ୍କର ମତ ଭଲ ଲାଗିଲେ ମଧ୍ୟ ଅନେକ ସମୟରେ ବୁଝି ହୁଏନା ।

ସୁଧାଂଶୁ—ବୁଝି ହୁଏନା, ନା ବିଶ୍ୱାସ ହୁଏ ନା ।

ବନାନୀ—(ହସି ହସି) ଉଭୟ ।

Digitized by srujanika@gmail.com

ସୁଧାଂଶୁ—(ଠୋ ଠୋ ହସି ଉଠିଲେ) ଭଲ କହିଲେ ଶ୍ରୀମୁକ୍ତା ଦାସ 'ଉଭୟ'—ହାଃ···ହାଃ···ହା···

(ବାହାରୁ ଶୁଣାଗଲା—"ଭିତରକୁ ଆସିପାରେ" ?)

ବନାନୀ—କିଏ ? ଆସନ୍ତୁ ।

(ପଶି ଆସିଲେ ସୁମିତ୍ରା)

ସୁମିତ୍ରା—ଭାଇ ! (ବନାନୀଙ୍କୁ ଲକ୍ଷ୍ୟ କରି) ଆପଣ···ଆପଣ···

ସୁଧାଂଶୁ—ବନାନୀ— ଫାଲ୍‌ଗୁନୀର···

ସୁମିତ୍ରା—(ମନେ ପଡ଼ିଗଲା ଯେମିତି) ଓ ବନାନୀ···ବନାନୀ (ପାଇଁ ପିଲାପରି ହଲାଇ ପକାଇଲେ)

ବନାନୀ—(ଟିକେ ଚୁପି ହସୁଥିଲେ) ମନେ ପଡ଼ିଲା ?

ସୁମିତ୍ରା—ପଡ଼ିଲା । ବସ, କେମିତି ଅଛ—ହଁ ମିନିଟିଏ (ସେ ସୁଧାଂଶୁଙ୍କୁ ଡାକି ନେଇ ଚୁପ୍ ଚୁପ୍ କରି କଣ କହିଲେ)

ସୁଧାଂଶୁ—ଶ୍ରୀମତୀ ଦାସ ଦଶ ପାଞ୍ଚମିନିଟ ଭିତରେ ଆସୁଛି, ଫାଲ୍‌ଗୁନୀ ଆସିଲେ କହିବେ ଚାଲିଯାଇନି' (ସେ ବାହାରି ଗଲେ) ।

ସୁମିତ୍ରା—(ପୂର୍ବ ପ୍ରଶ୍ନର ଖିଅ ଧରି) ହୁଁ—କଣ ହେଉଛି ଆଜି ?

ବନାନୀ—କଣ ହେବ ଆଜି—ସେଇ ନାରୀ ଜୀବନର ଏକଟଣା କଥା—

ସୁମିତ୍ରା—ତା' ମାନେ ସ୍ତ୍ରୀ ଭିତରେ ବନ୍ଧନର କବଳିତ ନା କଣ ?

ବନାନୀ—(ହସି ହସି) ସେ ଦୁର୍ଭାଗ୍ୟ ହୋଇନି' ।

ସୁମିତ୍ରା—ଦୁର୍ଭାଗ୍ୟ ! (ବନାନୀ ସମ୍ମତିସୂଚକ ମୁଣ୍ଡ ହଲାଇଲେ) ବାସ୍ତବିକ ବନାନୀ, ନାରୀ ଜୀବନରେ ଏ ବନ୍ଧନ ଅପରାଧ କରିଏ ରଖିଲା ମୁଁ ଖୋଜି ଖୋଜି ତାର ଆଦି ଅନ୍ତ ପାଉ ନାହିଁ ।

Digitized by srujanika@gmail.com

ବନାମୀ—ଯଦି କହୁଚ ନାରୀ ନିଜେ ରଖିଛୁ ।

ସୁମିତ୍ରା—ତା ହେଲେ ମତେ ମଧ୍ୟ କହିବାକୁ ହେବ···ଏପରି କହିବାର ଅର୍ଥ ଆତ୍ମ ପ୍ରବଞ୍ଚନା ।

ବନାମୀ—କାହିଁକି ଆତ୍ମପ୍ରବଞ୍ଚନା ? ତୁମେ କଣ ବନ୍ଧନ ଚାହଁନ ?

ସୁମିତ୍ରା—ନାଁ । ଭୁଲ ବୁଝନା କହୁ । ବନ୍ଧନ ନ ଚାହିଁଲେ ମଧ୍ୟ ପୁରୁଷକୁ ଯେ ନ ଚାହେ ତା ନୁହେଁ—ଚାହେ ସମାନ ସ୍ତରରେ, ଯେମିତି ମୁକ୍ତ ଓ ସ୍ୱାଧୀନ ଭାବରେ ପୁରୁଷ ଚାହେ ନାରୀକୁ । ଆଉ ତୁମେ ? ତୁମେ କଣ ବନ୍ଧନ ଚାହଁ -

ବନାମୀ—ଚାହେ ।

ସୁମିତ୍ରା—କଣ କହୁଚ ବନାନୀ ! ଏବେଯାକେ ତା ହେଲେ ବିବାହ କରନା କାହିଁକି ?

ବନାମୀ—ମନର ମଣିଷ ପାଇନାହିଁ ।

ସୁମିତ୍ରା—ଯଦି ନ ପାଅ ।

ବନାମୀ—ବନ୍ଧନରୁ ଚିରଦିନ ଦୂରରେ ରହିଯିବି ।

ସୁମିତ୍ରା—ବନାନୀ, ତୁମେ ମତେ ନ ହସାଇ ରଖି ପାରିଲ ନାହିଁ । ଆରେ ମନର ମଣିଷ କେହି କଣ ଜୀବନରେ ପାଏ ! ମନର ମଣିଷ ଯେ ଏକ କାଳ୍ପନିକ ସତ୍ୟ ସେ କଥା ବୁଝାଇଲେ ହୁଏତ ତୁମେ ବିଶ୍ୱାସ ନ କରିପାର । କିନ୍ତୁ ଦେହ ପ୍ରଶ୍ନଟା ବାଦ୍ ଦେଉଛ କାହିଁକି ? ଶତକଡ଼ା ଶହେ ଦିକ୍ ଦିଗ ତଳେ ଦେହକୁ ଛାଡ଼ି ଦେଲେ ଆଉ ସବୁ ଯେ ମିଥ୍ୟା । ତା ହେଲେ ଏ ସରଳ ସତ୍ୟଟିକୁ ଧରି ନେବାକୁ କାହିଁକି ତୁମେ ଆପତ୍ତି ନୁହଁ । ତେଣୁ ମୋ ମତ କଣ ଜାଣିଛ, ଯେଉଁ ଟିକକ ସତ୍ୟ ସେଇ ଟିକକ ଚାଲ ଗ୍ରହଣ କରିବା । ତାପରେ

Digitized by srujanika@gmail.com

ନୂଏତ ବିବାହର ସାମାଜିକ ପ୍ରହସନ ଆପେ ଆପେ ମଉଳି ଯିବ ।

ବାସୁ—(ପଶିଆସି) ସାର…(ଅପ୍ରସ୍ତୁତ ହୋଇଯାଇ) ମୁଁ ସାରଙ୍କୁ ଖୋଜୁଥିଲି—ଆପଣ…

ସୁମିତ୍ରା—ବସନ୍ତୁନାଁ…ବନାନୀ ଏ ତୁମ ଦାଦାଙ୍କର ପ୍ରିୟତମ ଶିଷ୍ୟ । ଆରେ ଛିଡ଼ା ହୋଇ ରହିଲେ ବସନ୍ତୁ ନାଁ । (ବାସୁ ଅପ୍ରସ୍ତୁତ ହୋଇ ବସିଲେ) ଏକୁଟିଆ ବସି ବସି କଟାଉ ଲାଗୁଥିଲା ଆପଣ ଆସିଲେ ସମୟ ଟିକେ ଚଞ୍ଚଳ ହୋଇଯିବ । ଆଚ୍ଛା ବାସୁବାବୁ ଆପଣ ଜୀବନରେ କଣ କରିବେ ସ୍ଥିର କରିଛନ୍ତି ?

ବାସୁ—ଆଉ କେତେ ମାସପରେ ପରୀକ୍ଷା—ତାପରେ ?

ସୁମିତ୍ରା—ତା ପରେ ?

ବାସୁ—କିଛି ଠିକ୍ କରି ନାହିଁ ।

ସୁମିତ୍ରା—ସାଧାରଣ ଯାହା କରନ୍ତି ?

ବାସୁ—ତା ଛଡ଼ା ଆଉ ଉପାୟ କଣ ?

ସୁମିତ୍ରା—ଚାକିରି…ବିବାହ…

(ବାସୁ ଲଜ୍ଜାରେ ମୁହଁ ତଳକୁ ପୋତିଲେ)

ଆପଣ ତଳକୁ ମୁହଁ ପୋତିଲେ ଯେ…ବନାନୀ (ବନାନୀ ଚାହିଁଲେ) ସେଇ ମନର ଗୋପନ କଥା…(ନିଜର ପରିହାସରେ ନିଜେ ଠୋ ଠୋ କରି ହସି ଉଠିଲେ)

ବନାନୀ—ତୁମେ ବଡ଼ ଦୁଷ୍ଟ ।

ବାସୁ—କିଛି ଭାବିବେ ନାହିଁ ମୋର ଅନ୍ୟ କାମ ଅଛି ମୁଁ…(ସେ ଉଠି ଚାଲିଗଲେ । ବନାନୀ ଓ ସୁମିତ୍ରା ହସି ଉଠିଲେ)

ବନାନୀ—ଆଶ୍ଚର୍ଯ୍ୟ ।

Digitized by srujanika@gmail.com

ସୂମିତ୍ରା—କଣ ?

ବନାମୀ—ତୁମେ ସତେ କପର ଏତେ ଶସ୍ତା ଆଉ ହାଲୁକା ହୋଇ ପାରିଲ ?

ସୁମିତ୍ରା—(ହଠାତ୍ ଗଂଭୀର ହୋଇଯାଇ) ବନାନୀ···ଚେଷ୍ଟା କରି ଦେବାକୁ ହୁଏ । ଯେଉଁ ଦେଶରେ ଅନ୍ନ ନାହିଁ···ବସ୍ତ୍ର ନାହିଁ···ସୁଖ ନାହିଁ···ସ୍ୱାସ୍ଥ୍ୟ ନାହିଁ···ସ୍ୱାଚ୍ଛନ୍ଦ୍ୟ ନାହିଁ, ସେ ଦେଶରେ ଜୀବନ ନାହିଁ; ଅଥଚ ଏକ ଆଗାମୀ ସ୍ୱପ୍ନରେ ବିମୁଗ୍ଧ ହୋଇ ଜୀବନ ରଖିବା ପ୍ରୟୋଜନ ହୋଇପଡ଼ୁଛି । (କରୁଣ ଭାବରେ) ଏ ନିସ୍ତରଙ୍ଗ ଜୀବନ ସମୁଦ୍ରରେ ଏଇପରି କେତୋଟି ମୁହୂର୍ତ୍ତି ସୃଷ୍ଟି କରିବା କଣ ଅପ୍ରାସଙ୍ଗିକ ବନାନୀ ?

ବନାମୀ—(ଦୀର୍ଘ ନିଶ୍ୱାସ ପକାଇଲେ) ହୁଏତ ତୁମେ ଠିକ୍ । (ବାହାରେ ମଟର ହର୍ଣ୍ଣ ଶୁଣାଗଲା) ଆସିଲେ ସେମାନେ··· (କିଛି ସମୟ ଚୁପ୍ ହୋଇ ବସିଲେ ସେମାନଙ୍କ ଅପେକ୍ଷାରେ) ।

ସୁମିତ୍ରା—ନାଁ ସେମାନେ ନୁହନ୍ତି ।

ବନାମୀ—କିଏ ଜାଣେ କେତେ ଡେରି ହେଉଛି । କିନ୍ତୁ ହଠାତ୍ ଭାଇ ତୁମର ଏମିତି କୁଆଡେ ଉଠିଗଲେ ?

ସୁମିତ୍ରା—(ଖାଲି ହସିଲେ, ଉଦ୍ଦେଶ୍ୟ କୁଆଡେ଼ ଗଲେ କହିବାକୁ ସେ ରାଜି ନୁହନ୍ତି)

ବନାମୀ—କୁଆଡେ଼ ?

(ଝଡ଼ ପରି ପଶି ଆସିଲେ ସୁଧାଂଶୁ)

ସୁଧାଂଶୁ—ସୁମିତ୍ରା ସର୍ବନାଶ ହୋଇଛି ! ମୁଁ କଣ ଆଗରୁ ମତ ପ୍ରକାଶ କରି ନ ଥିଲି···ଏ 'ଗପ୍ପ' ସରକାର ନିଜେ ନିର୍ମୂଳ

Digitized by srujanika@gmail.com

ହେବା ପୂର୍ବରୁ ଦେଶର ସମସ୍ତ ପ୍ରଗତିଶୀଳ ଅନୁଷ୍ଠାନକୁ ନିର୍ମୂଳ କରିବାର ଚେଷ୍ଟା କରିବ ?

ସୁମିତ୍ରା—କଣ ହେଲା ?

ସୁଧାଂଶୁ—ନିର୍ବାଚନ ଅନିର୍ଦ୍ଦିଷ୍ଟ କାଳ ବନ୍ଦ ରଖିବା ପାଇଁ 'ରାଜ୍ୟ' ସରକାର ଏକ ନିର୍ଲଜ ଇସ୍ତାହାର ପ୍ରକାଶ କରିବା ପରେ ଜେଲର ପାଚେରୀ ଭିତରେ ଦେଶର ଜନମତକୁ ଚିପିଚପି ମାରିଦେବାକୁ ଚାହେଁ—

ବନାନୀ—ତା ମାନେ ?

ସୁଧାଂଶୁ—"ଗ୍ରାମ୍ୟ ବୃତ୍ତ"ର କର୍ମୀମାନଙ୍କ ଉପରେ ଅତ୍ୟାଚାରମୂଳକ ନିପୀଡ଼ନ ଆରମ୍ଭ ହେବାକୁ ଲାଗିଲାଣି । ଅଧିକାଂଶ କର୍ମୀ ବର୍ତ୍ତମାନ ପୋଲିସର କବଳିତ । ଅବଶିଷ୍ଟଙ୍କୁ ଗ୍ରାସ କରିବା ପାଇଁ ପୋଲିସର ଦୃଷ୍ଟି ଖୋଜି ବୁଲୁଛି ।

ସୁମିତ୍ରା—ଭାଇ ?

ସୁଧାଂଶୁ—ଅବସର ନାହିଁ ସୁମିତ୍ରା, ଶୀଘ୍ର ପ୍ରସ୍ତୁତ ହୋଇଯିବାକୁ ପଡ଼ିବ···(ବନାନୀଙ୍କୁ ଲକ୍ଷ୍ୟ କରି) ଆସୁଛୁ ଆମେ । ଫାଲ୍‌ଗୁନୀଙ୍କୁ କହିଦେବେ ଯେଉଁ କାମରେ ଆସିଥିଲି ସେ କାମ ଉତ୍‌ଥାପନ କରିବା ପୂର୍ବରୁ ଚାଲିଯିବାକୁ ପଡ଼ିଲା । କିନ୍ତୁ ତଥାପି ମଧ୍ୟ ସେ କାମ ତାଠାରୁ ଆଦାୟ କରାଇ ନ ନେଇ ଛାଡ଼ୁ ନାହିଁ ।···ହୁଏତ ପୋଲିସର ଆଖିକୁ ଏଡ଼ାଇ ପାରିବାର ସୁଯୋଗ ପାଇଲେ ଆସିବି···। ସୁମିତ୍ରା···

ସୁମିତ୍ରା—ଚାଲ ଭାଇ (ଦୁହେଁ ଆଗେଇ ଯାଉଥିଲେ ଘନ ଘନ ଭାବରେ ଦୁଇ ତିନିଟା ମଟର ହର୍ଣ୍ଣ ଦେବାପରେ ବ୍ରେକ୍ କଲା । ସମସ୍ତେ ବିଚଳିତ ହୋଇ ପଡ଼ିଲେ । ସୁମିତ୍ରା ପାଇଁ

Digitized by srujanika@gmail.com

ଝରକାରେ ମୁହଁ ଗଳାଇ ବାହାରକୁ ଦେଖିଲେ) ପୋଲିସ
ଗାଡ଼ି—ଖାକି ରଙ୍ଗର ପୋଲିସ ଗାଡ଼ି !

ସୁଧାଂଶୁ—ତା ହେଲେ ଗୋଟାଏ ମୁହୂର୍ତ୍ତ ମଧ୍ୟ ଅବସର ମିଳନ୍ତା ନାହିଁ । ତଥାପି ଚେଷ୍ଟା କରାଯାଉ । ଆ ସୁମିତ୍ରା ଶୀଘ୍ର ଆ— ପଛର ଦରଜାଟା ହୁଏତ ମନ୍ଦ ବ୍ୟବହାରରେ ଲାଗିବ ନାହିଁ ।

(ସେମାନେ ଦ୍ରୁତ ପଦକ୍ଷେପରେ ପଛର ଦରଜା ବାଟେ ଯିବାକୁ ଉଦ୍ୟମ କରୁଥିଲେ । ପଶି ଆସିଲେ ଫାଲ୍‌ଗୁନୀ— ଶ୍ରୀଯୁକ୍ତ ଦାସ, ଡେପୁଟି ସେକ୍ରେଟାରୀ ମି: ନାଏକ ଓ ପୋଲିସ କମିସନର ମି: ପଟେଲ)

ଫାଲ୍‌ଗୁନୀ—ସେ ବାଟେ କୁଆଡେ ସୁଧାଂଶୁ ?

ସୁଧାଂଶୁ—(ବାଧ୍ୟ ହୋଇ ଅଟକି ଗଲେ । ମୁହଁ କଳା । ଥରିଲା କଣ୍ଠରେ) ଫାଲ୍‌ଗୁନୀ !

ଫାଲ୍‌ଗୁନୀ—(ପରିଚୟ କରାଇ ଦେବା ଭଙ୍ଗୀରେ) ଭାଇ, ମି: ନାଏକ—ଡେପୁଟି ସେକ୍ରେଟାରୀ; ମି: ପଟେଲ—ପୋଲିସ କମିସନର ଆଉ ଶ୍ରୀଯୁକ୍ତା ସୁମିତ୍ରା ପଟ୍ଟନାଏକ; ଶ୍ରୀଯୁକ୍ତ ସୁଧାଂଶୁ ପଟ୍ଟନାଏକ—"ପ୍ରାପ୍ୟଗୃହ" ଆନ୍ଦୋଳନର···

ଶ୍ରୀଯୁକ୍ତ ଦାସ –ଓ ତୁମେ ସୁଧାଂଶୁ ? ବସ ବସ । ଦେଶ କଥା ଛାଡି ଦିଅ—ମୋର ବ୍ୟକ୍ତିଗତ ଭାବରେ ତୁମପରି ଯୁବକମାନଙ୍କ ଉପରେ ଯଥେଷ୍ଟ ଭରସା ଅଛି ।

ସୁମିତ୍ରା—ଭାଇ । (ଆଖିରେ ପ୍ରଶ୍ନବାଚକ)

ସୁଧାଂଶୁ—ବସନା···ଆରେ ଶ୍ରୀଯୁକ୍ତ ଦାସ, ମି: ନାଏକ, ମି: ପଟେଲ ଏମାନେ ହୁଏତ କଣ ଭାବିବେ ।

ମି: ପଟେଲ – କେଉଁଠିକୁ ଯିବାକୁ ବ୍ୟଗ୍ର ଆପଣ ?

Digitized by srujanika@gmail.com

ସୁମିତ୍ରା—ଧନ୍ୟବାଦ ।

ମି: ପଟେଲ—(ହସି ହସି) ଦିବାର ଦରକାର ପଡ଼ିବ ନାହିଁ ।

ସୁଧାଂଶୁ—ଧନ୍ୟବାଦ । ଫାଲ୍‌ଗୁନ ତୋ ପାଖକୁ ଯେଉଁ ବସ୍ତୁ ନେଇ ଆସିଥିଲା···

ମି: ନାଏକ—(ଶ୍ରୀଯୁକ୍ତ ଦାସଙ୍କୁ ଲକ୍ଷ୍ୟ କରି) ହିଜ୍ ଏକ୍‌ସେଲେନ୍‌ସିଙ୍କ ନିକଟ ଆପଣଙ୍କ ଉତ୍ତର···

ଶ୍ରୀଯୁକ୍ତ ଦାସ—ସନ୍ଧ୍ୟା ସୁଦ୍ଧା ହୋଇ ଯାଇଥିବ । ଆସନ୍ତୁ ଆପଣମାନେ (ଯଥାରୀତି ବନ୍ଦନ ପ୍ରଦର୍ଶନ କରି ମି: ନାଏକ ଓ ମି: ପଟେଲ ଚାଲିଗଲେ) ବଡ଼ ସୌଭାଗ୍ୟର କଥା ସୁଧାଂଶୁ ତୁମ ସଙ୍ଗେ ହଠାତ୍ ଏଠାରେ ଏପରି ଦେଖା ହୋଇଗଲା । ସ୍ୱାସ୍ଥ୍ୟ ଦୃଷ୍ଟିରୁ ରାଜଧାନୀରୁ ବହୁଦିନ ଧରି ଅଲଗା ରହିଯାଇଥିଲେ ମଧ୍ୟ ଦେଶର ଖବର ଯେ ନ ରଖୁଛି ତା ନୁହେଁ—ମନେ, କିନ୍ତୁ କିଛି ଭଲ ଲାଗୁନାହିଁ—ତୁମେ କଣ ଭାବୁଛ···ଏଁ···

ସୁଧାଂଶୁ—ନାଁ ଖରାପ ଆଉ କଣ ?

ରଜନୀ—କଣ କହିଲେ ଆପଣ, ଖରାପ ନୁହେଁ ?

ସୁମିତ୍ରା—କଣ ବା ଖରାପ ହୋଇଛି । "ସ୍ୱଦେଶ ପାର୍ଟି"ର ଏଇ କେତେଟା ବର୍ଷ ଶାସନ ଭିତରେ ଦେଶର ଯଥେଷ୍ଟ ଯେ ଅଗ୍ରଗତି ହୋଇଛି କିଏ ତା' ଅସ୍ୱୀକାର କରିବ ?

ସୁଧାଂଶୁ—କିଏ ଅସ୍ୱୀକାର କରିବ, ଆମ ଗାଁର ସେଇ ପୁରୁଣା କଥା—ଗାଁ ପରିମଳ ଧୋବା ତୁଠରୁ । ରାସ୍ତା ଦେଖନ୍ତୁ—କେତେ ନୂଆ ରାସ୍ତା ହୋଇଛି । କୋଠାବାଡ଼ି ସଂଖ୍ୟାତି ସଂଖ୍ୟାହୀନ ଭାବରେ ବଢ଼ି ଚାଲିଛି ସହରରେ । ଦେଶର ମେରୁଦଣ୍ଡ ଯେଉଁମାନେ···ବ୍ୟବସାୟୀ, ହାକିମ, ଶାସନ

Digitized by srujanika@gmail.com

ମନ୍ତ୍ରୀ ସମସ୍ତଙ୍କର ପ୍ରାପ୍ୟ ଦରମା ବଢ଼ିଯାଇଛି । ଦେଶରେ ସ୍କୁଲ୍ ବଢ଼ିଛି, କଲେଜ ବଢ଼ିଛି, ସମ୍ବାଦପତ୍ର ବଢ଼ିଛି ।

ଫାଲଗୁନୀ—ନିଶ୍ଚୟ, ତା ସଙ୍ଗେ ବଢ଼ିଛି ଜନସଂଖ୍ୟା, ବଢ଼ିଛି ମାଟିର ଅନୁର୍ବରତା, ବଢ଼ିଛି ଖାଦ୍ୟର ଅଭାବ, ବଢ଼ିଛି ଲୋକ ତନ୍ତ୍ରର ପ୍ରଚଳନ, ବଢ଼ିଛି ଦେଶର ଲକ୍ଷ୍ୟ ଲକ୍ଷ୍ୟ ସମସ୍ୟା·········

ସୁମିତ୍ରା—ବଢ଼ିଛି ଅସନ୍ତୋଷ···ବଢ଼ିଛି ଚିତ୍କାର···ବଢ଼ିଛି ରାଜନୈତିକ ଦଳ···ବଢ଼ିଛି ଶୋଭାଯାତ୍ରା······

ଶ୍ରୀମୁକ୍ତ ଦାସ—(ପରିହାସ କରି) ଆଜି ସବୁଠାରୁ ବେଶୀ ବଢ଼ିଛି ପୋଲିସର ସଂଖ୍ୟା, ମିଟିଂମାନଙ୍କର ଖର୍ଚ୍ଚ-ହାଃ ହାଃ ହାଃ······ (ସମସ୍ତେ ଦାସଙ୍କ ରସିକତାରେ ହସି ଉଠିଲେ । ହସପରେ) ନାଁ ନାଁ ସୁଧାଂଶୁ, ନାଁ ନାଁ ଫାଲଗୁନୀ······ତୁମେମାନେ ଏ ଦେଶର ଭବିଷ୍ୟତ······ତୁମମାନଙ୍କୁ ବଂଚାଇବାକୁ ହେବ ଏ ଦେଶର ଅଧୋଗତିକୁ ।

ଫାଲ୍‌ଗୁନୀ—ଭାଇ, ଏ ବିଷୟରେ ମୋର ଦୃଷ୍ଟି ଆପଣଙ୍କଠାରୁ ବା ସୁଧାଂଶୁଠାରୁ ଭିନ୍ନ । ଜାତିସ୍ୱ ଚରିତ୍ର ଉନ୍ନତ ନ ହେଲେ କେହି ଏ ଜାତିକୁ ବଞ୍ଚାଇ ପାରିବେ ନାହିଁ । ଇଂଲଣ୍ଡର ରାସ୍ତା କଡରେ ଖବର କାଗଜର ଗଦା ଥୁଆ ହୋଇଥାଏ—ପାଖରେ ଲୋକେ ନ ଥାନ୍ତି । ରାସ୍ତାରେ କେତେ ଲୋକ ନ ଯାନ୍ତି···ଶ୍ରମିକ, ଡକାଏତ, ସାଧୁ । ଅଥଚ କେହି ଖବରକାଗଜ ପାଖରେ ଥୁଆ ହୋଇଥିବା ବାକ୍ସରେ 'ପେନି' ନ ଗଳାଇ କାଗଜରେ ହାତ ଛୁଆଁନ୍ତି ନାହିଁ । ଅଥଚ ରାସ୍ତା ଉପରେ ଆମର ଏଠି ଯଦି ଗୋଟାଏ ପଇସା ପଡ଼ିଥାଏ ଦେଶର ଉଚ୍ଚ ଶାସନକର୍ତ୍ତାମାନେ ମଧ୍ୟ ତାକୁ ପକେଟରେ ପୂରାଇବାର

Digitized by srujanika@gmail.com

ଲୋଭ ସମ୍ବରଣ କରିପାରିବେ ନାହିଁ । ସେଇଥିପାଇଁ ମୁଁ ମୋର 'ସଂଗଠନ' ନେଇ ବ୍ୟସ୍ତ । ଦଳଗତ ସ୍ୱାର୍ଥ ପାଇଁ ମନରେ ମୋର ସାମାନ୍ୟ ତମ ଆନ୍ଦୋଳନ ମଧ୍ୟ ହୁଏ ନାଁ । ଦେଖିଛନ୍ତି ଭାଇ ଦେଶର ବର୍ତ୍ତମାନ ଅବସ୍ଥା କଣ ? (ସେ-ଟାଇପ ମେସିନରୁ ହିସାବ ପତ୍ର କାଢ଼ି ଆଣି ପ୍ରତ୍ୟେକଙ୍କୁ ଖଣ୍ଡେ ଖଣ୍ଡେ ବଢ଼ାଇ ଦେଲେ । ଭାଇଙ୍କୁ ଦେଖାଇ) ଲୋକ ଚରିତ୍ର.........ଅର୍ଥନୈତିକ ପରିସ୍ଥିତି !

ଶ୍ରୀଯୁକ୍ତ ଦାସ—(ଦେଖି ଦେଖି) ହୁଁ ।

ସୁଧାଂଶୁ—'ସ୍ୱଦେଶ ପାର୍ଟି'ର ପ୍ରଚାରତ କୁହେ ଲୋକଙ୍କର ଅବସ୍ଥା ଭଲ ହୋଇଛି ।

ଶ୍ରୀଯୁକ୍ତ ଦାସ—ନାଁ ନାଁ ସୁଧାଂଶୁ ସେ ହୁଏତ ଦଳଗତ ପ୍ରଚାର । ଦେଶର ଅବସ୍ଥା ଯେ ଅତି ନିଶ୍ଚିତ ଭାବେ ନିମ୍ନଗାମୀ ସେକଥା ସୁସ୍ପଷ୍ଟ ।

ସୁମିତ୍ରା—ଆପଣ କଣ ବିଶ୍ୱାସ କରନ୍ତି ଏ ଅବସ୍ଥାର ପରିବର୍ତ୍ତନ ହେବ ।

ଶ୍ରୀଯୁକ୍ତ ଦାସ—ମୁଁ ନିରାଶବାଦୀ ନୁହେଁ ।

ସୁଧାଂଶୁ—ଏ ଶାସନ ଅଧୀନରେ ନୁହେଁ ନିଶ୍ଚୟ ।

ଶ୍ରୀଯୁକ୍ତ ଦାସ—ନିଶ୍ଚୟ ।

ସୁଧାଂଶୁ—ନିଶ୍ଚୟ ?

ଶ୍ରୀଯୁକ୍ତ ଦାସ—ଏ ଶାସନରେ ମଧ୍ୟ ତା ସମ୍ଭବ, ଯାହା ତୁମ ଶାସନରେ ସଂଭବ ହୋଇ ପାରିବନି । ତୁମ ଶାସନର ଚରମ ବିକାଶ ଏକଛତ୍ର ଶାସନରେ ।

Digitized by srujanika@gmail.com

ସୁଧାଂଶୁ—ଆଉ ଗଣତନ୍ତ୍ରରେ ବିକଶିତ "ସ୍ୱଦେଶପାର୍ଟି" ଶାସନ, ଯେଉଁଠି ନାହିଁ ବାକ୍ୟର ସ୍ୱାଧୀନତା, ଯେଉଁଠି ଜାତୀୟତା ନାମରେ ଜାତିସ୍ୱତାକୁ ବଳି ଦିଆଯାଏ···ଯେଉଁଠି···।

ଶ୍ରୀଯୁକ୍ତ ଦାସ—ଉତ୍ତେଜିତ ହୁଅନା ସୁଧାଂଶୁ । ଅର୍ଥନୈତିକ ସ୍ୱାଧୀନତା 'ସ୍ୱଦେଶପାର୍ଟି'ର ମୁଖ୍ୟ ଲକ୍ଷ୍ୟ । 'ସ୍ୱଦେଶପାର୍ଟି' ଚାହେ ଶୋଷଣଦ୍ୱାର ଚିରଦିନ ପାଇଁ ରୁଦ୍ଧ କରିବାକୁ, ଚାହେ ଚାଷୀ ମୂଲିଆଙ୍କର ଉନ୍ନତି—ଦେଶର ସମୃଦ୍ଧ ଉନ୍ନତି—ଏ ଦେଶର ମାଟିରେ ରାମରାଜ୍ୟ ।

ସୁଧାଂଶୁ—ମିଥ୍ୟା, ପ୍ରବଞ୍ଚନା—'ସ୍ୱଦେଶ ପାର୍ଟି' ତୁ ଏତେ ପାରିଥାନ୍ତା—କିନ୍ତୁ ଯେଉଁ ପାର୍ଟି ଆଜି ଧନୀର—ଯେଉଁ ପାର୍ଟି ଆଜି ଚଳୁଛି ପୁଞ୍ଜିପତିର ଆଙ୍ଗୁଳି ନିର୍ଦ୍ଦେଶରେ—ଶୁଣନ୍ତୁ ମୋର ସମସ୍ତର ଅଭାବ । ଫାଲ୍‌ଗୁନ ଆସିଥିଲେ ନିର୍ଲଜ 'ସ୍ୱପ୍ନ' ସରକାର ବିରୋଧରେ ହେଉଥିବା ଅଭିଯାନରେ ତତେ ନିଜ ପକ୍ଷରେ ଗ୍ରହଣ କରିବାକୁ ।

ଶ୍ରୀଯୁକ୍ତଦାସ—ତା ମାନେ ?

ସୁମିତା—ନିର୍ବାଚନ ବନ୍ଦ କରି "ସ୍ୱପ୍ନ"ସରକାର ଯେପରି ଗଣତନ୍ତ୍ରର ତଣ୍ଟିଚିପି ଦେବାକୁ ବସିଛି । ଆମେ ଶେଷ ପର୍ଯ୍ୟନ୍ତ ସେଇ ଅଗଣତାନ୍ତ୍ରିକ ମତର ବିରୋଧ କରିବୁ ।

ଶ୍ରୀଯୁକ୍ତଦାସ—କିପରି ?

ସୁଧାଂଶୁ—ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରି—ବିପ୍ଳବ କରି—

ଶ୍ରୀଯୁକ୍ତଦାସ—ସେ ବିପ୍ଳବ ହେବନି ।

ସୁମିତା—ଆମେ ନିଷ୍ପେଷିତର ସତ୍ୟ ଆଉ ନ୍ୟାୟ ପଥରୁ ପଛଘୁଞ୍ଚା ଦେବୁ ନାହିଁ ।

Digitized by srujanika@gmail.com

ଶ୍ରୀଯୁକ୍ତ ଦାସ—(ଧୀର ଓ ଦୃଢ଼ କଣ୍ଠରେ) କିନ୍ତୁ ଏ ନିର୍ବାଚନ ଯେ ହେବ ।

ସୁମିତ୍ରା ଓ ସୁଧାଂଶୁ—(ଚମକିପଡ଼ି) ହେବ ?

ଶ୍ରୀଯୁକ୍ତଦାସ—ହେବ। "ସ୍ୱଦେଶ ପାର୍ଟି"ର ହାଇକମାଣ୍ଡ, "ଗଭ୍ଃ"ଙ୍କ ସ୍ଥାନରେ ମତେ ମୁଖ୍ୟମନ୍ତ୍ରୀର ପଦଗ୍ରହଣ ପାଇଁ ଅନୁରୋଧ କରିଛନ୍ତି । ମୁଁ "ସ୍ୱଦେଶ ପାର୍ଟି"ରେ ବିଶ୍ୱାସ କରେ । ମୁଁ ଦରିଦ୍ର ଜନସାଧାରଣଙ୍କର ଦୁଃଖ ଅନୁଭବ କରେ । ଗଣତନ୍ତ୍ରରେ ବିଶ୍ୱାସ କରେ । ସେଇ ଗଣତନ୍ତ୍ରର ସମ୍ମାନରେ ମୁଁ ସବୁ ଦଳକୁ ସମାନ ସୁବିଧା ଦେବି ନିର୍ବାଚନରେ ଆଜି ଶେଷରେ ଯଦି ମୋର ପାର୍ଟି ଜୟଯୁକ୍ତ ହୁଏ, ବ୍ୟକ୍ତିର ସ୍ୱାର୍ଥକୁ ବଳି ଦେଇ ମୁଁ ଦେଖିବି ଜନତାର ସ୍ୱାର୍ଥ । ନିର୍ବ୍ବୋଧିତର ସ୍ୱାର୍ଥ । ସୁଧାଂଶୁ ଆସ ତୁମେ ।

ବନାନୀ—ବାପା...

ଦାସ—(ଉଠି ଠିଆ ହେଲେ) ଆ'ତ ମା' ହାଇକମାଣ୍ଡଙ୍କୁ ଓ ଗଭର୍ଣ୍ଣରଙ୍କୁ ମୋର ଉତ୍ତର ସନ୍ଧ୍ୟା ପୂର୍ବରୁ ଲେଖି ଦେବାକୁ ପଡ଼ିବ । (ସେ ଅନ୍ୟ ଘରକୁ ଚାଲିଗଲେ, ବନାନୀ ତାଙ୍କର ଅନୁଗମନ କଲେ ।)

ସୁମିତ୍ରା—(ଦୀର୍ଘ ନିଶ୍ୱାସ ପକାଇ ଚୌକିକୁ ଆଉଜି ପଡ଼ିଲେ ।) ତା ହେଲେ ଆମକୁ ଜେଲକୁ ଯିବାକୁ ହେଉନି ଭାଇ ।

ସୁଧାଂଶୁ—(ଯିବା ଉଦ୍ଦେଶ୍ୟରେ ଉଠି ଠିଆ ହେଲେ) ନାଁ...

Digitized by srujanika@gmail.com

ଦ୍ୱିତୀୟ ଅଙ୍କ

ଶ୍ରୀଯୁକ୍ତ ଦାସଙ୍କ ବଙ୍ଗଳାରେ ମଧ୍ୟସ୍ଥ ଅଫିସ ରୁମ । ଅଫିସ ରୁମ ପାଖକୁ ବୈଠକଖାନା । ଦୁଇ ଘରର ମଝିରେ ପର୍ଦ୍ଦା । ପର୍ଦ୍ଦା ଟେକି ଦେଲେ ଗୋଟିଏ ଘର ଭିତରୁ ଅନ୍ୟ ଘରର କିଛି ଅଂଶ ଦେଖାଯାଏ । ଅଫିସ ରୁମଟି ପ୍ରଶସ୍ତ । କରକୁ ସେକ୍ରେଟାରିଏଟ ଟେବଲ । ଅନ୍ୟ କରକୁ ବିଶ୍ରାମ ନେବା ପାଇଁ ଆରାମ ଚୌକି । ପାଖରେ ଖିଆପିଆ କରିବା ପାଇଁ ଟି' ଟେବଲ । ଟି' ଟେବଲ ପାଖରେ ବସି ଶ୍ରୀଯୁକ୍ତ ଦାସ ଧୀରେ ଧୀରେ ସରବତ ପିଉଥିଲେ । ପାଖରେ ବନାନୀ ।

ଦାସ—ବନାନୀ, ଗୋଟାଏ ଇସ୍ତାହାରରେ ଜଣାଇ ଦେବାକୁ ପଡ଼ିବ ମୁଖ୍ୟମନ୍ତ୍ରୀ ଦପ୍ତରକୁ କେହି ବ୍ୟକ୍ତିଗତ ନିମନ୍ତ୍ରଣ ପଠାଇ ପାରିବେ ନାହିଁ—ଆଉ ଯେଉଁଠି ବା ସରକାରୀ ଭୋଜି ପ୍ରଭୃତି ନିହାତି ଆବଶ୍ୟକ ହେବ ସେଠି ଖାଦ୍ୟ ପରିବେଷଣର ସ୍ତର ମଧ୍ୟବିତ୍ତ ଗୃହସ୍ଥର ଖାଦ୍ୟର ସ୍ତରକୁ ଟପିବ ନାହିଁ ।

ବନାନୀ—ସତେ ବାପା, "ସ୍ୱଦେଶ ପାର୍ଟି" ନିର୍ବାଚନରେ ଜୟଯୁକ୍ତ ହେବା ପରେ ଓ ତୁମେ କ୍ୟାବିନେଟର ଦାୟିତ୍ୱ ଗ୍ରହଣ ପରେ ଯେ ଏତେ ଭୋଜି ଭାତ ଏତେ ସମ୍ବର୍ଦ୍ଧନା ହେବ, ତା

Digitized by srujanika@gmail.com

ମୋ' କଳ୍ପନାର ବାହାରେ ଥିଲା । ଏ ଶ୍ରେଣୀ ଗୀତ ଶୁଣିଲେ ପରେ ମୋର କଣ ମନେ ହୁଏ ଜାଣନ୍ତି ? ମୋର ମନେ ହୁଏ କେଉଁ ମୋଗଲ ବାଦ୍‌ଶା'ର ଫିହାବନ ଆସେଗହଣ କରାଯାଇଛି···ଆଉ···

ଦାସ—ଆଉ ବନାନୀ—ବାସ୍ତବକ ଆମର ସେ ବିଷୟରେ ଯଥେଷ୍ଟ ଲଜ୍ଜିତ ହେବାର ଅଛି ।

ବନାନୀ—କିନ୍ତୁ—(କଥାରେ ଗତି ବଦଳାଇ ନେଇ) ଆଉ କିଏସେ ସରବତ ଦେବ ?

ଦାସ—ନାଁ···

ବନାନୀ—ତୁମେ ବାପା ଏତେ କାମ କରନ୍ତ, ହୁଏତ ପୁଣି ସ୍ୱାସ୍ଥ୍ୟ ଭାଙ୍ଗି ପଡ଼ିବ···ନାନା ତୁମେ ଏତେ କାମ କରନା ।

ଦାସ—(ବାତ୍ସଲ୍ୟ ମିଶା କଣ୍ଠରେ) ବନାନୀ···

ବନାନୀ—ଥରେତ ବେମାର ପଡ଼ି ତିନି ବର୍ଷରୁ କମ୍ ଲାଗିଲ ନାହିଁ । କାହିଁକି ଯେ ଏ ରାଜନୀତିକୁ ଆସିଲ ତୁମେହିଁ ଜାଣ ।

ଦାସ—(ଦୀର୍ଘ ନିଶ୍ୱାସ ପକାଇ) ସତେ ମା' ମୁଁ ନିଜେ ମଧ୍ୟ ଜାଣେ ନା—(କିଛି ସମୟ ପରେ) ମୁଁ ଇସ୍ତାହାରଟା ଦେବାକୁ ଭୁଲିବୁ ନ ମା'—

ବନାନୀ—କହୁଥିଲ ପରା ଇସ୍ତାହାର ବାହାରିବ ଯେ କନ୍ତୁ

ଦାସ—ହଁ ସତେତ, କଣ କିନ୍ତୁ ?

ବନାନୀ—ଏପରି ଏକ ଇସ୍ତାହାର ବିଷୟରେ ମୋର ଚିଫ୍ ସେକ୍ରେଟାରୀ ଓ ସହକାରୀ ମୁଖ୍ୟମନ୍ତ୍ରୀଙ୍କ ସହିତ ଆଲୋଚନା ହୋଇଥିଲା । କିନ୍ତୁ···

Digitized by srujanika@gmail.com

ଦାସ—(ଉତ୍ତର ଅପେକ୍ଷାରେ ଦାସ ରହିଲେ ।)

ବନାନୀ—ସେମାନେ ଏଥିପାଇଁ ଏକମତ ହୁଅନ୍ତି । ସେମାନଙ୍କର ମତ ସରକାରଙ୍କର ମର୍ଯ୍ୟଦା ଅକ୍ଷୁଣ୍ଣ ରଖିବାପାଇଁ ଏସବୁ ଆଡ଼ମ୍ବର ଆବଶ୍ୟକ ।

ଦାସ – (ରାଗରେ) ବନାନୀ !

ବନାନୀ – (ପ୍ରତିବାଦ ସ୍ୱରରେ) ମୁଁ ସେଇମାନଙ୍କ ମତକୁ କହୁଛି ବାପା !

ଦାସ – ଆଃ ସେଇମାନଙ୍କର ମତ ! ଗୋଟାଏ ଦେଶକୁ ସେମାନେ ଉଚ୍ଛନ୍ନ କରି ସାରିଲେଣି । ସେମାନଙ୍କୁ ଜଣାଇ ଦେ ଏ ସରକାର ସେଇମାନଙ୍କର, ଯେଉଁମାନଙ୍କର ଦୈନିକ ଆୟ ପ୍ରାୟ ଏକ ଟଙ୍କା । ଯେଉଁମାନଙ୍କୁ ଭାତ ଡାଲିତ ଦୂରର କଥା, ଖାଇବାକୁ ମିଳେନା ପଖାଳ ଆଉ ଶାଗ ।

ବନାନୀ – ମୁଁ ଉତ୍ସାହାରର ବ୍ୟବସ୍ଥା କରୁଛି ।

ଦାସ – (ଆଶ୍ଚର୍ଯ୍ୟ ଚକିତ ହୋଇ) ଯା' ମା'ଯା...

(ଟେଲିଫୋନରେ ରିଂଗ ହେଲା । ବନାନୀ ରିସିଭର ଧରିଲେ)

ବନାନୀ – ମୁଖ୍ୟମନ୍ତ୍ରୀଙ୍କ ପ୍ରାଇଭେଟ ସେକ୍ରେଟାରୀ କହୁଛି—ଏଁ... ଲୁହାର ପରମିଟ୍...ସିମେଣ୍ଟ... ? ହଁ...ହଁ...ହଁ...ଆଃ... ଶୁଣନ୍ତୁ, ସପ୍ଲାଇ ଅଫିସରଙ୍କ ପାଖକୁ ଯାନ୍ତୁ...ମୁଖ୍ୟମନ୍ତ୍ରୀଙ୍କ ଦପ୍ତର ପରମିଟ ଅଫିସ ନୁହେଁ...ଏଁ ! ଆଗରୁ ଏଠି ପରମିଟର ବ୍ୟବସ୍ଥା କରାଯାଉଥିଲା । (ଫୋନ ଉପରେ ହାତ ରଖି ଦାସଙ୍କୁ ଲକ୍ଷ୍ୟ କରି...) ବାପା...(ଶ୍ରୀଯୁକ୍ତ ଦାସ ଓ ବନାନୀ ପରସ୍ପରକୁ ଅନାଇଲେ । ବନାନୀ ବୁଝିପାରିଲେ

Digitized by srujanika@gmail.com

ଶ୍ରୀଯୁକ୍ତ ଦାସଙ୍କର କଷ୍ଟର କାରଣ । ସେ ରସିଭର ରଖି-
ଦେବାକୁ ଯାଉଥିଲେ···)

ଦାସ – ଏଇଠିକୁ ଆସିବାକୁ କହ । ନାଁଟା ନୋଟ କରି ରଖ···

ବନାନୀ – (ଫୋନରୁ ହାତ ଉଠାଇ) ଶୁଣନ୍ତୁ···ନାଁଟାତ କହିଲେ ନାହିଁ···ଏଁ ଶ୍ୟାମଲାଲ ବ୍ରଜଲାଲ ! ଶୁଣନ୍ତୁ ମୁଖ୍ୟମନ୍ତ୍ରୀଙ୍କ ଦପ୍ତରରେ ଦେଖା କରନ୍ତୁ···ଏଁ···ଏଁ । ନମସ୍କାର···(ଫୋନ ରଖି ଦେଇ ଦାସଙ୍କୁ ଉଦ୍ଦେଶ୍ୟ କରି) ବାପା 'ଗପ୍ପ' ମନ୍ତ୍ରୀ-ମଣ୍ଡଳ ପରି ପରମିଟ ବନ୍ଧୀର···

ଦାସ—ବଦନାମ ମନ୍ତ୍ରୀକୁ ନିଷ୍ଟୟ ଆଣିବ ନାହିଁ । (କଠୋର ହୋଇଯାଇ) ଦେଶର ଏ ଦଲାଲମାନଙ୍କ ସଙ୍ଗେ କଡ଼ା ବ୍ୟବହାର କରିବାକୁ ହେବ ମୁଁ ଜାଣେ ମା ବେଶ୍ ଜାଣେ ।

ବନାନୀ – ବାପା, ରାଗ କରିବ ନାହିଁତ ?

ଦାସ—କଣ ?

ବନାନୀ—ସମସ୍ତେ ଜାଣନ୍ତି । କିନ୍ତୁ କେହି କିଛି କରି ପାରନ୍ତି ନାହିଁ ।

ଦାସ—ବନାନୀ···!

ବନାନୀ—ବାପା ।

ଦାସ – ରାଜନୀତି ସାଧାରଣ ସସ୍ତାର ବନ୍ଧୁତା ନୁହେଁ – ଘୃଣ୍ଡ (ସେ ଯାଇଁ ସେକ୍ରେଟାରିଏଟ ଟେବଲ ନିକଟରେ ବସିଲେ) ଆଜର ଫାଇଲ··· (ବନାନୀ ଥାକେ ଫାଇଲ ଟେବଲ ଉପରେ ଥୋଇ ଦେଇ ଅନ୍ୟ ଘରକୁ ଚାଲିଗଲେ । ଦାସ ଫାଇଲ ଦେଖିବାକୁ ଆରମ୍ଭ କଲେ । କେତେଟା ଫାଇଲ ଦେଖି ସାରିବା ପରେ ହଠାତ୍ ଗୋଟାଏ ଫାଇଲରେ ଆଖି ନିବଦ୍ଧ ହେଲା । ସେ କଲିଂ ବେଲ ବଜାଇଲେ । ଏକ ସଙ୍ଗେ

Digitized by srujanika@gmail.com

ବନାମୀ ଓ ଚପରାସି ପଶି ଆସିଲେ । ଚପରାସି ସଲାମ ଭଙ୍କ ପୁଣି ପରଦାକୁ ବାହାର ଗଲା)

ଦାସ—ଫୋନରେ ଚିଫ୍ ସେକ୍ରେଟାରୀଙ୍କୁ ଜଣାଇ ଦେ ମା ତଙ୍କ ଯେତେ ଶୀଘ୍ର ସଂଭବ ମୋ ସାଙ୍ଗେ ଦେଖା କରିବେ ।

ବନାମୀ—(ଘଣ୍ଟାକୁ ଅନାଇ) ଆଠଟାରେ ବାଜିବ ପ୍ରାପ୍ତ । ବର୍ତ୍ତମାନ ଫୋନରେ ସେ ମତେ ପଚାରୁଥିଲେ ଆପଣଙ୍କ ପାଖେ କିଏ ଅଛନ୍ତି କି ନାହିଁ । ମୁଁ ନାହିଁ କଲି । ସେ ସିଧା ଆସିବେ ଜଣାଇଛନ୍ତି ।

ଦାସ—ଓ······

ବନାମୀ—··· ···ଆସିଲେ···

ଦାସ—ପଠାଇଦେବୁ······ (ସେ ଚାଲି ପାଉଥିଲେ, ଚପରାସି ପଶିଆସି)

ଚପରାସି—ଚିଫ୍ ସେକ୍ରେଟାରୀ···

ଦାସ—ଆସନ୍ତୁ । (ଚପରାସୀ ଚାଲିଗଲା ଓ ଚିଫ୍ ସେକ୍ରେଟାରୀ ପଶି ଆସିଲେ)

ଚିଫ୍ ସେକ୍ରେଟାରୀ ନାୟକ—(ନମସ୍କାର କରି ପାଖରେ ଛିଡ଼ା ହେଲେ) ସାର !

ଦାସ—ବସନ୍ତୁ, (ଦେଖୁଥିବା ଫାଇଲଟା ହାତକୁ ବଢ଼ାଇଦେଇ) ଏ ଫାଇଲ ଆପଣ ପଠାଇଛନ୍ତି ?

ନାୟକ—(ଫାଇଲ ଦେଖି ଫେରାଇଦେଇ ··) ମୁଁ ପଠାଇଛି ସାର···

ଦାସ—ଏ ବିଷୟରେ ଭଲକରି ଭାବିଛନ୍ତି ?

ନାୟକ—ଫାଇଲରେ ହୋମ ମିନିଷ୍ଟରଙ୍କ ନୋଟ ପ୍ରତି ମୁଁ ଆପଣଙ୍କର ଦୃଷ୍ଟି ଆକର୍ଷଣ କରୁଛି ।

Digitized by srujanika@gmail.com

ଦାସ—ମୁଁ ଆପଣଙ୍କ କଥା ପଚାରୁଛି ।

ନାୟକ—ଭଲକରି ବିଚାର କରିଛି ।

ଦାସ—'ପ୍ରାପ୍ୟ ବୃଦ୍ଧ' ଉପରେ ଯେଉଁ ସବୁ ନିଷେଧ ଆଜ୍ଞା ଓ କଟକଣା ପ୍ରୟୋଗ କରାଯିବାର ପ୍ରସ୍ତାବ କରାଯାଇଛି କଣ ତାର ଯଥାର୍ଥ୍ୟ ?

ନାୟକ—ବିରୋଧୀଦଳକୁ ସବୁପ୍ରକାର ବାଧାଦେବା ସରକାରଙ୍କର କର୍ତ୍ତବ୍ୟ···

ଦାସ—କର୍ତ୍ତବ୍ୟ ?

ନାୟକ – ଏହା ଦେଶ ଶାସନର ଏକ ଚିରାଚରିତ ପରମ୍ପରା ।

ଦାସ—କିନ୍ତୁ ସେମାନଙ୍କୁ ଶାସନ ବିଧାନର ମୌଳିକ ଅଧିକାରରୁ ବଂଚିତ କରିବା ଆମର କି ଅଧିକାର ଅଛି ?

ନାୟକ—ଶାସନ କ୍ଷେତ୍ର ଅପେକ୍ଷା ପାଠ୍ୟ-ପୁସ୍ତକ ପାଇଁ ମୌଳିକ ଅଧିକାରର ପ୍ରୟୋଜନ ବେଶୀ !

ଦାସ—(ଉତ୍ତ୍ୟକ୍ତ ହୋଇ ଯାଇଁ) ଶ୍ରୀଯୁକ୍ତ ନାୟକ !

ନାୟକ—(ନମ୍ରଭାବେ ମୁଣ୍ଡ ତଳକୁ ନୁଆଁଇଦେଇ) ମୁଁ ନିଜକଥା କହୁନାହିଁ ସାର···ଏ, ହେଉଛି ମନ୍ତ୍ରୀମଣ୍ଡଳର ଅଧିକାଂଶ ସଭ୍ୟଙ୍କ ମତ ।

ଦାସ—କିନ୍ତୁ ଏ ତ ଆମ ପାର୍ଟିର ମତ ନୁହେଁ । "ସ୍ୱଦେଶପାର୍ଟି" ଋହେ ପ୍ରତ୍ୟେକ ନାଗରିକର ନାଗରିକ ସ୍ୱାଧୀନତା ।

ନାୟକ—ହୋଇପାରେ ସାର । କିନ୍ତୁ ଏଇ ହେଉଛି ସେଇ-ମାନଙ୍କ ମତ ଯେଉଁମାନେ "ସ୍ୱଦେଶପାର୍ଟି"ର ଟିକେଟରେ ଜନତାର ପ୍ରତିନିଧିତ୍ୱ କରୁଛନ୍ତି । ସତ ଆଉ ସରଳ ଭାବରେ କହିଲେ ସାର ଆଜି ଶାସନ ଯେଉଁମାନଙ୍କ ହାତରେ

Digitized by srujanika@gmail.com

ଅଛୁ ସେମାନେ ଆଜିର ବହୁବର୍ଷ ପାଇଁ ଶାସନର ଅଧିକାରୀ ହେବାକୁ ଯାହାନ୍ତି ।

ଦାସ—ଏ ପ୍ରସ୍ତାବ ମୁଁ ଗ୍ରହଣ କରିପାରିବ ନାହିଁ ।

ନାୟକ—ଅଧିକାଂଶଙ୍କର ସେଇ ଆଶଙ୍କା—କିନ୍ତୁ ଏ ପ୍ରସ୍ତାବ ଯେ ଗ୍ରହଣ କରିବାକୁ ହେବ । ବିରୋଧୀଦଳପ୍ରତି କୋହଳ ମୀତି ଦେଖାଇ······

ଦାସ—କୋହଳ ମୀତି ନା ଗଣତାନ୍ତ୍ରିକ ନ୍ୟାୟ !

ନାୟକ—ଯାହା କୁହନ୍ତୁ । ମୋଟରେ ବିରୋଧୀଦଳ ପ୍ରତି ଆପଣ ଯେଉଁ ମୀତି ଦେଖାଇଲେ, ତାରି ସୁଯୋଗରେ ସେମାନେ ଗତ ନିର୍ବାଚନରେ ଆସେମ୍ବ୍ଲିରେ ଏକ ଚତୁର୍ଥାଂଶ ସ୍ଥାନ ପାଇଲେ । ସେମାନଙ୍କୁ ଆଉ ସୁଯୋଗ ଦିଆଯିବା ଉଚିତ ନୁହେଁ ।

ଦାସ—ଆପଣ ଭୁଲି ଯାଉଛନ୍ତି ଆପଣ ମୁଖ୍ୟମନ୍ତ୍ରୀଙ୍କ ସମ୍ମୁଖରେ କଥାବାର୍ତ୍ତା କରୁଛନ୍ତି ।

ନାୟକ—ମୋର ଏକମାତ୍ର ଭରସା ମୁଁ ସରକାରୀ ଦଳର ଅଧିକାଂଶ ସଭ୍ୟଙ୍କ ମତ ପ୍ରକାଶ କରୁଛି ।

ଦାସ—ସେଇକ'ଣ ଆପଣଙ୍କର ମତ ?

ନାୟକ—ନାଁ······

ଦାସ—ନିଜ ମତ ପ୍ରକାଶ କରୁନାହାନ୍ତି କାହିଁକି ?

ନାୟକ—ମୁଁ ନିର୍ବାଚିତ ସଭ୍ୟ ନୁହେଁ, କର୍ମଚାରୀ···

ଦାସ—କିନ୍ତୁ ଆପଣଙ୍କ ପଦ ଯେ ଆଡ୍‌ମିନିଷ୍ଟ୍ରେଟିଭ ସର୍ଭିସ ଅନୁସାରେ ସଂରକ୍ଷିତ ।

ନାୟକ—(ହସିଲେ)

ଦାସ—ହସିଲେ ?

Digitized by srujanika@gmail.com

ନାୟକ—ଆଡ଼ମିନଷ୍ଟ୍ରେଟିଭ ସର୍ଭିସର ପ୍ରୟୋଗ ସେଇମାନଙ୍କ ହାତରେ ଯେଉଁମାନଙ୍କ ମତ ମୁଁ ପେଶ କରୁଛି । ସାର୍, ଆପଣଙ୍କୁ ମୋର ଅନୁରୋଧ ଆପଣ ଏ ବିଲ ଗ୍ରହଣ ପାଇଁ ଶେଷ ସ୍ୱାକ୍ଷର ଦିଅନ୍ତୁ । ବିରୋଧୀ "ପ୍ରାପ୍ୟ ଗୃହ"ର ଅଗ୍ରଗତିକୁ ସଙ୍କୁଚିତ ନ କରିବା ଛଡ଼ା ଉପାୟ ନାହିଁ ।

ଦାସ—(ଜିଦ୍‌ଖୋର ସ୍ୱରରେ) ମୁଁ ସ୍ୱାକ୍ଷର ଦେବି ନାହିଁ ।

ଚପରାସି—(ପଶିଆସି) ପୋଲିସ କମିଶନର···

(ଦାସ ମୁଣ୍ଡ ଝୁଙ୍କାଇ ସମ୍ମତି ଦେଲେ, ପୋଲିସ କମିଶନର ପଟେଲ ପଶିଆସି ସାମରିକ ପଦ୍ଧତିରେ ସ୍ୟାଲୁଟ କଲେ)

ଦାସ—ବସନ୍ତୁ ।

ପଟେଲ—(ବସିଲେ) ମୁଁ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ନେଇ ଆପଣଙ୍କ ନିକଟକୁ ଆସିଛି ।

ଦାସ—ଶୁଣିଲି "ପ୍ରାପ୍ୟଗୃହ"ର ଅଗ୍ରଗତିରେ ଆପଣ ବିଚଳିତ ହୋଇ ପଡ଼ିଛନ୍ତି ।

ପଟେଲ—ନୌ···କୌଣସିମତେ ନୁହେଁ । ଅବଶ୍ୟ ବହୁ ଶ୍ରମିକ ସଙ୍ଗଠନ ସେମାନଙ୍କ ହାତରେ ରହିଯାଇଛି, ଯେ କୌଣସି ମୁହୂର୍ତ୍ତରେ ଏକ ରାଜନୈତିକ ବିସ୍ଫୋରଣ ହୋଇ ଯାଇ-ପାରେ । କିନ୍ତୁ ପୋଲିସ ବାହିନୀର ଅଧ୍ୟକ୍ଷ ହିସାବରେ ମୁଁ "ରାଷ୍ଟ୍ର" ସରକାରଙ୍କୁ ଯେପରି ପ୍ରତିଶ୍ରୁତି ଦେଇଥିଲି,ଆପଣଙ୍କୁ ସେମିତି ପ୍ରତିଶ୍ରୁତି ଦେଉଛି ସାର !

ଦାସ—ବେଶ୍ ବେଶ୍ (ଆଉ କୁହାଇ ଦେଲେ ନାହିଁ) ତା' ହେଲେ କାହିଁକି ମି ନାୟକ ବିରୋଧୀଦଳ ପ୍ରତି ଏ ବୃଥା ଅଙ୍କୁଶ ପ୍ରୟୋଗ ?

Digitized by srujanika@gmail.com

ନାୟକ—ରାଜନୈତିକ ଆବଶ୍ୟକତା ସାର । ସରକାର ଦେଶର ପ୍ରତିନିଧି । ସରକାରଙ୍କ ଦାୟିତ୍ୱ ହେଉଛି ଯଦି ଅଳ୍ପ ଟଙ୍କାରେ କୌଣସି କାର୍ଯ୍ୟ ହୋଇପାଏ ତେବେ ବେଶୀ ଟଙ୍କା ଖର୍ଚ୍ଚ ନ କରିବା । ସାର, ରାଜନୈତିକ ବିସ୍ଫୋରଣ ଘଟିଲେ ସରକାରଙ୍କର ଅଯଥା ବହୁତ ଗୋଳା ବାରୁଦ ନଷ୍ଟ ହୋଇଯିବ । ତେଣୁ ଆଗରୁ ସତର୍କ ରହି ସୁଯୋଗ ନ ଦେବା ଏ ପରିସ୍ଥିତିରେ ଉପଯୁକ୍ତ ହେବ ।

ପଟେଲ—ସେତିକି ନୁହେଁ ସାର, ତୃତୀୟ ଏ ବ୍ୟବସ୍ଥା ଦ୍ୱାରା ପୋଲିସ ବାହିନୀକୁ ବିସ୍ଫୋରଣ ମୁହଁକୁ ନ ପଠାଇବାର ବ୍ୟବସ୍ଥା କରାଯାଉଛି । ପୋଲିସ ବାହିନୀ ଦେଶର ମେରୁଦଣ୍ଡ, ସେମାନଙ୍କ ଜୀବନର ମୂଲ୍ୟ ଅଛି ! ହାଃ···ହାଃ···ହାଃ··· କିନ୍ତୁ ସାର, ମୁଁ "ପ୍ରାପ୍ୟ ବୃଦ୍ଧି"ର ଅଗ୍ରଗତିରେ ବିଚଳିତ ହୋଇନାହିଁ···ସେମାନେ ମାତ୍ର ପ୍ରାପ୍ୟ ବୃଦ୍ଧାନ୍ତି କଏ ପ୍ରାପ୍ୟ ନ ବୃଦ୍ଧେ···

ଦାସ—ତା'ହେଲେ କାହିଁକି ଆସିଥିଲେ ?

ପଟେଲ—"ପ୍ରାପ୍ୟବୃଦ୍ଧି" ପାଇଁ ନୁହେଁ ସାର "ସଂଗଠନ"ର ସଂଗଠନରେ ମୁଁ ବିଚଳିତ ହୋଇ ପଡ଼ୁଛି ।

ଦାସ ଓ ବନାମୀ—"ସଂଗଠନ" !

ବନାମୀ—ଦାଦାଙ୍କର ଅନୁଷ୍ଠାନ ?

ପଟେଲ—ହଁ ।

ବନାମୀ—ସେତ ରାଜନୈତିକ ଅନୁଷ୍ଠାନ ନୁହେଁ ।

ପଟେଲ—ରାଜନୈତିକ ଅନୁଷ୍ଠାନ ନ ହୋଇଥିବାରୁ ସେଇଟା ମୋ ମୁଣ୍ଡବଥାର ବଡ଼ କାରଣ ହୋଇଛି ।

ଦାସ—କଣ କହୁଚନ୍ତି ଆପଣ ?

Digitized by srujanika@gmail.com

ପଟେଲ—ସ୍ପେସିଆଲ ବ୍ରାଞ୍ଚର ରିପୋର୍ଟ କଲେଜର ବିଚକ୍ଷଣ ଛାତ୍ର-
ମାନଙ୍କ ମଧ୍ୟରୁ ଶତକଡ଼ା ଅଶୀ ସେଇ ସଂଗଠନ ପ୍ରତି ମନ
ଦେଲେଣି ।

ବନାର୍ଜୀ—କଣ ହେଲା ?

ପଟେଲ—"ସଂଗଠନ"ର ଉଦ୍ଦେଶ୍ୟ ହେଉଛି, ଲୋକ ଚରିତ୍ର
ଉନ୍ନତ ସ୍ତରକୁ ନେବା, ନିଜର କାମ ନିଜେ କରିବା ଓ
ସବୁ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ।

ଦାସ—ତା'ତ ଠିକ୍ କଥା, ଦେଶରେ ଆଜି ସେଇ ଅନୁଷ୍ଠାନର
ଆବଶ୍ୟକ ବେଶୀ ।

ପଟେଲ—କିନ୍ତୁ ଆପଣ ଭୁଲିଯାଉଛନ୍ତି ଯେ, ସେ ଅନୁଷ୍ଠାନ
ଅନ୍ତତଃ ଆଂଶିକ ସଫଳ ହେଲେ ଦେଶରେ ଏତେ ବିରାଟ
ପୋଲିସ ବାହିନୀ ରଖିବା ଦରକାର ପଡ଼ିବ ନାହିଁ । ଖାଲି ତ
ପୋଲିସ ବାହିନୀ ନୁହେଁ; ଏତେ ବଡ଼ ସରକାରୀ ଶାସନ
ଯନ୍ତ୍ର ରଖିବାର ପ୍ରୟୋଜନ ନାହିଁ । ତେଣୁ ସାର, ମୁଁ ଆଜି
ବେଶୀ ଚିନ୍ତିତ "ପ୍ରାପ୍ୟ ବୃଦ୍ଧି" ପାଇଁ ନୁହେଁ "ସଂଗଠନ"
ପାଇଁ ।

ଦାସ—ନାୟକ !

ନାୟକ—ପୋଲିସ କମିସନରଙ୍କ ଯୁକ୍ତିରେ ମୂଲ୍ୟ ଅଛି । ତାଙ୍କର
ଏ ଯୁକ୍ତି ସରକାର ବିଚାର କରିବା ଉଚିତ ।

ପଟେଲ—"ସଂଗଠନ" କେତେଗୁଡ଼ିଏ ଗ୍ରାମକୁ କେନ୍ଦ୍ରକରି
କାର୍ଯ୍ୟକ୍ରମ ଆରମ୍ଭ କରିଛି । ମୋର ସୁପାରିଶ··ସଂଗଠନକୁ
ଅନ୍ତତଃ ବେଆଇନ ଘୋଷଣା କରି ନପାରିଲେ ଅନ୍ତତଃ ସେଇ
ଗ୍ରାମ ଗୁଡ଼ିକ ଉପରେ···

ଦାସ—(ଅସନ୍ତୁଷ୍ଟ ଭାବରେ) ପଟେଲ !

Digitized by srujanika@gmail.com

ନାୟକ—ଲୋକେତ କହିବାକୁ ଭୁଲିବେ ନାହିଁ "ସଂଗଠନ"ର ପ୍ରାଣଦାତା ଆପଣଙ୍କର ଭାଇ ବୋଲି, "ସଂଗଠନ" ପ୍ରତି ସରକାରଙ୍କର ଏ ପକ୍ଷପାତିତା……

ଦାସ—ଚୁପ୍ କରନ୍ତୁ, ଚୁପ୍ କରନ୍ତୁ । ମତେ ଆପଣମାନେ ଉଦ୍‌ଭ୍ରାନ୍ତ କରିପକାଇଲେଣି । ମୁଁ ଜାଣି ପାରୁନାହିଁ ଗଣତନ୍ତ୍ର ନାଁରେ ଏ ଅଗଣତାନ୍ତ୍ରିକ ମତ କାହିଁକି ଆପଣମାନେ ଚାଲୁ କରିବା ପାଇଁ ଉଦ୍‌ଗ୍ରୀବ ।

ନାୟକ—(ନମ୍ରଭାବରେ) ସାର, ଆପଣଙ୍କ କ୍ୟାବିନେଟ ହିଁ ତାର ଉତ୍ତର ଦେବ ।

ବନାମୀ—(ହଠାତ୍ ମନେ ପଡିଗଲା) ବାପା…କ୍ୟାବିନେଟର…

ଦାସ—ଜାଣେ, ସାପ୍ତାହିକ ବୈଠକର ଟାଇମ ହୋଇ ଗଲାଣି । ଆଚ୍ଛା, ଆସନ୍ତୁ ଆପଣମାନେ—ମୁଁ ଚଞ୍ଚଳତାକୁ ଭଲ ପାଏ ନାଁ । କ୍ୟାବିନେଟ ସହିତ ଆଲୋଚନା କରି ମୁଁ ଏସବୁ ସ୍ଥିର କରିବି—ଆସନ୍ତୁ ଆପଣମାନେ । (ଟେକେଲ ଓ ନାୟକ ଚାଲି ଗଲେ । ଦାସ ଅବଶ ଭାବେ) ଆଲୋଚନାର ବିଷୟ ପ୍ରସ୍ତୁତ କରି ରଖ ମା' (ବନାମୀ ଚାଲିଗଲେ । ଦାସ ପୁଣି ଫାଇଲ ଖୋଲି ବସିଲେ । ବନାମୀ ପୁଣି ପଶି ଆସିଲେ)

ବନାମୀ—ସୁଧାଂଶୁ…ସୁମିତ୍ରା…

ଦାସ—କ୍ୟାବିନେଟରୁ ଫେରିଲେ (ବନାମୀ ଚାଲିଯାଉଥିଲେ) ନାଁ ନାଁ ଡାକ (ବନାମୀ ଚାଲିଗଲେ ଓ ପଶି ଆସିଲେ ସୁଧାଂଶୁ ଓ ସୁମିତ୍ରା)

ଦାସ—କହି ନ ଥିଲି ସୁଧାଂଶୁ ସେଦିନ ତୁମକୁ, ନିର୍ବାଚନରେ ମୁଁ ସବୁ ପକ୍ଷକୁ ସମାନ ସୁବିଧା ଦେବି ।

Digitized by srujanika@gmail.com

ସୁଧାଂଶୁ—ଆପଣ ଯେଉଁ ନିରପେକ୍ଷତା ଦେଖାଇଛନ୍ତି, ଇତିହାସ ତା କେବେ ଅସ୍ୱୀକାର କରିବ ନାହିଁ । କିନ୍ତୁ······

ଦାସ—ପୁଣି କିନ୍ତୁ କଣ ? ତୁମେ ଆଜି ବ୍ୟବସ୍ଥା ସଭାର ସଭ୍ୟ । ତୁମ ଦଳ ଯାହାର କି ବ୍ୟବସ୍ଥା ସଭାରେ ପଶିବାର ବି ସୁବିଧା ନ ଥିଲା 'ଗସ୍ତ' ସରକାରଙ୍କ ଅମଳରେ, ସେମାନେ ଆଜି ଶତକଡ଼ା ପଚାଶ ସଂଖ୍ୟାରେ ଆସେମ୍ବ୍ଲିର ସଭ୍ୟଶ୍ରେଣୀଭୁକ୍ତ ।

ସୁଧାଂଶୁ—ଏସବୁ ତ ଆମର ଲକ୍ଷ୍ୟ ନୁହେଁ । ଆମେ ଚାହୁଁ ଗୋଟିଏ ସିଧା ସଳଖ କଥା—ଚାଷୀ ମୂଲିଆ ଓ ଜନସାଧାରଣର ନ୍ୟାଯ୍ୟ ପ୍ରାପ୍ୟ । ଜୀବନର ବିକାଶ ପାଇଁ ସମାନ ସୁବିଧା ଆଉ ସୁଯୋଗ ।

ଦାସ—ନିଷ୍ପେଷିତର ଉତ୍ଥାନ ପାଇଁ ମୋର ସମର୍ଥନ ଅଛି । ସରକାରଙ୍କର ମୁଖ୍ୟ ହିସାବରେ ସେମାନଙ୍କ ପାଇଁ ଯାହା କରିବା ସମ୍ଭବ ତା ମୁଁ କରିବି । କିନ୍ତୁ ହଠାତ୍ ତୁମେ ?

ସୁଧାଂଶୁ—ବିରୋଧୀ ଦଳର ସାମାନ୍ୟ କେତେଟି ସିଦ୍ଧାନ୍ତ ମୁଁ ଆପଣଙ୍କୁ ଜଣାଇବାକୁ ଆସିଛି—ଏବଂ ତା ସଙ୍ଗେ ସଙ୍ଗେ ବିରୋଧୀ ଦଳପାଇଁ ମୁଁ ଆପଣଙ୍କଠାରୁ ଜାଣି ଯିବାକୁ ଚାହେଁ କେତେଟି ସୁସ୍ପଷ୍ଟ ମତାମତ ।

ଦାସ—ବିରୋଧୀଦଳର ଏପରି ମନୋଭାବ ପାଇଁ ତୁମକୁ ମୋର ଧନ୍ୟବାଦ ।

ସୁଧାଂଶୁ—ଆପଣ ଜାଣନ୍ତି ଆମର ଅନୁଷ୍ଠାନ ଏକ ଅଗ୍ରଗାମୀ ଅନୁଷ୍ଠାନ । ଆପଣ ଯଦି ଚାହାନ୍ତି ଦେଶର ଅଗ୍ରଗତି, ଆପଣ ବିଶ୍ୱାସ ରଖି ପାରନ୍ତି ଆମ ଉପରେ, ଆପଣଙ୍କର ସମସ୍ତ କାର୍ଯ୍ୟରେ ଆମର ସମର୍ଥନ ଅଛି ।

Digitized by srujanika@gmail.com

ଦାସ—ବିରୋଧୀଦଳର ଏ ରୁଚିପୂର୍ଣ୍ଣ ମନୋଭାବକୁ ମୁଁ ସ୍ୱାଗତ କରୁଛି ।

ସୁମିତା—କିନ୍ତୁ ଜଙ୍କେଟ ଖୁରର ଦୁଇପାଖରେ ଧାର ଥାଏ, "ପ୍ରାପ୍ୟ ବୃତ୍ତ"ର ଅବସ୍ଥା ବି ଠିକ୍ ସେଇଆ । ଆମ ଦଳ ପକ୍ଷରୁ ଆମେ ଜାଣି ପିବାକୁ ଗୃହସ୍ଥ ବୃଷୀ ମୂଳିଆଙ୍କର ଉନ୍ନତି ପାଇଁ ଆପଣ କି କି ନିର୍ଦ୍ଦିଷ୍ଟ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି ।

ଦାସ—ସୁଧାଂଶୁ, ମତେ ସମୟ ଦିଅ...ବିଶ୍ୱାସ କର...

ସୁମିତା—କିନ୍ତୁ ଶ୍ରମିକମାନଙ୍କ ପ୍ରତି ଆପଣଙ୍କ ସରକାରର ନୀତି ଆପଣଙ୍କ ପ୍ରତିଶ୍ରୁତିର ସମର୍ଥନ କରୁନାହିଁ ।

ଦାସ—କାହିଁ, ମୁଁ ନିଜେ ତ ବିଶ୍ୱାସ କରୁନାହିଁ କେଉଁଠି ସମର୍ଥନ କରୁନାହିଁ ବୋଲି ।

ସୁଧାଂଶୁ—ରାଷ୍ଟ୍ରର ଅଧିକାଂଶ ଶ୍ରମିକ-ସଂଗଠନକୁ କୌଣସି ପୁଞ୍ଜିପତି ମାଲିକ ସ୍ୱୀକାର କରୁନାହାନ୍ତି । ଏପରି ପରିସ୍ଥିତିରେ ସରକାର ସେଇ ଅନୁଷ୍ଠାନଗୁଡ଼ିକୁ ସ୍ୱୀକାର କରି ମାଲିକ ଉପରେ ପରୋକ୍ଷ ଚାପ ପକାଇବା ଉଚିତ ନୁହେଁକି ?

ଦାସ—ମୁଁ ତା କରିବି ସୁଧାଂଶୁ ।

ବନାନୀ—(ପଶିଆସି) ମିଟିଂର ସମୟ ହୋଇ ଯାଇଛି ।

ଦାସ—ଓ...(ହଠାତ୍ ମନେ ପଡ଼ିଗଲା । ଉଠି ଛିଡ଼ା ହେଲେ)

ସୁଧାଂଶୁ—ଆମେ ଅପେକ୍ଷା କରିବୁ ?

ଦାସ—ମୋର ଫେରିବାକୁ ଡେରି ହେବ ନାହିଁ ।

ସୁଧାଂଶୁ—ଆସନ୍ତୁ ଆପଣ (ଦାସ ଓ ବନାନୀ ବାହାରି ଗଲେ) ବାସ୍ତବିକ ଶ୍ରୀଯୁକ୍ତ ଦାସଙ୍କ ପରି ପ୍ରଗତିଶୀଳ ବ୍ୟକ୍ତିଙ୍କୁ "ସ୍ୱଦେଶ ପାର୍ଟି"ର ହାଇକମାଣ୍ଡ, ମୁଖ୍ୟମନ୍ତ୍ରୀ ପାଇଁ ମନୋନୀତ

Digitized by srujanika@gmail.com

କରି "ସ୍ୱଦେଶ ପାର୍ଟି"କୁ ମରଣ ମୁଖରୁ ବଞ୍ଚାଇ ପାରିଛୁ ।

(ବନାନୀ ଫେରି ଆସିଲେ)

ସୁମିତା—ଏତେ ଶୀଘ୍ର ଫେରି ଆସିଲ ଯେ—

ବନାନୀ—କ୍ୟାବିନେଟ୍ ମିଟିଂରେ ମୋର କାମ ନ ଥାଏ, ମୁଁ ବାପାଙ୍କୁ ବଳେଇ ଦେବାକୁ ଯାଇଥିଲି ।

ସୁଧାଂଶୁ—ବେଶ୍ । ବାପାଙ୍କ ସ୍ୱାସ୍ଥ୍ୟ କେମିତି ଅଛି ?

ବନାନୀ—ମନ୍ଦ ନୁହେଁ ।

ସୁଧାଂଶୁ—ପୂର୍ବର ଯନ୍ତ୍ରଣା ଆଉ କରୁଛି ?

ବନାନୀ—ନା...

ସୁମିତା—ଦେଖ, ତୁମକୁ ଏତେ ବେଳଯାକେ ମୁଁ ପଚାରିବାର କଥା ପଚାରି ପାରିନାହିଁ ।

ବନାନୀ—(ହସି ହସି) କେଉଁ କଥା ତୁମର ପଚାରିବାର କେଉଁ କଥା ନ ପଚାରିବାର ନ ପଚାରିଲେ, ମୁଁ ଜାଣିବି କେମିତି ?

ସୁମିତା—ଫାଲ୍‌ଗୁନୀଙ୍କ କଥା...।

ସୁଧାଂଶୁ—ସତରେ, ପରସ୍ପରଠାରୁ କେତେ ଦୂରକୁ ଦୂରକୁ ଚାଲି ଗଲୁଣି ଆମେ । କେହି କାହାର ଖବର ବି ରଖି ପାରିନାହୁଁ ।

ବନାନୀ—ଦାଦା ତାଙ୍କର ଅଧ୍ୟାପକ କାର୍ଯ୍ୟରୁ ଇସ୍ତଫା ଦେଇ ଗାଁରେ ।

ସୁଧାଂଶୁ—ଗାଁରେ !

ବନାନୀ—'ସଂଗଠନ'ର ବାସ୍ତବତା ପରୀକ୍ଷା କରିବାରେ ବ୍ୟସ୍ତ ।

ସୁମିତା—ତା ମାନେ ?

ବନାନୀ—ଲୋକ ଚରିତ୍ର ଓ ନୈତିକତାର ଉନ୍ନତି ନ ହେଲେ ବିକାଶ ଅସମ୍ଭବ । ଦାଦା କେତୋଟି ଗ୍ରାମରେ ଲୋକମାନଙ୍କ ଜୀବନର ସେଇ ଦିଗଟିର ବିକାଶ କରୁଛନ୍ତି, ଦାଦାଙ୍କ ସଙ୍ଗେ

Digitized by srujanika@gmail.com

ବିଶ୍ୱବିଦ୍ୟାଳୟର ବହୁ ମେଧାବୀ ଛାତ୍ର ସେଇ ଗ୍ରାମରେ ରହି କାର୍ଯ୍ୟ କରୁଛନ୍ତି ।

ସୁମିତ୍ରା—(ଠୋ ଠୋ ହସି ଉଠିଲେ)

ସୁଧାଂଶୁ—ସେ କ'ଣ ସୁମିତ୍ରା !

ସୁମିତ୍ରା—ଫାଲ୍‌ଗୁନୀ ବନେ ମତେ କହିଥିଲେ ସୁଧାଂଶୁକୁ କହି ତୁମକୁ କାକେ ପଠାଇବାର ବ୍ୟବସ୍ଥା କରିବ । ଆଜି ମନେ ହେଉଛି, ତାଙ୍କର କାକେ ଯିବାର ବ୍ୟବସ୍ଥା କରିଦିବା ଉଚିତ ।

ବନାନୀ—ମାନେ ?

ସୁମିତ୍ରା—ଲୋକ ଚରିତ୍ର ଆଉ ନୈତିକତା ଏକ ମନୋଭାବର କଥା । ଦୁଇରେ ଦୁଇ ମିଶାଇଲେ ଚାରି ପରି ଏହା ସ୍ଥାଣୁ ନୁହେଁ । ଆମ ଦେଶରେ ଜଣେ ଯୁବକ ଜଣେ ଯୁବତୀ ସହିତ ହସି ହସି କଥାବାର୍ତ୍ତା କଲେ ଅନ୍ୟମାନଙ୍କ ମନରେ ସନ୍ଦେହ ସୃଷ୍ଟି ହୁଏ । କିନ୍ତୁ କେତେ ଦେଶ ଅଛି ଯେଉଁଠି ଯୁବକ ଯୁବତୀଙ୍କ ମଧ୍ୟରେ, ହେଉନ୍ତୁ ନା ସେମାନେ ଅପରିଚିତ, ନବ ପରିଚିତ, ବା ପରିଚିତ···ସେମାନଙ୍କର ସମ୍ଭାଷଣ ବିନିମୟ କରିଯାଏ ଆଲିଙ୍ଗନ ଓ ଚୁମ୍ବନରେ । କେତେବର୍ଷ ତଳେ ଆମ ଦେଶରେ ଅପ୍ରାପ୍ତ ବୟସ୍କା କନ୍ୟା ବିବାହ କରିବା ଥିଲା ସମାଜର ଶ୍ରେଷ୍ଠ ଧର୍ମ, ଆଜି କିନ୍ତୁ ତାହା ଘୃଣ୍ୟ ଚକ୍ଷୁରେ ପର୍ଯ୍ୟବେକ୍ଷିତ ହୋଇଅଛି ।

ବନାନୀ—ତୁମେ ଲୋକ ଚରିତ୍ର ଆଉ ନୈତିକତାର ଭୁଲ ଅର୍ଥ କରୁଛ । ଚୋରି, ଡକାଇତି···ମିଥ୍ୟା, ପ୍ରବଞ୍ଚନା···

ସୁମିତ୍ରା—ହୁଏ ତ ଭୁଲ ହୋଇପାରେ, କିନ୍ତୁ ତୁମ ଦାଦାଙ୍କୁ ମୁଁ ପଳାୟନପନ୍ଥୀ କହିବି । ଜୀବନ-ସଂଗ୍ରାମ ପାଇଁ ନିର୍ଜୀବ

Digitized by srujanika@gmail.com

କ୍ଳୀବ ସେ । ପ୍ରତ୍ୟକ୍ଷ ସଂଗ୍ରାମରେ ଜୀବନକୁ ଆସ୍ୱାଦନ ନ କରି ପରୋକ୍ଷ ନେଇ ସେ ବ୍ୟସ୍ତ ।

ସୁଧାଂଶୁ—ଫାଲ୍‌ଗୁନୀ ଉପରେ ତ ରାଗ ତୋର କମ ନୁହେଁ ।

ସୁମିତ୍ରା—ହେବ ନାହିଁ ? ଆଜି ସଂଗଠନ ଆଉ ସେବା ନାଁରେ ସେ ଭଣ୍ଡାମୀର ପ୍ରଶ୍ରୟ ଦେଉଛନ୍ତି । ତୁମେ ନାଁ କୁହ ଯେଉଁଠି ଅର୍ଥନୈତିକ ଚାପରେ ଜୀବନ ପିଷ୍ଟ ଯେଉଁଠି ଜୀବନ ପ୍ରତି ମୁହୂର୍ତ୍ତରେ ଲୁଣ୍ଠିତ ହେଉଛି ନୀରବଚ୍ଛିନ୍ନ ଶୋଷଣର ଅତ୍ୟାଚାରରେ ସେଠି ଲୋକ ତନ୍ତ୍ର ଆଉ ନୈତିକତାର ପ୍ରଶ୍ନ ଏକ ବର୍ବର ପ୍ରହସନ ।

ସୁଧାଂଶୁ—ତଥାପି ଫାଲ୍‌ଗୁନୀ ଉପରେ ଆମେ ଏତେ ନିଷ୍ଠୁର ହେବାନି ।

ସୁମିତ୍ରା—ନିଷ୍ଠୁର ହେବା । ତାଙ୍କୁ ଶିକ୍ଷା ଦେବାର ଯଦି ସୁବିଧା ଆଉ ସୁଯୋଗ ପାଏ, ତେବେ···

ବନାନୀ—ଦାଦା ଏଠିକି ଆସିବେ ।

ସୁମିତ୍ରା—(ଶିହରି ଉଠିଲେ) ଆସିବେ ?···ବେଶ ଆଜିହିଁ ମୁଁ ତାଙ୍କର ସମ୍ମୁଖୀନ ହେବ ।

(ବାହାରେ କିଏ ଇଲେକ୍‌ଟ୍ରିକ ବେଲ ଟିପିଲା । ବନାନୀ ପଦାକୁ ବାହାରି ଗଲେ)

ସୁଧାଂଶୁ—ସୁମିତ୍ରା, ଏ କେତେ ଦିନ ଧରି ଲକ୍ଷ୍ୟ କରୁଛି ତୁ ବଡ଼ କଟୁଜିହ୍ୱ ହୋଇ ପଡ଼ୁଛୁ । ସବୁ ବାକ୍ୟରେ ଯେମିତି ତୋର ଖାଲି ଅବସାଦ···ଅବସାଦ ··ଆଉ ଅବସାଦ ।

(ପଶି ଆସିଲେ ବନାନୀ ଆଉ ଶ୍ୟାମଲାଲ ବ୍ରଜଲାଲ । ଶେଷୋକ୍ତ ବ୍ୟକ୍ତିଙ୍କର ପକ୍‌କା ବେପାରୀର ଚେହେରା)

Digitized by srujanika@gmail.com

ବନାନୀ—ମୁଁ କିଛି କହି ପାରିବ ନାହିଁ, କାରଣ ଏପରି ଘଟଣାର ସମ୍ମୁଖୀନ ଏହା ପୂର୍ବରୁ କେବେ ହୋଇନାହିଁ; ଆପଣ ମୁଖ୍ୟ-ମନ୍ତ୍ରୀଙ୍କ ଫେରିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ ।

ଶ୍ୟାମଲାଲ–ମୁଁ ଅପେକ୍ଷା କରିବି । (ସେ ନବିକାର ପାଖେ ବସିଲେ)

ସୁମିତ୍ରା—ଶିଷ୍ଟାଚାର ଭୁଲ ଯାଉଚ ବନାନି ! ଭଦ୍ରଲୋକଙ୍କ ପରିଚୟ ଆମେ ବି ଅନ୍ତତଃ ଜାଣିବା ଉଚିତ ।

ବନାନୀ – ନିଶ୍ଚୟ । ଆଉ ତୁମର ପରିଚୟ ଭଦ୍ରଲୋକଙ୍କର ମଧ୍ୟ ଜାଣିବା ଉଚିତ ।

ସୁଧାଂଶୁ—ବାସ୍ତବିକ !

ବନାନୀ—ଶ୍ରୀମତୀ ସୁମିତ୍ରା ପଟ୍ଟନାୟକ ଓ ଶ୍ରୀଯୁକ୍ତ ସୁଧାଂଶୁ ପଟ୍ଟନାୟକ, ମୋର ବନ୍ଧୁ । ଆଉ ଶ୍ରୀଯୁକ୍ତ ଶ୍ୟାମଲାଲ ବ୍ରିଜଲାଲ—ଏଁ—ଏଁ—ବ୍ୟବସାୟୀ…

ଶ୍ୟାମଲାଲ—ଅହମଦାବାଦ ମିଲ ସଙ୍ଗେ ଲୁଗାର ଏଜେନ୍‌ସି ଅଛି —ଲୁହାଲକଡ଼ ବେପାର ଅଛି, ସିମେଣ୍ଟ ବେପାର ଅଛି, ଧାନ ଚାଉଳର କାରବାର ବି ବେଳେ ବେଳେ ହୁଏ । ମଧ୍ୟପ୍ରଦେଶକୁ ଆଉ ବିହାରକୁ ରବି ରପ୍ତାନୀ କରାଯାଏ । ଚିନି, କରାସିନର ହୋଲସେଲ ଏଜେନ୍‌ସି ଅଛି । ଭଗବାନଙ୍କ ଦୟାରୁ ସୁଖେ ଦୁଃଖେ ପେଟପାଟଣା ଚଳି ଯାଉଛି ।

ସୁଧାଂଶୁ—ଭଗବାନଙ୍କର ଦୟା ଅପରିସୀମ ।

ସୁମିତ୍ରା—ଯେତେବୋଟିର ନାଁ କହିଲେ କେତେ ହଜାର ଟଙ୍କାର ବ୍ୟବସାୟ ହେବ ?

Digitized by srujanika@gmail.com

ଶ୍ୟାମଲାଲ—ହଁ କେତେ ହଜାର ଏ ହେବ ? (ଦୈନ୍ୟ ଦେଖାଇ)
ସୁଧାଂଶୁ—ତିରିଶ ଚାଳିଶ ଲକ୍ଷରୁ କମ ନୁହେଁ ନିଶ୍ଚୟ !
ଶ୍ୟାମଲାଲ—(ଆପ୍ୟାୟିତ ହୋଇ) ହଁ ବାବୁ ସେଇଆ ହେବ, ଏମିତି କଷ୍ଟ ତା ଉପରେ; ଭଗବାନଙ୍କ ଦୟା···

ସୁଧାଂଶୁ—କଷ୍ଟ ଭାବନ୍ତେ ନାହିଁ ଶ୍ୟାମଲାଲ ବାବୁ ! ହଠାତ୍ ମୁଖ୍ୟ-ମନ୍ତ୍ରୀଙ୍କ କୋଠିକୁ କୁଆଡ଼େ ?

ସୁମିତ୍ରା—ମୁଖ୍ୟମନ୍ତ୍ରୀ ଆଜ ତାଙ୍କ ଦୁଲାଲୀ ବନାନୀଙ୍କୁ ଟି ପାର୍ଟିରେ ନା ଗାର୍ଡ଼େନ୍ ପାର୍ଟିରେ ସମ୍ବର୍ଦ୍ଧନା ଜଣାଇବାକୁ ଆସିଛନ୍ତି ?

ଶ୍ୟାମଲାଲ—(ଆପ୍ୟାୟିତ ହୋଇ) ଏ ଗୌରବ ବସ୍ତୁତଃ କାହିଁ ସେ ଭାଗ୍ୟ ବାବୁ ! ତେବେ ···"ଗୁପ୍ତ" ବାବୁ ଥିଲାବେଳେ ଟ୍ରେଷ୍ଟ ଭାଇ ମୋର କହାଇଲାଲ ଥରେ ଡାକଥିଲ, ଠଙ୍କା ଦଶ ପନ୍ଦର ହଜାର ଖର୍ଚ୍ଚ ହେଲା । ତେବେ ମନ୍ତ୍ରୀ ସାହେବଙ୍କ ଦୟା ହେଲେ···

ସୁମିତ୍ରା—ନିଶ୍ଚୟ···ଦେଶର ସର୍ବଶ୍ରେଷ୍ଠ ଶାସକ, ସେମାନଙ୍କ ପାଦଧୂଳି ଲକ୍ଷ୍ମୀର ପ୍ରାଙ୍ଗଣରେ ନ ପଡ଼ିଲେ ଲକ୍ଷ୍ମୀ ବା ସନ୍ତୁଷ୍ଟ ହେଉଛନ୍ତି କେତେବେ !

ବନାନୀ—ସୁମିତ୍ରା ! (ସୁମିତ୍ରା ଓଠ ଚାପି ହସୁଥାନ୍ତି)
ଶ୍ୟାମଲାଲ—ଆସିବାକୁ ଡେରି ହେବ ?
ସୁଧାଂଶୁ—ବଡ଼ ଜରୁରୀ କାମରେ ଆସିଥିଲି ପରି ଜଣା ଯାଉଛି ।
ଶ୍ୟାମଲାଲ—ଜରୁରୀ ନୁହେଁ ତ ଆଉ କଣ ? ପେଟ ପାଟଣା କଥା···
ବନାନୀ—ପେଟ ପାଟଣା ?
ଶ୍ୟାମଲାଲ—ଲୁହା ଆଉ ସିମେଣ୍ଟର ପରମିଟ କଥା···କହନ୍ତୁ ନାହିଁ ବାବୁ ଦିନକୁ ଶହ ଶହ ହନ୍ଦର ଲୁହା ଆଉ ହଜାର ହଜାର

Digitized by srujanika@gmail.com

ବସ୍ତା ସିମେଣ୍ଟ ଏଇ ହାତରେ କଣ୍ଟାଇ ଥିଲି । ଝଣ୍ଡେ ଲୁହା ଆଜ ବସ୍ତାଏ ସିମେଣ୍ଟ ଆଖି ଦେଖିବା ବି ଦୁଷ୍କର ହେଲାଣି ।

ସୁମିତ୍ରା—ତାହାହେଲେ ପରମିଟ୍ ପାଇଁ ମୁଖ୍ୟମନ୍ତ୍ରୀଙ୍କ...

ଶ୍ୟାମଲାଲ—(ଆତୁର ଅପ୍ୟାୟିତ ହୋଇ) ଆପଣତ ସବୁ ଜାଣନ୍ତି...

ସୁଧାଂଶୁ— (କଣ ଚିନ୍ତା କରି) ଆପଣଙ୍କ ନାଁ ଶ୍ୟାମଲାଲ ବ୍ରଜଲାଲ—କିନ୍ତୁ ଆପଣଙ୍କ ଫାର୍ମରୁ ତ ବେଶ୍ ସିମେଣ୍ଟ ଆଉ ଲୁହା ବିକ୍ରୀ ଚାଲିଛି ?

ଶ୍ୟାମଲାଲ—ମୋ ଫାରମରୁ ?

ସୁଧାଂଶୁ—ଲୁଚନ୍ତୁ ନାହିଁ, ବ୍ଲାକରେ...

ଶ୍ୟାମଲାଲ—ହଜୁର ନ ଜାଣନ୍ତି କଣ ? କିଏ ବା ହଜୁର ନ ଜାଣେ ଏ କଥା... ତେବେ କଥା କଣ କି ? ବ୍ଲାକ୍‌ରେ ଆସେ ଆଉ ବ୍ଲାକ୍‌ରେ ଯାଏ । ପରମିଟ୍ କେତେଟା ବସ୍ତା ପଡ଼ୁଥିଲେ ଅନ୍ତତଃ ।

ସୁମିତ୍ରା—ବ୍ଲାକରେ ସେଠି ବିକ୍ରୀ ହେଉଛି ବୋଲି ତ ଲୋକଙ୍କର ସନ୍ଦେହ ହେବନି ।

ଶ୍ୟାମଲାଲ—ଆପଣ ନ ଜାଣନ୍ତି କଣ କି, ସମସ୍ତେ ହଜୁର ଜାଣନ୍ତି ଏ କଥା... ତେବେ କଥା କଣ କି ସମସ୍ତଙ୍କର ପେଟପାଟଣା ତ ଅଛି ...

ବନାମୀ—ପରମିଟ ପାଇଁ ଏଠାକୁ କାହିଁକି ? ସମ୍ପୃକ୍ତ କର୍ମଚାରୀମାନଙ୍କ ପାଖକୁ ନ ଯାଇଁ...।

ଶ୍ୟାମଲାଲ—ତଳର କର୍ମଚାରୀମାନଙ୍କ ଇଚ୍ଛା ଉପରର କର୍ମଚାରୀମାନଙ୍କ ଜଣାରେ ସବୁ ହେଉ ... ଆପଣ ତ ସବୁ ଜାଣନ୍ତି ।

Digitized by srujanika@gmail.com

ସମସ୍ତେ ସମସ୍ତଙ୍କର ଅଂଶ ପାଇବେ, କାହାର ଆପତ୍ତି ରହିବ ନାହିଁ ନ ହେଲେ ଉପରର ନିର୍ଦ୍ଦେଶରେ ···

ସୁମିତ୍ରା—ଆପଣ ଶ୍ୟାମଲାଲ ବାବୁ କନ୍ଟ୍ରାକ୍ଟ ବ୍ୟବସାୟରେ ବିଚକ୍ଷଣ । ଅଚ୍ଛା ଏ ପରମିଟ, ଲାଇସେନ୍‌ସ ଯୋଗାଡ଼ ପାଇଁ କେତେ ବଜେଟ ରଖିଛନ୍ତି ?

ଶ୍ୟାମଲାଲ—ଆପଣ ତ ସବୁ ଜାଣନ୍ତି କାହାକୁ ଲୁଚେଇବା—କିଏ ବା ନ ଜାଣେ—ଟଙ୍କା ତିରିଶ ଚାଳିଶ ହଜାର ହେବ ।

ସୁଧାଂଶୁ—ଉପର ପାଇଁ ମଟର ଗାଡ଼ି···

ଶ୍ୟାମଲାଲ—ଆଉ ତଳ ପାଇଁ ସାଇକଲ, ଶାଢ଼ୀ ନଗଦ ଟଙ୍କା ବି ଅଛି ।

ବନାନୀ—(ଏତେ ବେଳଯାଏ ବନାନୀ ନୀରବ ହୋଇ ସବୁ ଶୁଣୁଥିଲେ । ଆଉ ସମ୍ଭାଳି ପାରିଲେ ନାହିଁ) ଶ୍ୟାମଲାଲ ବାବୁ !

ଶ୍ୟାମଲାଲ—ଆପଣ ଏତେ ଜୋରରେ ଡାକିଲେ ?

ବନାନୀ—ଏ ଘର ଛାଡ଼ି ଆପଣ ଚାଲିଯାନ୍ତୁ । ବାପା ଦେଶର ଦାରିଦ୍ର୍ୟ ମୁଣ୍ଡକୁ ନେଇ ନାହାନ୍ତି ଆପଣଙ୍କୁ ଲୁହା ସିମେଣ୍ଟ ଯୋଗାଇବାକୁ । ଯାନ୍ତୁ ଆପଣ । ମୁଁ ପୋଲିସକୁ ଫୋନ କରୁଛି ।

ଶ୍ୟାମଲାଲ—(ଉଠି ଉଠି) ଆପଣ ରାଗନ୍ତୁ ନାହିଁ ··· (ହସି ହସି) ପୋଲିସକୁ କାହିଁକି ଫୋନ କରିବେ । ଏ ଗରିବ ବିଚରା— ଆପଣଙ୍କ ସବୁ ଜାଣନ୍ତି । (ହସି ହସି) କୋଉ କଥା ଆଉ ନ ଜାଣେ କିଏ (ସେ ବାହାରିଗଲେ,···ସୁମିତ୍ରା ଆଉ ସୁଧାଂଶୁ ଠୋ ଠୋ କରି ହସି ଉଠିଲେ)

Digitized by srujanika@gmail.com

ସୁଧାଂଶୁ—ଶ୍ରୀମନ୍ତ ଦାସ, ପାଞ୍ଚବର୍ଷ "ସ୍ୱଦେଶପାର୍ଟି" ଶାସନର ଏଇ ହେଲା ଗୋଟିଏ ପାଖର ନମୁନା ।

ସୁମିତ୍ରା—ଆଉ ଆର ପାଖର ହେଲା—ମୃତ୍ୟୁ, ଅନାହାର, ଦୁର୍ଦ୍ଦଶା···

ବନାମ—(ଆଖିରେ ଲୁହ) ପ୍ଲିଜ, ପ୍ଲିଜ, ବାପାଙ୍କ ଶାସନକୁ ଏ କଳଙ୍କରେ କଳଙ୍କିତ କରନ୍ତୁ ନାହିଁ । ବାପାଙ୍କର ଆଦର୍ଶ ଭିନ୍ନ ।

ସୁଧାଂଶୁ—ଆଚ୍ଛା ଆଚ୍ଛା ! ଅନେକ ସମୟ ଅପେକ୍ଷା କରିବାକୁ ପଡ଼ିଲା । ପାଣି ଗ୍ଲାସେ ଯଦି···

ବନାମ—ସତେ ଏ ଅଫିସର ବନ୍ଧନ ଭିତରେ ମୁଁ ସାଧାରଣ ଶିଷ୍ଟାଚାର, ବନ୍ଧୁବାନ୍ଧବର ଚର୍ଚ୍ଚା ବି ଭୁଲି ଯାଉଛି । ଦୟା କରି ଆସନ୍ତୁ ତ ଟିକେ ଭିତରକୁ ।

ସୁଧାଂଶୁ—(ଉଠି) ଆ ସୁମିତ୍ରା—

ସୁମିତ୍ରା—ତୁମେ ପ୍ରଥମେ ଯାଇଁ ଟେବୁଲଟା ଠିକ କରନ୍ତ ପଛରେ ମୁଁ ଯାଉଛି । (ସେ ଟେବୁଲ ଉପରୁ କଣ ଗୋଟାଏ ମ୍ୟାଗାଜିନ୍ ଉଠାଇ ପଢ଼ୁଥିଲେ ସୁଧାଂଶୁ ଆଉ ବନାମ ଚାଲିଗଲେ ସୁମିତ୍ରାଙ୍କୁ ଛାଡ଼ି—। ସୁମିତ୍ରା ମ୍ୟାଗାଜିନ ପଢ଼ୁ ପଢ଼ୁ ସୁର ଧରିଲେ । ପଶି ଆସିଲେ ଫାଲ୍‌ଗୁନୀ । ଏଥର ହାତରେ ବ୍ୟାଣ୍ଡେଜ ନାହିଁ । ସେ ଏଥର ଆହୁରି ସରଳ, ନମ୍ର ଦେଖା ଯାଉଛନ୍ତି)

ଫାଲ୍‌ଗୁନୀ—(ଆଶ୍ଚର୍ଯ୍ୟ ହୋଇ) ଆଶ୍ଚର୍ଯ୍ୟ, ଭାଇଙ୍କ ଅଫିସରେ ତୁମେ ?

ସୁମିତ୍ରା—(ପାଖକୁ ଯାଇ) ସ୍ୱୈର କରିବା ନୁହେଁ ।

Digitized by srujanika@gmail.com

ଫାଲ୍‌ଗୁନୀ—ନିଶ୍ଚୟ ନୁହେଁ । କିନ୍ତୁ ପ୍ରକୃତ କାରଣଟି ଜାଣିବା ଆବଶ୍ୟକ ।

ସୁମିତ୍ରା—ତୁମକୁ ଅପେକ୍ଷା କରି···

ଫାଲ୍‌ଗୁନୀ—(ଚମକିପଡ଼ି) ମତେ ଅପେକ୍ଷା କରି ?

ସୁମିତ୍ରା—(ହସ୍ତି ରଖିଲି) ହିଁ ତୁମକୁ···

ଫାଲ୍‌ଗୁନୀ—ସୁମିତ୍ରା ସ୍ପଷ୍ଟ ହୁଅ ।

ସୁମିତ୍ରା—ଆଗରୁ ଜାଣିଥିଲି ।

ଫାଲ୍‌ଗୁନୀ—ଓ···

ସୁମିତ୍ରା—କିଛି ସମୟ ଆଗେ ବନାନୀଙ୍କ ସଙ୍ଗେ ତୁମ କଥା ପଡ଼ିଥିଲା ।

ଫାଲ୍‌ଗୁନୀ—ମୋ କଥା !

ସୁମିତ୍ରା—ତୁମକଥା···'ସଂଗଠନ' କଥା ।

ଫାଲ୍‌ଗୁନୀ—ଏବେ ମଧ୍ୟ 'ସଂଗଠନ' ଏକ ବିରାଟ 'ଏକସ୍‌ପେରିମେଣ୍ଟ' ମଧ୍ୟରେ ଗୁଡ଼ୁଛି; କିଏ ଜାଣେ ଭବିଷ୍ୟତ ତାର କଣ ?

ସୁମିତ୍ରା—କିନ୍ତୁ 'ସଂଗଠନ'ର କେଉଁ କଥା ଆମର କଥାବସ୍ତୁ ଥିଲା ଜାଣିଛ ?

ଫାଲ୍‌ଗୁନୀ—କେଉଁକଥା ?

ସୁମିତ୍ରା—ସମ୍ମୁଖ ସମରରେ ପରାଜିତ ହୋଇ 'ସଂଗଠନ' ଜରିଆରେ ପଳାୟନବାଦର ପରିଚୟ ଦେଇଛ ବୋଲି ମୁଁ ତୁମକୁ ଅଭିଯୁକ୍ତ କରିଥିଲି ।

ଫାଲ୍‌ଗୁନୀ—ସତେ !

ସୁମିତ୍ରା—ହିଁ ସତେ । ମୁଁ ସ୍ପଷ୍ଟଭାବରେ କହିଥିଲି ଫାଲ୍‌ଗୁନୀ ପଳାୟନପନ୍ଥୀ······ ।

Digitized by srujanika@gmail.com

ଫାଲ୍‌ଗୁନୀ—(ଠୋ ଠୋ କରି ହସିଉଠିଲେ) ଆବିଷ୍କାର,ଆବିଷ୍କାର ସୁମିତ୍ରାଙ୍କ ପାଇଁ 'ସଂଗଠନ' ପଳାୟନ ପନ୍ଥାର ଏକ ନୂତନ ଆବିଷ୍କାର !

ସୁମିତ୍ରା—ସେତିକି ନୁହେଁ, କହୁଥିଲି ମୁଁ ସମ୍ମୁଖରେ ପାଇଲେ ତୁମକୁ···

ଫାଲ୍‌ଗୁନୀ—(ହସି ହସି) ଧ୍ୱଂସ ବାଘ ସ୍ୱରୂପର ଖଣ୍ଡ ଖଣ୍ଡ କରିଦେବ · ଖଚାକ୍ କରିଦେବ···ହାଃ-ହାଃ-ହାଃ !

ସୁମିତ୍ରା—(ମୁହଁ ଲାଲ ପଡ଼ିଯାଇଥିଲା) ହଁ ଖଚାକ୍ କରିଦେବି !

ଫାଲ୍‌ଗୁନୀ—(ଆହୁରି ହସି ହସି) ଦିଅ ଦିଅ ସୁମିତ୍ରା ପାରି ଯଦି ଦିଅ ।

ସୁମିତ୍ରା—(ସୁମିତ୍ରା ଫାଲ୍‌ଗୁନୀଙ୍କ ନିକଟକୁ ଉଠିଯାଇଁ କରୁଣ ଆଖି ଓ ଆବେଗଭରା କଣ୍ଠରେ) ପାରିଲି ନାହିଁ ଫାଲ୍‌ଗୁନ ଆଜି ମୁଁ ନିଜେ ପରାଜିତ !

ଫାଲ୍‌ଗୁନୀ—(ଏଇ କଣ୍ଠ ଓ ବାଣୀରେ ବିଚଳିତ ହୋଇପଡ଼ି) ମୁଁ କିଛି ବୁଝିପାରୁନାହିଁ ସୁମିତ୍ରା ।

ସୁମିତ୍ରା—ତୁମର ଦୂରରେ ରହି ରହି ମୁଁ ତୁମର ନିକଟତର ହୋଇଯାଇଛି ଫାଲ୍‌ଗୁନ !

ଫାଲ୍‌ଗୁନୀ—ସୁମିତ୍ରା !

ସୁମିତ୍ରା—ପ୍ରତିବାଦ କରନ୍ତୁ···ପ୍ରତିବାଦ କରନ୍ତୁ । କୁହ ଆଶ୍ରୟ ଦେବ ?

ଫାଲ୍‌ଗୁନୀ—(ବିଚଳିତ ହୋଇପଡ଼ି) ଆଶ୍ରୟ !

ସୁମିତ୍ରା—ଆଶ୍ରୟ । ରାଜନୀତିର ଏ ଉତ୍ତପ୍ତ ପ୍ରଖରତା ଛାଡ଼ି ଜୀବନର ଏ ଅଭିନୟ ଛାଡ଼ି ମୁଁ ଚାହେଁ ଗାଁର ଶ୍ୟାମଳ ଦୂବ, ଉପରର ନୀଳ ଆକାଶ । ତୁମକୁ ମୁଁ ପୂରୁଷର ସମ୍ମାନରୁ

Digitized by srujanika@gmail.com

ବଂଚିତ କରିବନି, ଫାଲ୍‌ଗୁନି । ପରିଶ୍ରାନ୍ତ ପଥଶ୍ରାନ୍ତ ତୁମେ, ଦିନର ଅବସାନ ପରେ ଫେରିଆସିବ ଆମର ସେଇ ଛୋଟ ମାଟିର କୁଟୀରକୁ···ତୁମର ପଥଚାହିଁ ସେଠି ମୁଁ ବସିଥିବି ଫାଲ୍‌ଗୁନି···! ଫାଲ୍‌ଗୁନି···?(ଆଖି ଛଳ ଛଳ ହୋଇଆସିଲା··· କଣ୍ଠ ଆର୍ଦ୍ର ହୋଇଗଲା)

ଫାଲଗୁନୀ—ସତେ ସତେ ମୁଁ କିଛି ବୁଝିପାରୁନାହିଁ ସୁମିତ୍ରା, କଣ ହେଲା ତୁମର ?

ସୁମିତ୍ରା—ଜୀବନ ରଙ୍ଗମଞ୍ଚର ଏ ଅଭିନୟ ଆଜ ଭଲ ଲାଗୁନି । କେତେଦିନ ଆଉ ଏ ମୁଖସ୍ଥ କଥା ନାରୀତନ୍ତ୍ର ପ୍ରଚାର କରିବି ? ପ୍ରଥମେ ମୁଁ ନାରୀ···ତା ପରେ ଆଉ ଯାହା । ନାରୀର ଜୀବନ ମତେ ଆଜି ତୃଷାର୍ତ୍ତ କରି ପକାଇଛି ଫାଲ୍‌ଗୁନି !

ଫାଲ୍‌ଗୁନି— ତୁମେ ନା ସେ ଦିନ କହୁଥିଲ, ତୁମେ ନାରୀଜୀବନରେ ସ୍ୱତ୍ୱ ପୁରୁଷର ସଂଗ୍ରାମ । ତୁମେ ଗୃହିଣୀ ବନ୍ଧନ···ତୁମେ ଗୃହ ମୁକ୍ତ-ପ୍ରେମ ।

ସୁମିତ୍ରା—ମନକଥା ସେ ନୁହେଁ ମୋର, ବହିର ପାଠ । କେତେଦିନ ଶୁଆପରି ସେ ବହିପାଠ ଅଭ୍ୟାସ କରିବି ମୁଁ ?

ଫାଲ୍‌ଗୁନୀ—କିନ୍ତୁ 'ପ୍ରାପ୍ୟ-ସ୍ୱତ୍ୱ' ଯେ, ତୁମଠାରୁ ସ୍ୱତ୍ୱେ ତାର ପ୍ରାପ୍ୟ ।

ସୁମିତ୍ରା—(ସ୍ୱପ୍ନାଛନ୍ନ ଭାବେ) ସ୍ୱତ୍ୱେ-ସ୍ୱତ୍ୱେ । ଜୀବନ···ବାସ୍ତବତା···ସଂଗ୍ରାମ···ଭାଇ···ତୁମେ···''ପ୍ରାପ୍ୟସ୍ୱତ୍ୱ''···ସଂଗଠନ··· ଆଃ···! (ଚିତ୍କାର କରି ଫାଲ୍‌ଗୁନୀଙ୍କୁ ଧରି ପକାଇ) ଫାଲଗୁନି ମତେ ପଥ ଦେଖାଅ···ପଥ ଦେଖାଅ । (ସୁମିତ୍ରାଙ୍କ ପାଟିଶୁଣି ବନାନୀ ଓ ସୁଧାଂଶୁ ଦୌଡ଼ି ଆସିଲେ)

ସୁଧାଂଶୁ—ସୁମିତ୍ରା ?

Digitized by srujanika@gmail.com

ବନାନୀ—ଦାଦା··· ।
ଫାଲ୍‌ଗୁନୀ—ସୁମିତ୍ରାର ବିଶ୍ରାମ ଲୋଡ଼ା ସୁଧାଂଶୁ ।
ସୁଧାଂଶୁ—କଣ ହେଲା ?
ସୁମିତ୍ରା—(ସ୍ୱପ୍ନାଚ୍ଛନ୍ନ ଭାବେ ଆଖି ଖୋଲି) ଭାଇ···
ସୁଧାଂଶୁ—ଘରକୁ ଚାଲ ସୁମିତ୍ରା ।
ସୁମିତ୍ରା—ନାଁ ନାଁ, ତମକୁ ଯେ ମୁଖ୍ୟମନ୍ତ୍ରୀଙ୍କ ଉତ୍ତର ନେଇ ଫେରିବାକୁ ହେବ; (ନିଜକୁ ସଂଯତ କରିନେଇ) ସେ କଷ୍ଟ ନୁହେଁ ଭାଇ···ମୋର କଷ୍ଟ ହୋଇନି' ।
ବନାନୀ—ଆସ ତୁମେ ଭିତରକୁ···ସାମାନ୍ୟ ଟିକେ ବିଶ୍ରାମ ନିଅ । ବାପା ଆସନ୍ତୁ ତାପରେ ଯିବ···
ସୁଧାଂଶୁ—ଯା ସୁମିତ୍ରା, ଏକ-ଜିଦ୍‌ଆ ହ ନାଁ ।
ବନାନୀ—ଆସ ··(ସେ ସୁମିତ୍ରାକୁ ଧରିନେଇ ଭିତରକୁ ପଶିଗଲେ)
ସୁଧାଂଶୁ—ଫାଲ୍‌ଗୁନି ?
ଫାଲ୍‌ଗୁନୀ—କିଏ ଠିକ୍ କିଏ ଭୁଲ ଉତ୍ତର ତାର ଭବିଷ୍ୟତ ଇତିହାସ ଦେବ । କିନ୍ତୁ ବର୍ତ୍ତମାନ ସୁଦ୍ଧା ମୋର ଦୃଢ଼ଧାରଣା ଲୋକ ଚରିତ୍ର ଉନ୍ନତ ନ ହେଲେ ଲୋକ ସ୍ୱାବଲମ୍ବୀ ନ ହେଲେ, ମୋଟ ଉପରେ ସ୍ୱାଧୀନ ହେବାପାଇଁ ଉପଯୁକ୍ତ ନ ହେଲେ ସ୍ୱାଧୀନତାର ମୂଲ୍ୟ ନାହିଁ ।
ସୁଧାଂଶୁ—ତତେ ମୋର ସେଇ ପ୍ରଶ୍ନ, ଅନ୍ତ ପ୍ରଶ୍ନ ଉତ୍ତର-ଶୋଷଣ ଓ ଅସମବଣ୍ଟନ ଦେଶରୁ ଦୂର ନ ହେଲେ ଅର୍ଥ-ନୈତିକ ପରାଧୀନତା ଚିରଦିନ ସମାଜକୁ ପଙ୍ଗୁ କରି ରଖିଥିବ । ଯାଉ, କାମ ବେଶ୍ ଚାଲିଛି ତ ?
ଫାଲ୍‌ଗୁନୀ—ମନ୍ଦ ନୁହେଁ । ଆଉ ତୋର ?

Digitized by srujanika@gmail.com

ସୁଧାଂଶୁ—ମନ୍ଦ ନୁହେଁ ! ସମସ୍ତ କାରଖାନାର ଶ୍ରମିକ ସଂଗଠନ
ବର୍ତ୍ତମାନ ଆମରି ଅଧୀନରେ । କିନ୍ତୁ କୌଣସି ମାଲିକ ଏ
ପର୍ଯ୍ୟନ୍ତ ସେଗୁଡ଼ିକୁ ସ୍ୱୀକାର କରିନାହାନ୍ତି । ତେଣୁ······

ବନାନୀ—(ଫେରି ଆସି) ସୁମିତ୍ରା ଟିକେ ଶୋଇ ପଡ଼ିଛନ୍ତି ।

ଫାଲଗୁନୀ—ଭଲ ହେଲା । ସୁମିତ୍ରାର ବିଶ୍ରାମର୍ଦ୍ଦି ବେଶୀ ଲୋଡ଼ା ।
ସୁଧାଂଶୁ, ହଁ ତେଣୁ···

ସୁଧାଂଶୁ—ମୁଖ୍ୟମନ୍ତ୍ରୀଙ୍କ ପାଖକୁ ଆସିଛୁ, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା
ଶ୍ରମିକ ସଂଗଠନଗୁଡ଼ିକୁ ସ୍ୱୀକାର କରାଇ ନେବାପାଇଁ ।

ଫାଲ୍‌ଗୁନୀ—ଭାଇ କ'ଣ କହିଲେ ?

ସୁଧାଂଶୁ—ତାଙ୍କର ଶ୍ରମିକମାନଙ୍କ ପାଇଁ ସହାନୁଭୂତି ଅଛି ।
କ୍ୟାବିନେଟ ମିଟିଙ୍ଗରୁ ଫେରି ଆସିଲେ ସେ ଏଥିପାଇଁ ଏକ
ବ୍ୟବସ୍ଥା କରିଦେବେ । (ମଟର ହର୍ଣ୍ଣ ଶୁଣାଗଲା)

ବନାନୀ—ବାପା ଆସିଲେ······

(ଦାସ ଆସିଲେ······)

ଦାସ—ଆରେ ଫାଲଗୁନ···କେମିତି ଅଛୁ ?

ଫାଲଗୁନୀ—ଭଲ ଅଛି, ଭାଇ ।

ଦାସ—(ଗଂଭୀରଭାବେ) ସୁଧାଂଶୁ ତୁମ ପାଇଁ ମୁଁ ଦୁଃଖିତ ।

ସୁଧାଂଶୁ—ମୋ ପାଇଁ······

ଦାସ—କହିଯାଇଥିଲି ଶ୍ରମିକ-ସଂଗଠନକୁ ସ୍ୱୀକାର କରିବାକୁ
ମୁଁ ବ୍ୟବସ୍ଥା କରିଦେବି ବୋଲି । କିନ୍ତୁ ମୁଁ ସେପରି କିଛି
କରିବାକୁ ବର୍ତ୍ତମାନ ଅକ୍ଷମ ।

ସୁଧାଂଶୁ—ଅକ୍ଷମ !

ଦାସ—ଅକ୍ଷମ । ତୁମେ ଯା ସୁଧାଂଶୁ ।

ସୁଧାଂଶୁ—ମୁଁ ବିଶ୍ୱାସ କରିପାରୁନାହିଁ ଆପଣ କଣ କହୁଛନ୍ତି ।

Digitized by srujanika@gmail.com

ଦାସ—ଅବିଶ୍ୱାସ କରିବାର କାରଣ ନାହିଁ । ଏ ବିଷୟ କ୍ୟାବି-ନେଟରେ ଆଲୋଚିତ ହୋଇଥିଲା । କିନ୍ତୁ......

ସୁଧାଂଶୁ—ଶ୍ରମିକ ସଂଗଠନଗୁଡ଼ିକୁ ସ୍ୱୀକାର କରିବା କ୍ୟାବି-ନେଟର ମତ ନୁହେଁ...

ଦାସ—ଯେଉଁ ସଂଗଠନ ଦେଶର କ୍ଷତି କରିବାର ଆଶଙ୍କା ଅଛି, ସରକାର ସେପରି ପ୍ରତିକ୍ରିୟାଶୀଳ ସଂଗଠନକୁ ସ୍ୱୀକାର କରିପାରିବେ ନାହିଁ ।

ସୁଧାଂଶୁ—କିଛି ସମୟ ପୂର୍ବେ ଆପଣ ତ କହୁଥିଲେ ?

ଦାସ—କହୁଥିଲି କିନ୍ତୁ ଦେଶର ବର୍ତ୍ତମାନ ଯେ ଅବସ୍ଥା, ତାହାର ଦୃଷ୍ଟିରୁ ଦେଶ ସ୍ୱାଧୀନ ହୋଇଛି ଅଥଚ ଉତ୍ପାଦନ ଦିଗରେ ସ୍ୱାଧୀନ ହେଲା ଭଳି ଆତ୍ମ-ନିର୍ଭରତା ଅର୍ଜନ କରି ପାରିନାହିଁ । ଏପରି କ୍ଷେତ୍ରରେ ତୁମର ଅନୁଷ୍ଠାନ ପରି ପ୍ରତିକ୍ରିୟାଶୀଳ ଶ୍ରମିକ ଅନୁଷ୍ଠାନଗୁଡ଼ିକୁ ସ୍ୱୀକୃତି ଦେଇ ଦେଶର ଉତ୍ପାଦନକୁ ମୁଁ ନିଶ୍ଚିତ ଭାବରେ ହ୍ରାସ କରାଇବାକୁ ଦେବି ନାହିଁ ।

ସୁଧାଂଶୁ—ଆପଣ ଦେବେ ନାହିଁ ନା, ଯେଉଁମାନଙ୍କର ପ୍ରଭାବରେ ଆପଣ କବଳିତ ସେମାନେ...

ଦାସ—ସୁଧାଂଶୁ !

ସୁଧାଂଶୁ—ମାଲିକ ଓ ପୁଞ୍ଜିପତିର ଶୋଷଣ ଇସ୍ତାହାରରେ ଆପଣ ନିଜର ସ୍ୱାକ୍ଷର ଦେଇ ଇତିହାସରେ ନିଜକୁ କଳଙ୍କିତ କରନ୍ତୁ ନାହିଁ ମାନ୍ୟବର ଦାସ !

ଦାସ—(ଉତ୍ତ୍ୟକ୍ତ ହୋଇପଡ଼ି) ସୁଧାଂଶୁ !

ସୁଧାଂଶୁ—ଏଇ ତେବେ କଣ ଆପଣଙ୍କର ଶେଷ ସିଦ୍ଧାନ୍ତ ?

ଦାସ—ପ୍ରଥମେ ମୁଁ ଚାହେଁ ଦେଶର ଉତ୍ପାଦନ ।

Digitized by srujanika@gmail.com

ସୁଧାଂଶୁ—ଉତ୍ପାଦନ ନାଁ ଶୋଷକ ସଙ୍ଗେ କରମର୍ଦ୍ଦନ କରି ସ୍ୱାଧୀନ ଦେଶକୁ ଉଚ୍ଛନ୍ନ କରିଦେବାକୁ ।

ଦାସ—ସୁଧାଂଶୁ !

ସୁଧାଂଶୁ—ତର୍କ ନିଷ୍ପ୍ରୟୋଜନ···ବଦାପ୍ୟ ମାନ୍ୟବର ଦାସ ! ଭୁଲି ଯିବେ ନାହିଁ କିନ୍ତୁ ମାନ୍ୟବର ଦାସ, ଇତିହାସ ଆପଣଙ୍କୁ କେବେଭେ ବିଚାର କରିବାକୁ ଭୁଲିବ ନାହିଁ । (ସେ ଚାଲିଗଲେ)

ଦାସ—ବନାନ—(ବସି ପଡ଼ିଲେ । ଯେମିତି କଣ୍ଟ ଦେଖି ପାରୁ ନାହାଁନ୍ତି)

ବନାଣୀ—(ଦୌଡ଼ିଯାଇଁ ଧରି ପକାଇ) ବାପା !

ଫାଲ୍‌ଗୁନୀ—ସାଇ !

ବନାଣୀ—ଏ କଣ କଲେ ବାପା ?

ଦାସ—(ନର୍ଜୀବ ସ୍ୱରରେ) କଣ କଲି ମା'······

ବନାଣୀ—ଶ୍ରମିକ ସଂଗଠନକୁ ସ୍ୱୀକାର ନକରି—

ଦାସ—ଜାଣେ ନା ମା' ଜାଣେ ନା—କାହିଁକି ମୋ ଛଡ଼ା କ୍ୟାବିନେଟରେ କେହି ସମର୍ଥନ କଲେନି, ଅଫିସର ଗୋଷ୍ଠୀରେ କେହି ସମର୍ଥନ କଲେନି ।

ବନାଣୀ—କିନ୍ତୁ ବାପା କଣ ହେଲା ଏ ?

ବାସ—ମା'···ବନାନ, ସୁଅ ମୁହଁର ଶୁଖିଲା ପତ୍ର ପରି ଭସି ଭସି ଯାଉଛୁ । ମୁଁ ନିଜେ ଜାଣେନି କଣ ହେଉଛୁ ଏ ।

ବନାଣୀ—ମୁଖ୍ୟମନ୍ତ୍ରୀ ହିସାବରେ ଆପଣ କାହିଁକି ଅନ୍ୟମାନଙ୍କୁ ପ୍ରଭାବିତ ନ କଲେ ?

ଦାସ—ପାରିଲି ନାହିଁ ମା' । ବେଶୀର ମତ···ବେଶୀର ସମର୍ଥନ ।

ବନାଣୀ—ବାପା !

Digitized by srujanika@gmail.com

ଦାସ—(ନୀରବରେ ଯାଇଁ ପାଖ ଆଲମାରୀରୁ ଗୋଟିଏ ବହି ଆଣି
ତା'ର ଏକ ପୃଷ୍ଠା ଖୋଲି ବନାନୀଙ୍କୁ ଦେଲେ) ପଢ଼ତ ମା'-

ବନାନୀ—(ପାଟିକରି ପଢ଼ିଲେ)···

ଝଡ଼ ଝଞ୍ଜା ଦିଗନ୍ତ ମୌସୁମୀ
ପ୍ରଳୟର ନିଷ୍ଠୁର ଦହନ···
ଅନ୍ଧକାରେ ଅବଲୁପ୍ତ ଦିଗ
ରୁଦ୍ର କଣ୍ଠେ ଡାକଇ ମରଣ···
ସୃଷ୍ଟି ଥିଲା, ସୃଷ୍ଟି ଅଛି, ହେବ ସୃଷ୍ଟି
ଜୀବନର ପରାଜୟ ନାହିଁ ।
ବଜ୍ରକଣ୍ଠେ କରଇ କ୍ରନ୍ଦନ, ପଥକାହିଁ
କୁହ ପଥ କାହିଁ ?

(ଶ୍ରୀଯୁକ୍ତ ଦାସ "ପଥକାହିଁ, କୁହ ପଥ କାହିଁ" କହି
ଅବଶ ହୋଇ ବସି ପଡ଼ିଲେ)

Digitized by srujanika@gmail.com

ତୃତୀୟ ଅଙ୍କ

ପ୍ରଥମ ଦୃଶ୍ୟ

କୁଲବସ୍ତି ମଝିରେ ସୁଧାଂଶୁଙ୍କ ଘର । ସେଇ ଗୋଟିଏ ଘର ଖାଇବା, ଶୋଇବା ଓ ବସିବା ଘର ରୂପେ ବ୍ୟବହୃତ ହୁଏ । ରାତି । ଟେବୁଲ ଉପରେ ଏକ ଅସ୍ପଷ୍ଟ କରୋସିନ୍‌ର ଲମ୍ପ ଜଳୁଛି । ସୁଧାଂଶୁ ଅଧୀର ଭାବେ ଘରେ ଏଣେ ତେଣେ ବୁଲୁଛନ୍ତି । ହଠାତ୍ ଉତ୍କଣ ଭାବରେ ।

ସୁଧାଂଶୁ—ପଥ କାହିଁ ? (ସେ ମୁଣ୍ଡ ଘୁଞ୍ଚି ଚୌକିରେ ବସି ପଡ଼ନ୍ତେ । ପଶି ଆସିଲ ବିଶ୍ୱନାଥ)

ବିଶ୍ୱନାଥ—ବାବୁ ।

ସୁଧାଂଶୁ—(କରୁଣ ଆଖିରେ ଚାହିଁଲେ)

ବିଶ୍ୱନାଥ—ଭାତ ବାଢ଼ି ରଖିଛି ବାବୁ ।

ସୁଧାଂଶୁ—ବିଶ୍ୱନାଥ !

ବିଶ୍ୱନାଥ—ଏଇ ଘରକୁ ଆଣୁଛି ।

ସୁଧାଂଶୁ—ଆଜ ମୋର ଖାଇବାର ଅବସର ନାହିଁ, ବିଶ୍ୱନାଥ । ଆଜ ମୁଁ ନିଜେ ନିଜକୁ ଖାଇ ବସିଛି !

Digitized by srujanika@gmail.com

ବିଶ୍ୱନାଥ—କିନ୍ତୁ ପରା ଭାତ ଦି'ଟି ଶୁଖି ଗୁଣ୍ଡଳ ହୋଇଯିବ ।

ସୁଧାଂଶୁ—କିନ୍ତୁ ଭଲ କରି ପେଟ ପୂରାଇ ଦି'ମୁଠା ଖାଇବା ଯେ
ମୋ ପକ୍ଷେ ଆଜି ବିଷ ଖାଇବା ସଂଗେ ସମାନ ବିଶ୍ୱନାଥ ।
ତୁମେ କଣ ଜାଣନା ଆଜି ଶ୍ରୀ କଟନ୍ ମିଲସ୍‌ର ହଜାର
ହଜାର ଶ୍ରମିକ ଷ୍ଟ୍ରେକ ବକଳରେ ଆଉଟି ପାଉଟି ହୋଇ
ମରୁଛନ୍ତି ।

ବିଶ୍ୱନାଥ—ମୁଁ ଜାଣେ ବାବୁ । ଶ୍ରମିକ ସେମାନେ···!

ସୁଧାଂଶୁ—ତେଣୁ ପରା ଆଉ ସେମାନଙ୍କର ମରିଯିବା ଉଚିତ ।
ତା ଛଡ଼ା ଧର୍ମଘଟ ଆଜି ଯେଉଁ ସଂକଟ ପରିସ୍ଥିତିରେ
ପହଞ୍ଚିଛି ସେପରି ପରିସ୍ଥିତିରେ ବିଛଣାକୁ ଯିବା ପୂର୍ବରୁ ସମସ୍ତ
ଘଟଣା ନ 'ବୁଝିସାରି ପେଟକୁ ମୋର ଭାତ ଯିବନି
ବିଶ୍ୱନାଥ···ଆଖିରେ ମୋର ନିଦ ହେବନି । ତୁମେ ଖାଇ
ନେଇଛ ?

ବିଶ୍ୱନାଥ—ହଁ ।

ସୁଧାଂଶୁ—ଭଲ, ବୁଢ଼ା ଲୋକ କେତେ ରାତିପାକେ ବସିବ ।

ବିଶ୍ୱନାଥ—ତେମେ କେତେ ଉଦାର ବାବୁ ! ତେମେ ନ ଖାଇଲେ
ମୋ ପେଟକୁ ଭାତ ଯିବ ?

ସୁଧାଂଶୁ—ଖାଇନାଁ ବିଶ୍ୱନାଥ ? ନା ତୁମେ ଯା—

ବିଶ୍ୱନାଥ—ମତେ ବଳାନା' ବାବୁ ।

ସୁଧାଂଶୁ—ବିଶ୍ୱନାଥ ଏ ଧର୍ମଘଟର ଶେଷ କଣ ହେବ ଜାଣ ?

ବିଶ୍ୱନାଥ—କଏ କହିବ ବାବୁ । ଗୋଟାଏ ପାଖରେ ହଜାର
ହଜାର ଭୋକଲା ପେଟ···ନିଆଁର ଗଦା, ଅନ୍ୟ ପାଖରେ
ଟଙ୍କା, ପୋଲିସ, ଲାଠି, ବନ୍ଧୁକ···

Digitized by srujanika@gmail.com

ସୁଧାଂଶୁ—ଶ୍ରୀ କଟନ୍‌ମିଲର ଶ୍ରମିକମାନେ ହାରିଯିବେ ବିଶ୍ୱନାଥ ?

ବିଶ୍ୱନାଥ—ହାରିଯିବେ ?

ସୁଧାଂଶୁ—ଅନୁମାନ କରୁଛି ।

ବିଶ୍ୱନାଥ ଅନୁମାନ ?

ସୁଧାଂଶୁ—ସଂଧ୍ୟା ପର୍ଯ୍ୟନ୍ତ ମିଲକୁ କେନ୍ଦ୍ର କରି ଯାହା ସବୁ ଘଟି ଆସିଛି ସେଥିରୁ ଆଉ କଣ ଅନୁମାନ ହୁଏ ନାଁ ।

ବିଶ୍ୱନାଥ—ଗୀତା କୁହନ୍ତି "କର୍ମ କରିଯାଅ, ଜୟ ପରାଜୟ ଭଗବାନଙ୍କ ହାତରେ ।"

ସୁଧାଂଶୁ—(ଅଧୀର ଓ ଅସହାୟ ଭାବରେ) ଭଗବାନ ଅଛନ୍ତି କି ନାହିଁ ମୁଁ ଜାଣେ ନାଁ ବିଶ୍ୱନାଥ, ଯଦି ଭଗବାନ ଥାନ୍ତି ସେ ଭଗବାନ ହେଉଛନ୍ତି ମୋର "ସତ୍ୟ" ଆଉ "ନ୍ୟାୟ" । କିନ୍ତୁ କାହିଁ ? ସେ ସତ୍ୟର ସନ୍ଧାନରେ ଆଜି ପରାଜୟ ଯେ ଶେଷ ଫଳ (ଟିକିଏ ରହି) ନ ହେବ କାହିଁକି, ଗୁରୁ । ବିଶ୍ୱନାଥ ମୁଁ ଶ୍ରୀ କଟନ୍‌ମିଲର ଧର୍ମଘଟ ନେଇ ଆଜକୁ ତିନି ସପ୍ତାହ ହେଲା ଉଦ୍‌ଭ୍ରାନ୍ତ ହୋଇ ପଡ଼ିଲିଣି···(ବାହାରେ କିଛି ଶବ୍ଦ ହେଲା । ଉଦ୍‌ଗ୍ରୀବ ହୋଇ) ଆସିଲେ ସେମାନେ ?

ବିଶ୍ୱନାଥ—କିଏ ?

ସୁଧାଂଶୁ—କେଶବ, ଭାବଗ୍ରାହୀ, ନଟବର···

ବିଶ୍ୱନାଥ—(ବାହାରକୁ ଯାଇଁ ଫେରି ଆସିଲେ) କେହି ନାହିଁ ।

ସୁଧାଂଶୁ—ସ୍ୱର ଦୁର୍ବଳ ଲାଗୁଛି ।

ବିଶ୍ୱନାଥ—ଦେଉଛନ୍ତି କିଏ ଏଠିକି ଆସିବାକୁ···

ସୁଧାଂଶୁ—ମନାକରି ଦେଇଛି ।

ବିଶ୍ୱନାଥ—ବାବୁ

Digitized by srujanika@gmail.com

ସୁଧାଂଶୁ—ଅଟା ନୁହେଁ । ଏ ଉଗ୍ର ଗଜମଣ୍ଡରେ ସମିଳାର ଶ୍ୱାସ ରୁଦ୍ଧ ହୋଇଗଲା । ଫାଲ୍‌ଗୁନାର "ସଂଗଠନ"ରେ ତାର ଆନନ୍ଦ ବେଶୀ, ଜୋର କର କାହିଁକ ତାକୁ ଟାଣିବ ବିଶ୍ୱନାଥ । ଶହ ଶହ ଲୋକଙ୍କର ମୁକ୍ତ ପାଇଁ ମୁଁ ବ୍ୟାକୁଳ, ନିଜ ଭଉଣୀର ମାନସିକ ମୁକ୍ତ ପଥରେ ଛିଡ଼ା ହେବାର କ ଅଧିକାର ମୋର ଅଛି ?

ବିଶ୍ୱନାଥ—ଆଗେତ ଆସୁଥିଲେ ।

ସୁଧାଂଶୁ—ଏଠିକ ଆସି ସେ ତା କର୍ମ ପ୍ରେରଣାରୁ ଦୂରକୁ ଠେଲି ହୋଇଯିବ ।

ବିଶ୍ୱନାଥ—ଦେଖ ଗଲାବେଳୁ ତୁମର ଖାଇବା···ପିଇବା···ସ୍ୱାସ୍ଥ୍ୟ···

ସୁଧାଂଶୁ—ସେ କଥା ଥାଉ ବିଶ୍ୱନାଥ !

(ବାହାରେ ପୁଣି ଶବ୍ଦ । ବିଶ୍ୱନାଥ ଓ ସୁଧାଂଶୁ ପଦାକୁ ବାହାରି ଗଲେ ଓ ସୁଧାଂଶୁ ଫେରି ଆସିଲେ, ସାଙ୍ଗରେ ବନାନୀ) ଏକରେ ଧନୀର ଦୁଲାଳୀ, ଦୁଇରେ ମୁଖ୍ୟମନ୍ତ୍ରୀଙ୍କ ଲଳନା, ତିନରେ ରାଷ୍ଟ୍ରର ସର୍ବୋଚ୍ଚ କର୍ମକର୍ତ୍ତାଙ୍କ ପ୍ରାଇଭେଟ ସେକ୍ରେଟାରୀ, ଚାରିରେ······

ବନାନୀ—(ହସି ହସି) ଲଜ୍ଜା ଦେବାରତ ପୁଣି ଗୋଟାଏ ସୀମା ଅଛି···

ସୁଧାଂଶୁ—ଲଜ୍ଜାର ପ୍ରଶ୍ନ କାହିଁ ଏଠି ? ସତ କଥା ମୁଁ କହୁଛି । ଛାଡ଼ନ୍ତୁ ଶ୍ରୀଯୁକ୍ତା ଦାସ, ଆପଣଙ୍କର ଏ ଅପ୍ରତ୍ୟାଶିତ ଆଗମନରେ ମୁଁ ବିଚଳିତ ହୋଇ ପଡ଼ୁଛି । ଆପଣ, ସଂଘର ପାଦ ଏଠି ଦେଇବା ସାତ ସ୍ୱପ୍ନ ସେ ଆଜ······

ବନାନୀ—ମଣିଷ ହିଂସ୍ରଜନ୍ତୁ ନୁହେଁ ଶ୍ରୀଯୁକ୍ତ ପଟ୍ଟନାୟକ, ତା' ଛଡ଼ା ମୁଁ ତ ପୋଲିସ ନୁହେଁ, ସି.ଆଇ.ଡ଼ି ନୁହେଁ, ଆପଣଙ୍କର ଅତି

ପରିଚିତ, ଆଜ ଆସିଛୁ ଏକ ସିଧା ସଳଖ କଥାରେ । ଏଥିରେ ଆପଣଙ୍କ ପରି ଜଣେ ଶ୍ରମିକ ନେତାଙ୍କର ବିଚଳିତ ହେବାର ଅଛି କଣ ?

ସୁଧାଂଶୁ—ସେଥିରେ ନୁହେଁ ଶ୍ରୀଯୁକ୍ତା ଦାସ, ଶ୍ରମିକର ଘର ମୋର ଏ, ଆପଣଙ୍କ ବସିବା ପାଇଁ ସାମାନ୍ୟ ଆସନ ଖଣ୍ଡେ ମୁଁ ଦେଇପାରୁ ନାହିଁ…ପରିଚର୍ଯ୍ୟାତ ଦୂରର କଥା । ଖାଇବାକୁ ଯଦି ରୁଟି ଦୁଇଖଣ୍ଡ ଦେଇପାରେତ ତରକାରୀ କି ଡାଲି ଟିକେ ବି ସଙ୍ଗରେ ଦେଇ ପାରିବି ନାହିଁ (ଟେଷ୍ଟ ଭଙ୍ଗା ଚେୟାରଟା ପୋଛି ଦେଲେ ଓ ବନାନୀଙ୍କୁ ନିର୍ଦ୍ଦେଶ କଲେ ବସିବାକୁ ଓ ନିଜେ ଗୋଟାଏ ଟୁଲ ଟାଣି ଆଣି ବସିଲେ । ବନାନୀ ବସିଲେ) ଏପରି ଅପ୍ରତ୍ୟାଶିତ ଭାବରେ…

ବନାନୀ—କହିବାର ମୋର ଯାହା ତା ଅତି ସିଧା ଆଉ ସରଳ । ଆପଣ ଯଦି ମତେ ବିଶ୍ୱାସ କରନ୍ତି ମୁଁ କହିବି ।

ସୁଧାଂଶୁ—ମୁଁ ବିଶ୍ୱାସ କରେ । କିନ୍ତୁ ଆପଣ କାହିଁକି ଆସିଛନ୍ତି ନ କହିଲେ ମଧ୍ୟ ମୁଁ ଅନୁମାନ କରିପାରୁଛି ।

ବନାନୀ—କାହିଁକି ?

ସୁଧାଂଶୁ—ମାଲିକର ଓ ସରକାରର କଳ୍ପନା ପରିଭୂତ କରି ଶ୍ରୀ କଟନ୍‌ମିଲସ୍‌ର ଶ୍ରମିକମାନେ ଆଜକୁ ତିନି ସପ୍ତାହ ଧରି ଧର୍ମଘଟ ଚଳାଇ ପାରିଛନ୍ତି । ସରକାରଙ୍କର ତରଫରୁ ନ ହେଲେ ବି ଆପଣଙ୍କ ବାପାଙ୍କ ତରଫରୁ ଆପଣ ଆସିଛନ୍ତି ପ୍ରତ୍ୟକ୍ଷ ଭାବେ ଦେଖିବାକୁ ଧର୍ମଘଟକାରୀଙ୍କ ନାଡ଼ୀର ଗତି କପରି ଚାଲୁଛି ।

ବନାନୀ—(ଉଠି ଛିଡ଼ା ହେଲେ)

ସୁଧାଂଶୁ - ଉଠିଲେ ?

Digitized by srujanika@gmail.com

ବନାମୀ—ଯାଉଛି । ଆପଣ ମତେ ବିଶ୍ୱାସ କଲେନି ।

ସୁଧାଂଶୁ—(ବୁଦ୍ଧି ଫେରିଲେ) ଆପଣଙ୍କୁ ଆଘାତ ଦେଇଛି କ୍ଷମା କରିବେ । ଯାହା କହିଛି ପ୍ରତ୍ୟାହାର କରିନେଲି, ବସନ୍ତୁ ।

ବନାମୀ—(ବସିଲେ) ବାପାଙ୍କ ତରଫରୁ ନୁହେଁ, କାହା ତରଫରୁ ନୁହେଁ, ନିଜେ ନିଜେ ଆସିଛି ବରଂ ବାପାଙ୍କୁ···ସମସ୍ତଙ୍କୁ ଲୁଚାଇ କରି ଆସିଛି······

ସୁଧାଂଶୁ—କାହିଁକି ଆପଣ ଏପରି ଆସିଲେ ?

ବନାମୀ—ଆପଣ ଶ୍ରୀ କଟନମିଲସ୍‌ର ଧର୍ମଘଟ ସମାଧାନ କରିଦିଅନ୍ତୁ ।

ସୁଧାଂଶୁ—ସମାଧାନ ।

ବନାମୀ—ବ୍ୟକ୍ତିଗତ ଭାବେ ମୋର ଆପଣଙ୍କ ପ୍ରତି ସମବେଦନା ଅଛି । ମୁଁ ଚାହେଁନା ଜୀବନ ସଂଗ୍ରାମରେ ଆପଣ ପରାଜିତ ହୁଅନ୍ତୁ । ଆପଣ ସମାଧାନ କରିଦିଅନ୍ତୁ ।

ସୁଧାଂଶୁ—କିନ୍ତୁ କାହିଁ ସମାଧାନର ପ୍ରଶ୍ନ ? କାହିଁ ତାର ସମ୍ଭାବନା ? ଗୋଟାଏ ଆଡ଼େ ନିରନ୍ନ ଶ୍ରମିକର ଦଳ, ଶତ ଅପେକ୍ଷାରେ ଶେଷ ପନ୍ଥା ଶାନ୍ତିପୂର୍ଣ୍ଣ ଧର୍ମଘଟ ଗ୍ରହଣ କଲେ, ଅନ୍ୟ ପକ୍ଷରେ ଶ୍ରମିକଙ୍କ ରକ୍ତ ଆଉ ଝାଳ ଚୁପୁଡ଼ି ଚୁପୁଡ଼ି ମାଲିକ ଯେଉଁ ପ୍ରଚୁର ଲାଭ କରୁଛି ତାର ଜୋରରେ ଶ୍ରମିକ ଆନ୍ଦୋଳନ ଚାପିବାପାଇଁ ବ୍ୟସ୍ତ; ଆଉ ସବୁଠାରୁ ଆଶ୍ଚର୍ଯ୍ୟର କଥା "ବନ୍ଧୁ ସରକାର" ନୁହେଁ "ଦାସ ସରକାର" ନିର୍ଲଜ ଭାବରେ ମାଲିକ ସହିତ କରମର୍ଦ୍ଦନ କରି ଶ୍ରମିକ ଆନ୍ଦୋଳନକୁ ଦାବି ଦେବାପାଇଁ ଜାରି କରିବାରେ ବ୍ୟସ୍ତ ଅର୍ଡ଼ିନାନ୍‌ସ ପରେ ଅର୍ଡ଼ିନାନ୍‌ସ । ଶାନ୍ତି ଆଉ ଶୃଙ୍ଖଳା ନାଁରେ ଜେଲ ଫାଟକ ଆଉ ଖୋଲା ।

Digitized by srujanika@gmail.com

ବନାମୀ—ପ୍ଲିଜ…ବାପାଙ୍କୁ ଭୁଲ ଯାଉଛନ୍ତି । ସେ ଶାସକ ନୁହନ୍ତି
—ଦଳର ମତ ଅନୁସାରେ ତାଙ୍କୁ ଚଳିବାକୁ ପଡ଼ିବ । ବାପା
ନିରୁପାୟ…

ସୁଧାଂଶୁ—ନିରୁପାୟ…ହାଃ…ହାଃ…ହାଃ…

ବନାମୀ—ମୋର ଆପଣଙ୍କୁ ଅନୁରୋଧ ମୁଁ ଆପଣଙ୍କର ମଙ୍ଗଳ
ଚାହେଁ । ଆପଣଙ୍କ ମଙ୍ଗଳ ଦୃଷ୍ଟିରୁ ଆପଣ ଧର୍ମଘଟର ସମା-
ଧାନ କରନ୍ତୁ । ନଚେତ୍…

ସୁଧାଂଶୁ—ନଚେତ୍ ।

ବନାମୀ—ସରକାର ଆଜି ମାଲିକ ଧର୍ମଘଟ ଭାଙ୍ଗିବାକୁ ଯେଉଁ
ନୂତନ ଯୋଜନା ଗ୍ରହଣ କରିଛନ୍ତି ସେଥିରେ…

ସୁଧାଂଶୁ—ଶ୍ରୀଯୁକ୍ତ । ଦାସ— !

ବନାମୀ—ଆପଣଙ୍କ ପ୍ରତି ମୋର ଆନ୍ତରିକତା ମତେ ବାଧ୍ୟ କରିଛି
ଆଗରୁ ଏଇ କେତେ ପଦରେ ସତର୍କ କରି ଦେବାକୁ ।

ସୁଧାଂଶୁ—ନୂତନ ଯୋଜନା !

ବନାମୀ—କ୍ଷମା କରିବେ ! (ଆଉ କିଛି ନକହି ଉଠିଲେ) ଆସେ,
ଅବାନ୍ତରରେ ବହୁ ଧୃଷ୍ଟି କରିଛି ଆପଣଙ୍କର (ସେ ଚାଲିଗଲେ)

ସୁଧାଂଶୁ—(ଛାଡ଼ିବାକୁ ଯାଇଁ ଯାଇଁ) ଆପଣଙ୍କର ଆନ୍ତରିକତା
ପାଇଁ ଧନ୍ୟବାଦ । (ଚାଲିଗଲେ ସେମାନେ । କିଛି ସମୟ
ପରେ ଫେରି ଆସିଲେ ସୁଧାଂଶୁ) ବିଶ୍ୱନାଥ—

ବିଶ୍ୱନାଥ—(ପଶିଆସି) ବାବୁ—ଭାତ ଆଣିବି ବାବୁ ?

ସୁଧାଂଶୁ—ନାଁ ସାର୍ଟଟା ଆରଦରୁ ଆଣ । ଭାତ ଆଣିବା
ଦରକାର ପଡ଼ିବ ନାହିଁ ।

ବିଶ୍ୱନାଥ—ସାର୍ଟ ! ଏତେ ରାତିରେ ନଖାଇ ନ ପିଇ……

ସୁଧାଂଶୁ—କାହିଁ ରାତି । ଏତେ ଶ୍ରମିକଙ୍କ ପେଟ ଯେ ଜଳୁଛି ।

Digitized by srujanika@gmail.com

ବିଶ୍ୱନାଥ—ବାବୁ !

ସୁଧାଂଶୁ—(ରାଗିଯାଇ) ପ୍ରତିବାଦ କରନା ବିଶ୍ୱନାଥ ।

(ବିଶ୍ୱନାଥ ଚାଲିଗଲେ ଓ ସାର୍ଟ ଆଣି ବଢ଼ାଇ ଦେଲେ । ସୁଧାଂଶୁ ପିନ୍ଧିସାରି)

ବିଶ୍ୱନାଥ—ଫେରିବାକୁ ଡେରି ହେବ ?

ସୁଧାଂଶୁ—କିଏ ଜାଣେ ହୁଏତ ଡେରି ହେବ । କେଶବ, ଭବଗ୍ରାହୀ, ନଟବର, ସମସ୍ତଙ୍କୁ ମୁଁ ସାକ୍ଷାତ କରିବି । ଶ୍ରମିକ ସଂଗଠନର କର୍ଣ୍ଣଧାର ସେମାନେ । ସେମାନେ ଦୁର୍ବଳ ହେଲେ ···(ବାହାରେ ଶବ୍ଦ ହେଲା—ବିଶ୍ୱନାଥ ବାହାରକୁ ଚାଲି-ଗଲା ଓ ପୁଣି ପଶି ଆସିଲା ।)

ବିଶ୍ୱନାଥ—ଆସିଲେଣି ସେମାନେ ।

ସୁଧାଂଶୁ—କିଏ ବିଶ୍ୱନାଥ ? ଓ, ଭବଗ୍ରାହୀ, ନଟବର, (ବିଶ୍ୱନାଥକୁ) ଆରେ ଡାକ ଆଣ ଡାକ ଆଣ ବିଶ୍ୱନାଥ (ବିଶ୍ୱନାଥ ଚାଲିଗଲା । କିଛି ସମୟପରେ ପଶି ଆସିଲେ ସମସ୍ତେ ।)

ମୁଁ ତୁମମାନଙ୍କ ଅପେକ୍ଷାରେ ବସିଛି । ବସ !

(ସମସ୍ତେ ଘରର ବିଭିନ୍ନ ସ୍ଥାନରେ ପଡ଼ିଥିବା ବେଞ୍ଚ ଟୁଲ୍ ପ୍ରଭୃତିରେ ବସିଲେ ।)

କେଶବ—କହନ୍ତୁ ଭବଗ୍ରାହୀ···

ଭବଗ୍ରାହୀ—ନଟବର କୁହ···

ନଟବର—ଶ୍ରୀ କଟନ୍ ମିଲସର ମ୍ୟାନେଜର········

ସୁଧାଂଶୁ—ଜାଣେ ଡକାଇଥିଲେ । ସେଇଥିପାଇଁତ ଅପେକ୍ଷା କରି ବସିଛି । ଫଳାଫଳ······

Digitized by srujanika@gmail.com

କେଶବ – ବିନା ସର୍ତ୍ତରେ ଧର୍ମଘଟ ଉଠାଇ ନ ନେଲେ କୌଣସି କଥା ଆଲୋଚନା କରିବାକୁ ସେ ରାଜି ନୁହଁନ୍ତି ।

ସୁଧାଂଶୁ—ଶ୍ରମିକମାନଙ୍କର ଆର୍ଥିକ ଦୁର୍ଗତି ତାଙ୍କୁ ଅଜଣା ନୁହେଁ ।

କେଶବ—ନାଁ, ତାଙ୍କର ମତ ଉପାସ ଭୋକରେ ଶ୍ରମିକମାନେ ଜଣା ପିମ୍ପୁଡ଼ି ପରି ମରିଯାନ୍ତୁ ତେବେ ଯାଇଁ ଜାଣିବେ ମାଲିକ ସଙ୍ଗେ ବଳ କଷିବା ବାହାଦୂରି କେତେ ।

ସୁଧାଂଶୁ—ଏ ତାଙ୍କର ଅତି ପୁରୁଣା ମତ, ନୂଆ ମତ କଣ୍ଟ ?

ଭବଗ୍ରାହୀ—ଅନ୍ତତଃ ସବୁବା ଶ୍ରମିକ ସର୍ତ୍ତି ଆଲୋଚିତ ହୁଏ ତା'ହେଲେ ତା କେବେ ନୁହେଁ ଯେତେଦିନ ପର୍ଯ୍ୟନ୍ତ ଶ୍ରମିକ ସଂଗଠନ "ପ୍ରାପ୍ୟ ବୃତ୍ତ"ର ଅନ୍ତର୍ଭୁକ୍ତ ଥିବ ।

ସୁଧାଂଶୁ—ଏବେତ ନୂଆ କଥା ନୁହେଁ, ମାଲିକର ଶୀର୍ଷରେ ଶୀର୍ଷରେ ଆଜ "ପ୍ରାପ୍ୟ ବୃତ୍ତ" ବିରୋଧୀ ଉକ୍ତି ସଂକଳିତ । ଯେଉଁମାନଙ୍କୁ ଜେଲରେ ପୂରାଯାଇଛି—

କେଶବ –ସେମାନଙ୍କର ଭାଗ୍ୟ ସେମାନେ ଭୋଗୁଛନ୍ତି ।

ସୁଧାଂଶୁ—ଓ ଭାଗ୍ୟ···

ନଟବର—ତାପରେ ଆମେ ଆସି ବ୍ୟକ୍ତିଗତ ଭାବରେ ଆମ ମିଲ୍‌ର ଶ୍ରମିକମାନଙ୍କ ସହିତ ସାକ୍ଷାତ କଲୁ ।

ସୁଧାଂଶୁ—କଣ କହିଲେ ସେମାନେ ?

ନଟବର—ସେମାନଙ୍କ ମଧ୍ୟରୁ ଅଧିକାଂଶ···(ଅଟକିଗଲେ)

ସୁଧାଂଶୁ – କୁହ ।

ନଟବର– ଅଧିକାଂଶ······

ସୁଧାଂଶୁ –ଧର୍ମଘଟ ଭାଙ୍ଗି ମିଲ୍‌ରେ ଯୋଗ ଦେବାକୁ ଆଗ୍ରହୀ ।

Digitized by srujanika@gmail.com

ଜ୍ଞବଗ୍ରାହୀ – ଆମେ ସେମାନଙ୍କୁ ବୁଝାଇଲୁ ।

ସୁଧାଂଶୁ – ସେମାନେ ବୁଝିଲେ ନାହିଁ । ତୁମେ ବୁଝାଇବା ଅପେକ୍ଷା ମାଲିକ ସେମାନଙ୍କୁ ଆଜ ସଞ୍ଜବେଳେ ଯେଉଁ ଅର୍ଥର ପ୍ରଲୋଭନ ଦେଖାଇଛି···

ନଟବର – ପ୍ରଲୋଭନ ।

ସୁଧାଂଶୁ—ଅର୍ଥର ପ୍ରଲୋଭନ···ମାଲିକର ଶ୍ରେଷ୍ଠ ଅସ୍ତ୍ରପ୍ରୟୋଗ ।

ଜ୍ଞବଗ୍ରାହୀ—କଣ ହେବ ତାହେଲେ ?

ସୁଧାଂଶୁ – କଣ ହେବ ? ଶୋକ ଉପାସରେ ଜଳୁଥିବା ଶ୍ରମିକ ପ୍ରଲୁବ୍ଧ ହେବ । ଖୋଲିଯିବ ଶ୍ରୀ କଟନ୍‌ମିଲ୍‌ସର ଫାଟକ··· ତଳକୁ ମୁଣ୍ଡ ପୋତି ଚାଲିବେ ମିଲ୍ ଭିତରକୁ ମାଲିକ ଅନୁଗ୍ରହରେ ଅନୁଗୃହୀତ ମୂକ ଶ୍ରମିକ ପଶୁର ଦଳ ।

ନଟବର—ମ୍ୟାନେଜରର କୁହନ୍ତି—ଗେଟ୍ ଫିଟିବ କାଲି ।

ସୁଧାଂଶୁ—(ଅଧୀର ସ୍ୱରରେ) ହଁ କାଲି ଫିଟିବ ! ଆଜ ସେମାନଙ୍କର ବିଜୟ ହୋଇଛି । କାଲି ତିନେସପ୍ତାହର ଧର୍ମଘଟ ପାଣିପର ମିଳେଇ ଯିବ । କାଲି ଫିଟିବ ଗେଟ୍ । ବିନା ସର୍ତ୍ତରେ ମିଲର ଫାଟକ ଶ୍ରମିକମାନଙ୍କ ପାଇଁ ଖୋଲି ଦେଇଥିବାରୁ ଜନତା ମାଲିକର ବାହାବା କରିବେ । ମାଲିକର ଉଦାରତାରେ ଜୟ ଜୟକାର୍ କରିବେ ଅଧିକାଂଶ ସମ୍ବାଦପତ୍ର । ରାଜ୍ୟ ସରକାର ଏତେ ବଡ ଶ୍ରମିକ ଆନ୍ଦୋଳନକୁ ଆୟତ୍ତାଧୀନ କରିପାରିଛନ୍ତି ବୋଲି···ଉତ୍ପାଦନର ସ୍ତର ଅକ୍ଷୁଣ୍ଣ ରଖି ପାରିଛନ୍ତି ବୋଲି ନିଜେ ବାହାଦୁରି ନେବା ସଙ୍ଗେ ସଙ୍ଗେ କେନ୍ଦ୍ରରୁ ବାହାଦୁରି ପାଇବାର ହକଦାର ହେବେ । ବିଶ୍ୱନାଥ, ବିଶ୍ୱନାଥ ଆନନ୍ଦ କର, ଆନନ୍ଦ କର ।

Digitized by srujanika@gmail.com

ପୁଞ୍ଜିର ବିଜୟ ହୋଇଛି ଆଜ । ଆନନ୍ଦ କର । ଶ୍ରୀ କଟନମି-
ଲ୍‌ସର ବିଜୟ···ହାଃ···ହାଃ···ହାଃ···

ଭବଗ୍ରାହୀ—କିନ୍ତୁ କାଲି ଯେ ଅନ୍ୟ ପକ୍ଷରେ ବିରାଟ ଶ୍ରମିକ
ଅଭିଯାନର ଆୟୋଜନ ହୋଇ ରହିଛି ।

ସୁଧାଂଶୁ—(ହିଦ୍ରୂପ ଭାବେ) କାଲି, ସତେ ?

କେଶବ—କାଲି ଖୁବ୍ କମରେ ଅନ୍ତତ ଆଉ ପୃଶପାଞ୍ଚଟା କାର-
ଖାନାରେ ଏ ଧର୍ମଘଟକୁ ଭିତ୍ତିକରି ଧର୍ମଘଟ ହେଉଛି ।

ସୁଧାଂଶୁ—ସତେ ? ହେଉଛି ! ଭଲ ହେଉଛି । କିନ୍ତୁ ଠିକ ହେଉଛି
ତ ?

ଭବଗ୍ରାହୀ—ମଧୁସୂଦନ ପେପରମିଲର ଶ୍ରମିକ ଇଉନିୟନ
ତରଫରୁ ସେହେଁଟା ଯାଦବ ପ୍ରତିଶ୍ରୁତି ଦେଇଛନ୍ତି ।
'ଆଇରନ ଆଣ୍ଡ ଆଇରନ' କାରଖାନା ତରଫରୁ···

ସୁଧାଂଶୁ—ପ୍ରତିଶ୍ରୁତି ଦେଇଥିବେ, ଶ୍ରମିକ ସଙ୍ଘର ସଭାପତି
କେଶବ ।

କେଶବ—ମୋର ଶ୍ରମିକମାନେ ଶେଷ ପର୍ଯ୍ୟନ୍ତ ଧର୍ମଘଟ ଚଳାଇ-
ବାକୁ ପ୍ରସ୍ତୁତ ।

ଭବଗ୍ରାହୀ—କାଠ କାରଖାନା ତରଫରୁ······

ସୁଧାଂଶୁ—ଆଃ, ଭବଗ୍ରାହି, ମଣିଷର ଶୁଣିବାର ଧୈର୍ଯ୍ୟଥାଏ । ଏ
ଧର୍ମଘଟ ହେବ ନାହିଁ···

ଭବଗ୍ରାହୀ, କେଶବ ଓ ନଟବର—ହେବ ନାହିଁ !

ସୁଧାଂଶୁ—ହେବ ନାହିଁ ହେବନାହିଁ । ସବୁ ଧର୍ମଘଟର କେନ୍ଦ୍ର
ଶ୍ରୀ କଟନମିଲର ଶ୍ରମିକମାନେ ଏ ଧର୍ମଘଟ ଚାହାନ୍ତି ନାହିଁ ।

କେଶବ—ସେମାନେ ତ.ଉନସପ୍ତାହ ଧର୍ମଘଟ କରିଛନ୍ତି ।

Digitized by srujanika@gmail.com

ସୁଧାଂଶୁ—କିନ୍ତୁ ପ୍ରଲୁବ୍ଧ ସେମାନେ···କାଲି ଦେଖିବ, ସେମାନେ ସବୁ ଭୁଲି ଯାଇଁ ଶ୍ରମିକ ଆନ୍ଦୋଳନର ଛାତିରେ ପାଦ ରଖି ପଶିବେ ମିଲ୍ ଭିତରେ । ଟଙ୍କାର ମୋହ···

ନଟବର—କ'ଣ ହେବ ?

ସୁଧାଂଶୁ—ସକାଳ ପୂର୍ବରୁ ଧର୍ମଘଟ ଆମ ତରଫରୁ ପ୍ରତ୍ୟାହାର କରି ନଆଯିବ ।

କେଶବ—କିନ୍ତୁ ଅନ୍ୟମାନେ ଯେ ଧର୍ମଘଟ କରିବାକୁ ପ୍ରସ୍ତୁତ । ସେମାନେ ଭଲ କରି ଜାଣିଲେଣି···ଲୁଣ୍ଠିତ ସେମାନେ··· ଅତ୍ୟାଚାରିତ ସେମାନେ । ସେମାନେ ନିଜେ ନ ଜାଗିଲେ ମୁକ୍ତି ସେମାନଙ୍କ ପକ୍ଷେ ଅସମ୍ଭବ ।

ସୁଧାଂଶୁ—ତର୍କ କରନା କେଶବ । ଏ ଧର୍ମଘଟ ହୋଇ ପାରେନା । ଏ ଧର୍ମଘଟ ପ୍ରତ୍ୟାହାର କରାଯିବ ।

ସମସ୍ତେ—କିନ୍ତୁ···

ସୁଧାଂଶୁ—କିନ୍ତୁ ନୁହେଁ—କିନ୍ତୁ ନୁହେଁ—ଧର୍ମଘଟ ପ୍ରତ୍ୟାହାର କରାଯିବ ।

ସୁମିତ୍ରା—(ପଶି ଆସିଲେ) ଭାଇ ।

ସୁଧାଂଶୁ—ସୁମିତ୍ରା !

ସୁମିତ୍ରା—ମୁଁ ବିଜୟର ବାର୍ତ୍ତା ନେଇ ଆସିଛି ଭାଇ ।

ସୁଧାଂଶୁ—ସୁମିତ୍ରା !

ସୁମିତ୍ରା—ବାହାରେ ଫାଲଗୁନୀ ଅପେକ୍ଷା କରିଛନ୍ତି ।

ସୁଧାଂଶୁ—(ବିଚଳିତ ହୋଇପଡ଼ି) ଫାଲଗୁନୀ ?

ଫାଲଗୁନୀ—(ପଶି ଆସି) ବେଶୀବେଳ ଯାକେ ବାହାରେ ରହି ପାରିଲି ନାହିଁ ।

ସୁଧାଂଶୁ—ଫାଲଗୁନି !

Digitized by srujanika@gmail.com

ଫାଲ୍‌ଗୁନୀ—ଫାଲ୍‌ଗୁନୀ ନୁହଁ, ପ୍ରଥମେ କହ ଏ ଧର୍ମଘଟକୁ ସେ କୌଣସି ପ୍ରକାରେ ବଞ୍ଚାଇ ରଖିବାକୁ ପଡ଼ିବ । ତା ପରେ-ଫାଲ୍‌ଗୁନୀ… ।

ସୁଧାଂଶୁ—ଫାଲ୍‌ଗୁନ…।

ଫାଲ୍‌ଗୁନୀ—ସୁଧାଂଶୁ, ବର୍ଷ ବର୍ଷ ଧରି ସାଧନା କଲ…କିନ୍ତୁ କାହିଁ ସେ ସାଧନାର ଫଳ ?

ସୁମିତ୍ରା—ଫାଲ୍‌ଗୁନି—"ସଂଗଠନ"ର କଥା କହୁଛନ୍ତି ଭାଇ ।

ଫାଲ୍‌ଗୁନୀ—ଲୋକ ତନ୍ତ୍ର ଦେଶ, ଜାତି ଓ ବ୍ୟକ୍ତିର ବିକାଶ ପାଇଁ ଯେ ଏକ ଅପରିହାର୍ଯ୍ୟ ଅଂଶ ତା ମୁଁ ବିଶ୍ୱାସ କରେ ତଥାପି ଯେ ପର୍ଯ୍ୟନ୍ତ ଆଜିର ସମାଜ ତିଷ୍ଠି ରହିଛି ସେ ପର୍ଯ୍ୟନ୍ତ ତୋ ଭିତରେ ଜୀବନ ଏକ ମିଥ୍ୟା ପ୍ରହସନ ।

ସୁଧାଂଶୁ—ମୁଁ ବୁଝି ପାରୁନି ଫାଲ୍‌ଗୁନ !

ଫାଲ୍‌ଗୁନୀ—ମୁଁ ବି ଜାଣେ ନା କିପରି ବୁଝାଇବି । "ସଂଗଠନ" ଆଜି ଜୟ କରି ମଧ୍ୟ ପରାଜିତ । ତୁମେ ଜାଣ ଏକ୍‌ସପେରିମେଣ୍ଟ ମୁଁ ଚଳାଇଥିଲି କେତୋଟି ଗାଁକୁ କେନ୍ଦ୍ର କରି ।

ସୁମିତ୍ରା—ଏକ୍‌ସପେରିମେଣ୍ଟ ଜୟଯୁକ୍ତ ।

ଫାଲ୍‌ଗୁନୀ—ସେଇ ଅଞ୍ଚଳର ଲୋକ ତନ୍ତ୍ର ଯେତିକି ଉନ୍ନତ ହେବାର ହୋଇଛି…କିନ୍ତୁ କାହିଁ ସେମାନଙ୍କର ଅବସ୍ଥାର ତ କିଛି ପରିବର୍ତ୍ତନ ହୋଇନାହିଁ ? ସେଇ ଦାରିଦ୍ର୍ୟ, ସେଇ ନିପେଷଣ, ସେଇ ଅନାଟନ…

ସୁଧାଂଶୁ—ମୁଁ ସ୍ୱପ୍ନ ଦେଖୁନି ଫାଲ୍‌ଗୁନ ?

ଫାଲ୍‌ଗୁନୀ—ସ୍ୱପ୍ନ ଦେଖୁଥିଲି ମୁଁ ନିଜେ, କିନ୍ତୁ ଆଜି ସ୍ୱପ୍ନ ନୁହେଁ—ସତ୍ୟର ପରିଚୟ ପାଇଛି ମୁଁ । ବସ୍ତୁର ବିକାଶ ପାଇଁ ଲୋକତନ୍ତ୍ରର ନିଷ୍ଫଳଙ୍କତା ଯେତିକି ପ୍ରୟୋଜନ ସେତିକି

ପ୍ରୟୋଜନ ସମାଜରୁ ଦୂର ହେବା ସମାଜର ଶତ୍ରୁ ପୁଞ୍ଜିପତି ସ୍ୱାର୍ଥପରର ଶ୍ରେଣୀ । ବ୍ୟକ୍ତି ଯେତେ ଭଲ ହେଲେ ମଧ୍ୟ ସେମାନେ ବ୍ୟକ୍ତିକୁ ଚମୂଡ଼ି ଶୋଷି ନିଃଶେଷ କରି ଦଅନ୍ତି । ଏପରି ଅବସ୍ଥାରେ କାହିଁ ବିକାଶ ? କାହିଁ ମୁକ୍ତି ? ସମାଜର ସେଇ ଜର୍ମର ଦଳ ପ୍ରଥମେ ଧ୍ୱଂସ ନ ହେଲେ ସମାଜ ଚିରଦିନ ରହିଯିବ ରୁଗ୍‌ଣ ଦୁର୍ବଳ ଅଚଳ ।

ସୁଧାଂଶୁ—କିନ୍ତୁ ଧର୍ମଘଟ ଚଳାଇବା ଯେ ଆଜି ସମ୍ଭବପର ନୁହେଁ ।

କେଶବ—ଶ୍ରୀ କଟନ ମିଲର ଶ୍ରମିକମାନଙ୍କ ସମ୍ମୁଖରେ ଆପଣମାନେ ଛିଡ଼ା ହେଲେ ମାଲିକର ସମସ୍ତ ଦର୍ପ ଚୂର୍ଣ୍ଣ ହୋଇଯିବ ।

ନଟବର—ତଥାପି ମାଲିକ ଯେ ଖୁବ ଟାଣୁଆ ସେ କଥା······!

ସୁଧାଂଶୁ—ସେଇଥିପାଇଁତ ମୁଁ କହେ ଧର୍ମଘଟ ପ୍ରତ୍ୟାହାର କରି ନିଆଯାଉ !

ଫାଲ୍‌ଗୁନି—କିନ୍ତୁ ଧର୍ମଘଟ ଯେ ହେବ ।

ସୁଧାଂଶୁ—ହେବ ?

ସୁମିତ୍ରା—ଧର୍ମଘଟ ନୁହେ ଭାଇ, ଏକ ବିରାଟ ଗଣ-ଆନ୍ଦୋଳନ ।

ସୁଧାଂଶୁ—କିନ୍ତୁ ।

ଫାଲ୍‌ଗୁନି—କିନ୍ତୁ ନୁହେଁ, ଆନ୍ଦୋଳନ । ସଂଗ୍ରାମ ଅନିବାର୍ଯ୍ୟ···ଏ ଆନ୍ଦୋଳନ ଶେଷ ଆନ୍ଦୋଳନ··ଶେଷ ସଂଗ୍ରାମ ! ଏ ଆନ୍ଦୋଳନ ବ୍ୟକ୍ତିର ବିପକ୍ଷରେ, ପୁଞ୍ଜିର ବିପକ୍ଷରେ, ମାଲିକର ବିପକ୍ଷରେ ନୁହେଁ; ଦାରିଦ୍ର୍ୟ··ଅନ୍ୟାୟ··· ଅତ୍ୟାଚାର ଯାହାକିଛି ଭଗବାନଙ୍କ ଇଚ୍ଛାର ବିରୋଧ, ତାଙ୍କ ବିରୋଧରେ ଏ ହେବ ଚରମ ସଂଗ୍ରାମ ।

Digitized by srujanika@gmail.com

ଫାଲ୍‌ଗୁନୀ—ଆଜ ମୁଁ ଉତ୍‌କ୍ଷିପ୍ତ ସୁଧାଂଶୁ । ମୁଁ ବୁଝେ "ପ୍ରାପ୍ୟ ବୃତ୍ତ" ଆଉ 'ସଂଗଠନ'ର ସମିଶ୍ରଣ । 'ସଂଗଠନ' ଦେଶର ସମସ୍ତ ଗ୍ରାମବାସୀ ଓ କୃଷିଜୀବୀଙ୍କୁ ଦଳଭୁକ୍ତ କରିପାରିଛି । ଶ୍ରମିକ ଉପରେ "ପ୍ରାପ୍ୟ ବୃତ୍ତ"ର ପ୍ରଭାବ କମ ନୁହେଁ । ତାହେଲେ କାହିଁକି ଗଙ୍ଗା ଯମୁନାର ସମିଶ୍ରଣ ନ କରାଯିବ । ଦେଶରେ ଆଜ ଦୁଇଟି ସମସ୍ୟା ରହିଛି ସୁଧାଂଶୁ ।...ଅଳ୍ପ ଉତ୍ପାଦନ—ଅସମବଣ୍ଟନ; ଏଇ ଦୁଇଟି ଅନୁଷ୍ଠାନ ମିଶି ଏଇ ଦୁଇଟି ସମସ୍ୟାର ସମାଧାନ କଣ କରି ପାରିବେ ନାହିଁ ସୁଧାଂଶୁ ? ପାରିବେ ! କୃଷୀ ମୂଲିଆର ମିଳନ...

ସୁଧାଂଶୁ—ଫାଲ୍‌ଗୁନ ।

ଫାଲ୍‌ଗୁନୀ—ହଁ କହ ସୁଧାଂଶୁ । ହଁ କହ...ଆମେ ଉତ୍ପାଦନ କରିବା ଆମେ ଧ୍ୱଂସ କରିଦେବା ଏ ଦେଶରେ ଯାହା ଅଛି ଅନୀତି, ଅବୈଧ ଆଉ ଅତ୍ୟାଚାର ।

ସୁଧାଂଶୁ—ନଟବର ।

ନଟବର—(ମନ୍ତ୍ର ମୁଗ୍ଧପରି) ଆମେ ଉତ୍ପାଦନ କରିବା...

କେଶବ—ଆମେ ଧ୍ୱଂସ କରି ଦେବା...

ଭବଗ୍ରାହୀ—ଏ ଦେଶରେ ଯାହା ଅଛି ଅନୀତି, ଅବୈଧ ଆଉ ଅତ୍ୟାଚାର ।

ସୁଧାଂଶୁ—ପାରିବା ଆମେ ?

ଫାଲ୍‌ଗୁନୀ—"ସଂଗଠନ" ଆଉ "ପ୍ରାପ୍ୟ ବୃତ୍ତ"ର ସମିଶ୍ରଣରେ ପାରିବା ଆମେ ।

ସୁମିତ୍ରା—କୃଷୀ ମୂଲିଆର ଅଗ୍ରଗତିରେ ପାରିବା ଆମେ ।

ସୁଧାଂଶୁ—ହଁ ପାରିବା ଆମେ । (ଆଗାମୀ ସ୍ୱପ୍ନରେ ସୁଧାଂଶୁଙ୍କ ମୁହଁରେ ଫୁଟି ଉଠୁଥିଲା ହସ)

Digitized by srujanika@gmail.com

ଦୃଶ୍ୟ ଦ୍ୱିତୀୟ

ସେକ୍ରେଟାରିଏଟ କନ୍‌ଫରେନ୍‌ସ୍ ରୁମ । କେନ୍ଦ୍ରରେ ଏକ ଅର୍ଦ୍ଧ ବୃତ୍ତ ଟେବୁଲର ଚାରି ପାଖରେ ଚୌକିଆର ସବୁ ପଡ଼ିଛି । ଟେବୁଲକୁ କେନ୍ଦ୍ର କରି ବସିଛନ୍ତି ମନ୍ତ୍ରୀମାନେ···ଶ୍ରୀଯୁକ୍ତ ଦାସ, ଶ୍ରୀଯୁକ୍ତ ଚୌଧୁରୀ, ଶ୍ରୀଯୁକ୍ତ ମିଶ୍ର, ଶ୍ରୀଯୁକ୍ତ ମହାନ୍ତି । କେନ୍ଦ୍ର ଟେବୁଲର ଅଳ୍ପ ଦୂରରେ ଅଫିସରମାନଙ୍କ ପାଇଁ ଆଉ ଏକ ଟେବଲ । ଅଫିସର ଟେବଲ ପାଖକୁ ଏକ ସିଙ୍ଗଲ ଟେବୁଲ ପଡ଼ିଛି ବନାମୀଙ୍କ ପାଇଁ ।

ଶ୍ରୀଯୁକ୍ତ ଚୌଧୁରୀ—ମନ୍ତ୍ରୀସଭାର ଆଲୋଚନା ଆଉ ବେଶୀ ଆଗେଇବା ପୂର୍ବରୁ ଏ ବିଷୟରେ ଚିଫ ସେକ୍ରେଟେରୀ ଓ ପୋଲିସ କମିଶନରଙ୍କର ବିବରଣୀ ଓ ମନ୍ତବ୍ୟ ମନ୍ତ୍ରୀ ସଭା ଆଗରେ ଉପସ୍ଥାପିତ ହେବା ମୁଁ ଉପଯୁକ୍ତ ମନେ କରୁଛି ।

ଶ୍ରୀଯୁକ୍ତ ମିଶ୍ର—ମୁଖ୍ୟମନ୍ତ୍ରୀ ସମ୍ମତି ଦେଲେ, ଚିଫ୍ ସେକ୍ରେଟାରୀ ଓ ପୋଲିସ କମିଶନରଙ୍କୁ ଏଠାରେ ଉପସ୍ଥିତ ହେବାକୁ ଆଦେଶ ଦିଆଯାଉ।—

ଶ୍ରୀଯୁକ୍ତଦାସ—ସେଇଆହିଁ ହେଉ । (ବନାମୀ କଲିଂ ବେଲ ବଜାଇଲେ ଚପରାସି ପଶିଆସିଲା)

ବନାମୀ—ମି: ନାୟକ, ମି: ପଟେଲ (ଚପରାସି ସଲାମ କରି ଚାଲିଗଲା)

ଚୌଧୁରୀ—(ଫାଇଲ ଗୋଟାଉ ଗୋଟାଉ) ଇତ୍ୟବସରେ ସାମାନ୍ୟ ଟିକେ ଚା'ର ବ୍ୟବସ୍ଥା କରିଯାଇ ପାରିଲେ ମନ୍ଦ ହୁଅନ୍ତା ନା···ଶ୍ରୀଯୁକ୍ତ ମହାନ୍ତି ?

ମହାନ୍ତି—ମୁଁ ତ ବରଂ ଜଳଯୋଗର ସୁପାରିଶ କରିବି ।

Digitized by srujanika@gmail.com

ମିଶ୍ର—ଏଥିରୁ ଜଣାଯାଏ ଶ୍ରୀଯୁକ୍ତ ମହାନ୍ତି ଖାଲି ସୁପାରିଶ କରନ୍ତି, କୌଣସି ବିଷୟରେ ସିଦ୍ଧାନ୍ତ ଗ୍ରହଣ କରନ୍ତି ନା।

ମହାନ୍ତି—(ପରିହାସ କରି) ମହାନ୍ତିଙ୍କ ମତରେ ସମଗ୍ର ସରକାର କେବଳ ରହିଛି ସୁପାରିଶ ପାଇଁ···ସିଦ୍ଧାନ୍ତ ଗ୍ରହଣ ପାଇଁ ନୁହେଁ। (ସମସ୍ତେ ହସି ଉଠିଲେ)

ଦାସ—(ଗଂଭୀର ଭାବରେ) ବାସ୍ତବିକ ମୋର ସେଇ ମତ।

ଚୌଧୁରୀ—କିନ୍ତୁ ଏଥର ଏ ଶ୍ରମିକ ଆନ୍ଦୋଳନ ଉପରେ ସରକାର ନିଶ୍ଚୟ ଶେଷ ସିଦ୍ଧାନ୍ତ ଗ୍ରହଣ କରୁଛନ୍ତି।

ମିଶ୍ର—ଘରୋଇ ମନ୍ତ୍ରୀଙ୍କ ହାତ ମୁଠାର ଝାଣ କଥାରେ ନୁହେଁ, କାର୍ଯ୍ୟରେ ପରୀକ୍ଷିତ ହେବ।

ଚୌଧୁରୀ—(ଦେପରୁଆ ଭାବରେ) ଓ···ନିଶ୍ଚୟ ହେବ। (ମନେ ପଡ଼ିଗଲା) ଚା'ର ଯୋଗାଡ଼ କଣ ହେଲା ?

ଦାସ—ବନାନ ! (ବନାମ କଲିଂବେଲ୍ ଟିପିଲେ। ଚପରାସି ପଶି ଆସିଲା। ବନାମ କଣ ଚପରାସିକୁ ଫୁସ ଫୁସ କରି କହିଲେ। ଚପରାସି ସଲାମକରି ଚାଲିଗଲା)

ମହାନ୍ତି—ଆଜିର ଆଲୋଚନା ପରି ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ, ମୋ ମତରେ କ୍ୟାବିନେଟର ସମସ୍ତ ସଭ୍ୟ ଭାଗନେବା ଉଚିତ ଥିଲା।

ଚୌଧୁରୀ—ମୁଁ ଏ ମତ ସମର୍ଥନ କରେନା। ମୋର ବିଶ୍ୱାସ ଆମର ଯାହା ସିଦ୍ଧାନ୍ତ ହେବ ଅନ୍ୟ କୌଣସି ମନ୍ତ୍ରୀ ତାର ବିରୋଧ କରିବେ ନାହିଁ। କ୍ୟାବିନେଟରେ ଥିବା ମୋ' ଦଳ ମତେ କେବେ ପ୍ରତିରୋଧ କରିବେ ନାହିଁ। ମିଶ୍ରଙ୍କ ଦଳ ମିଶ୍ରଙ୍କୁ ପ୍ରତିରୋଧ କରିବେ ନା। ଆଉ ଶେଷରେ କେହି ପ୍ରତିରୋଧ

Digitized by srujanika@gmail.com

କରବେ ନାହିଁ ମୁଖ୍ୟମନ୍ତ୍ରୀଙ୍କ ମତାମତ । (ଚପରାସି ଆସି ବନାମାଙ୍କୁ ସଲାମ କଲା । ବନାମା କେନ୍ଦ୍ର ଟେବୁଲ ନିକଟକୁ ଆସି)

ବନାମା—ବ୍ୟବସ୍ଥା ହୋଇସାଇଛି ।

ମହାନ୍ତି—ସେଠି କାହିଁକି ? ଏଇଠିକୁ ଆସିଲେ···ମିଶ୍ର··· ?

ମିଶ୍ର—ମୋର ବିଶ୍ୱାସ ମୁଖ୍ୟମନ୍ତ୍ରୀଙ୍କର ବି ସେଇ ମତ ।

ଦାସ—ଆସୁ ।

(ଚପରାସି ସଙ୍ଗେ ସଙ୍ଗେ ପାଇ ଟ୍ରେ'ର ଟ୍ରେ'ମାନ ଆଣି ଟେବଲ ଉପରେ ଥୋଇ ଦେଲା । ଦାସଙ୍କୁ ଛାଡ଼ି ଅନ୍ୟ ମନ୍ତ୍ରୀମାନେ ଟେବଲ ସଜାଡ଼ି ନେଲେ)

ମହାନ୍ତି—(ବନାମାଙ୍କୁ) ଆସନ୍ତୁ ।

ବନାମା—ମୁଁ ଅସମୟରେ···

ଚୌଧୁରୀ—ଭଲ ଅଭ୍ୟାସ ଶ୍ରୀଯୁକ୍ତ ଦାସ, ବାପାଙ୍କ ପରି ଆପଣ ଭଲ ଅଭ୍ୟାସ ରଖିଛନ୍ତି······

(ଚପରାସି ଏକ ଗ୍ଲାସ ସରବତ ଆଣି ଦାସଙ୍କ ଆଗରେ ଥୋଇଦେଲା । କ୍ରମେ ଚା ପିଆ ଆରମ୍ଭ ହେଲା···)

ଦାସ—ଘରୋଇ ମନ୍ତ୍ରୀ ପରିସ୍ଥିତିକୁ ଭଲକରି ଚିନ୍ତାକରିଛନ୍ତି···

ଚୌଧୁରୀ—କେବଳ ମୁଁ ନୁହେଁ, ଶ୍ରମିକ ମନ୍ତ୍ରୀ ଶ୍ରୀଯୁକ୍ତ ମିଶ୍ର·· ନିରାପତ୍ତାରକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ମହାନ୍ତି ମଧ୍ୟ ମୋ ଅପେକ୍ଷା ଅଧିକ ଧ୍ୟାନ ଏ ବିଷୟରେ ଦେଇଛନ୍ତି ।

ମହାନ୍ତି—ଦେଇଛି, କିନ୍ତୁ ଘରୋଇ ମନ୍ତ୍ରୀଙ୍କ ପରି ନୁହେଁ ।

ଚୌଧୁରୀ—କାହିଁକି ନୁହେଁ ?

ମିଶ୍ର—କାରଣ, ଘରୋଇ ମନ୍ତ୍ରୀ ମନ୍ତ୍ରୀମଣ୍ଡଳର ସବୁଠାରୁ ଅଭିଜ୍ଞ ବ୍ୟକ୍ତି । କ୍ରମାନ୍ୱୟେ ତିନୋଟି ମନ୍ତ୍ରୀମଣ୍ଡଳରେ ସେ

Digitized by srujanika@gmail.com

ସ୍ଥାନ ପାଇଛନ୍ତି···ଆଜି ସ୍ଥାନ ପାଇଛନ୍ତି ଘରୋଇ ବିଭାଗର ଦାୟିତ୍ୱ ବହନ କରି···

ଚୌଧୁରୀ—ସେ ହୁଏତ ବାହାରୁ ଦେଖିଲେ ଖୁବ୍ ଗର୍ବର ବିଷୟ, କିନ୍ତୁ ଘରୋଇ ବିଭାଗର ଯେ ଝିନଝଟ୍···ଯେ ଦାୟିତ୍ୱ ! ସେ ଦାୟିତ୍ୱରୁ ମତେ ଅବ୍ୟାହତି ଦେବାପାଇଁ ମୁଁ ସବୁ ବେଳେ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରି ଆସିଛି ।

ଦାସ—କିନ୍ତୁ ଦଳର ଅଧିକାଂଶ ସଭ୍ୟ ଚାହୁଁଛନ୍ତି ଘରୋଇ ବିଭାଗ ରହୁ ଆପଣଙ୍କ ହାତରେ, ତେଣୁ ମୁଖ୍ୟମନ୍ତ୍ରୀ ନିରୁପାୟ ।

ଚୌଧୁରୀ—ତା' ହୁଏତ ଠିକ୍ । ଦଳର ଅଧିକାଂଶ ସଭ୍ୟ ଅଜ ପଛରେ ମୋର······

ଦାସ—ଚୌଧୁରି, ତା'ହେଲେ ମୁଖ୍ୟମନ୍ତ୍ରୀର ଦାୟିତ୍ୱରୁ ମତେ ଅବ୍ୟାହତି ଦେଇ କାହିଁକି ତୁମେ ସେ ଦାୟିତ୍ୱ ଗ୍ରହଣ କରୁନା ।

ଚୌଧୁରୀ—ତା'କି ସମ୍ଭବ—ଆପଣ ଥାଉଁ ଥାଉଁ ମୁଖ୍ୟମନ୍ତ୍ରୀ ହେବି ମୁଁ—(ସମ୍ମାନ ସହକାରେ) ମୁଁ ପୁନର୍ବାର ଘୋଷଣା କରେ—ଶ୍ରୀଯୁକ୍ତ ଦାସ ଦଳର ନେତା ଏବଂ ତାଙ୍କ ପ୍ରତି ସମସ୍ତଙ୍କର ଆନୁଗତ୍ୟ ଅଛି—ଶ୍ରୀଯୁକ୍ତ ମିଶ୍ର··· ?

ମିଶ୍ର—ମୁଁ ଏକମତ ।

ଚୌଧୁରୀ—ମହାନ୍ତି !

ମହାନ୍ତି—ମତେ ନ ପଚାରିଲେ ଚଳେ । "ସ୍ୱତଦଳପାର୍ଟି" ଭିତରେ ମୁଁ ଉପଦଳ ସୃଷ୍ଟି କରିନାହିଁ । କେତେକଙ୍କ କୃପାରେ ମନ୍ତ୍ରୀ ଗାଦିର ଅଧିକାରୀ ମୁଁ ହୋଇନାହିଁ । ମୁଁ ମନ୍ତ୍ରୀମଣ୍ଡଳକୁ ସିଧା ଆସିଛି ଓ ଦଳର ନେତାଙ୍କୁ ମୁଁ ସିଧା ସମର୍ଥନ କରେ ।

Digitized by srujanika@gmail.com

ଚୌଧୁରୀ—ଧନ୍ୟବାଦ ମହାନ୍ତି । ତୁମର କଥା ମଧ୍ୟ ଠିକ୍‌... ଧନ୍ୟବାଦ । କିନ୍ତୁ...ତୁମକୁ ତ ଅଜଣା ନୁହେଁ ନିଜକୁ ବଞ୍ଚାଇବାକୁ ହେଲେ ଦଳ ମଧ୍ୟରେ ଉପଦଳର ପ୍ରୟୋଜନ ଅଛି ।

ମିଶ୍ର—ହୁଏତ ଅଛି !

ମହାନ୍ତି—ମୁଁ ବୁଝିପାରୁନାହିଁ ଚଣେଚନ୍ଦ୍ର ନାଁରେ ଏଇ ସବୁ ମତାମତ ମୁଁ ବୁଝି ପାରୁନାହିଁ । ମୁଖ୍ୟମନ୍ତ୍ରୀଙ୍କର କଣ ଏଇ ମତ ନୁହେଁ ?

ଦାସ—ନଥିଲା, ଏଇ କେତେ ବର୍ଷର ମନ୍ତ୍ରୀତ୍ୱ ପରେ ଏ ମତ ଗ୍ରହଣ ନ କରିବା ଛଡ଼ା ମୁଁ ଉପାୟହୀନ । ମହାନ୍ତି, ମୁଁ ଅନେକ ସମୟରେ ନିଜକୁ ଭାବେ, ବିଶ୍ଳେଷଣ କରେ କିନ୍ତୁ ବୁଝିପାରେ ନାହିଁ ଅତୀତ ବର୍ତ୍ତମାନ ଆଉ ଭବିଷ୍ୟତ । କାହିଁ ସ୍ୱା ଭିତରେ ସମନ୍ୱୟ !

ମିଶ୍ର—ମୁଖ୍ୟମନ୍ତ୍ରୀଙ୍କର ମନ୍ତ୍ରୀତ୍ୱ ଗ୍ରହଣର ପରେ ପରେ ପ୍ରକାଶ ପାଇଥିବା ସେଇ କେତେକ ଇସ୍ତାହାର ମୋର ମନେ ପଡେ ।

ଦାସ—ମୁଁ ହୁଏତ ଇସ୍ତାହାରର ସମ୍ମାନ ରକ୍ଷାକରି ପାରିନାହିଁ କିନ୍ତୁ ତଥାପି ମୁଁ ବିଶ୍ୱାସ କରେ ବୃଦ୍ଧୀ ମୂଳିଆ ଦେଶରେ ନେତୃତ୍ୱ ବହନ କରି ମୋର ସେଇ ଇସ୍ତାହାର ଅନୁସାରେ ଚଳିବା ଉଚିତ ଥିଲା ।

ଚୌଧୁରୀ—ମୁଖ୍ୟମନ୍ତ୍ରୀ କ୍ଷମା କରିବେ, ମନ୍ତ୍ରୀତ୍ୱ ଆସନରେ ମାତ୍ର-ବାକ୍ୟ ଅର୍ଥହୀନ । ସେ ଦିନ ଆପଣ ସାଧାରଣ ଭୋଜି, ନିମନ୍ତ୍ରଣ, ମନ୍ତ୍ରୀ ଗାଦିର ଗୁରୁତ୍ୱ ସମ୍ପର୍କରେ ଯେଉଁ ଇସ୍ତାହାର ଦେଇଥିଲେ, ସାକ୍ଷୀ ବନାମ ଦେବା ଅଛନ୍ତି, ମୁଁ ପ୍ରଥମେ ତାର ବିରୋଧ କରିଥିଲି । କିନ୍ତୁ ଆପଣ ରୂପ ଦେବାରୁ ମାଉବ ଭିତ୍ତି ଖାଲି ହସିଥିଲି......

Digitized by srujanika@gmail.com

ମହାନ୍ତି—ହସିଥିଲେ ?

ଚୌଧୁରୀ—ଆଜ୍ଞା କହିଥିଲି ଏ ଇସ୍ତାହାର ମୂଲ୍ୟହୀନ, କାରଣ ଦୁଇ ଦିନ ପରେ ଏହାର ବିପରୀତାଚରଣ କରିବେ ନିଜେ ମୁଖ୍ୟମନ୍ତ୍ରୀ ! ମୁଁ ଜାଣିଥିଲି ସେପରି ନ କରିବା ଛଡ଼ା ଉପାୟ ନାହିଁ ।

ଦାସ—(ଯନ୍ତ୍ରଣା ସହିତ) ତୁମେ ଏ କଥା କହିଥିଲ ଚୌଧୁରୀ ?

ଚୌଧୁରୀ—କହିଥିଲି । ଡକୋଟି ମନ୍ତ୍ରୀମଣ୍ଡଳର ଅଭିଜ୍ଞତା ନେଇ ମୁଁ କହିଥିଲି । ମନ୍ତ୍ରୀର ଗାଦି କୁମ୍ଭାରର ଚକ, ବୁଲୁଥିବା ସେଇ ଚକ ଉପରେ ମାଟି ପିଣ୍ଡୁଳାକୁ ଯେ କୌଣସି ଆକାରରେ ରଖିଦେଲେ ତାହା ଆପେ ଆପେ ଗୋଲ ହୋଇଯିବ ।

ଦାସ—ହିଁ ଗୋଲ ହୋଇଯିବ ! ତୁମ୍ଭେମାନେ ଯେଉଁ ଚକ ଘୂରାଉଛ ସେଥିରେ ମୁଁ ଗୋଲ ହୋଇ ଯାଉଛି···

ମିଶ୍ର ଓ ଚୌଧୁରୀ—ଆମେ ?

ଦାସ—(କଣ କହିବାକୁ ଯାଉଥିଲେ ଚପରାସି ଆସି ବନାମାଙ୍କୁ ସଲାମ ଦେଲା । ବନାମା ଦ୍ୱାର ପର୍ଯ୍ୟନ୍ତ ଯାଇଁ ଘୋଷଣା କଲେ ।)

ବନାମା—ଶ୍ରୀଯୁକ୍ତ ନାୟକ, ଶ୍ରୀଯୁକ୍ତ ପଟେଲ (ପଟେଲ ଆଉ ନାୟକ ଆସି ଯଥାବିଧି ସମ୍ମାନ ପ୍ରଦର୍ଶନ ପରେ ଅଫିସରଙ୍କ ନିର୍ଦ୍ଧାରିତ ଟେବଲ ପାଖରେ ବସିଲେ)

ଚୌଧୁରୀ—ତୁମମାନଙ୍କୁ ଅପେକ୍ଷା କରି ଆମେ ବସିଛୁ । ବର୍ତ୍ତମାନ କାମ ଆରମ୍ଭ ହେଉ ।

(ଚା' ଖିଆ ସରିଥିଲା । ବେହେରା ପ୍ଲେଟ ସଜାଡ଼ି ପଦାକୁ ନେଇଗଲା) ନାୟକ ସମସ୍ତ କାଗଜ ପତ୍ର ଆଣିଛନ୍ତି ?

ନାୟକ—ଆଣିଛି ସାର୍ ।

Digitized by srujanika@gmail.com

ଚୌଧୁରୀ—ପଟେଲ ଏ ଗଣ୍ଡଗୋଳ ଦବାଇବା ପାଇଁ ପୋଲିସ ବାହିନୀ ଅସମର୍ଥ ନୁହେଁତ ?

ପଟେଲ—ନୁହେଁ ସର୍ । ଏଇ ଅସମର୍ଥତା ପାଇଁ କଣ ପୋଲିସ ବାହିନୀକୁ ପାଟକନାରେ ପୋସ୍ଟ ହୋଇ ରଖାଯାଇଛି··· । ନାଁ ସର୍ ଆପଣ ଥରେ ମୁହଁ ଖୋଲି ଅର୍ଡ଼ର ଦିଅନ୍ତୁ । ମୁଁ ଏଇଠି ଥାଇ ଧର୍ମଘଟକାରୀ ଓ ଗଣ୍ଡଗୋଳକାରୀଙ୍କ ମଧ୍ୟରୁ ଅଧେକୁ ଚଳେ ଶୁଆଇ ଦେବ ଟିଅର ଗ୍ୟାସରେ ନୁହେଁ ସାର୍···ଷ୍ଟ୍ରୀନଟ ଷ୍ଟ୍ରୀ ବ୍ୟବହାର କରି ।

ଦାସ—ପ୍ରଥମେ ମନ୍ତ୍ରୀମଣ୍ଡଳ ବର୍ତ୍ତମାନ ଗଣ୍ଡଗୋଳର ବିବରଣୀ ଓ ଅବସ୍ଥା ଶୁଣିବେ ।

ଚୌଧୁରୀ—ନାୟକ, ମନ୍ତ୍ରୀମଣ୍ଡଳ ଆଗରେ ତୁମେ ଉପସ୍ଥାପିତ କର······

ନାୟକ—ଉପସ୍ଥାପିତ କରିବାର କଣ ଅଛି ସାର୍ ! ଦେଶର ଶିଶୁ ବାଳକତ ଆଜ ଜାଣନ୍ତି "ପ୍ରାପ୍ୟ ବୃଦ୍ଧି ଓ ସଂଗଠନ" ପ୍ରଭାବରେ ଦେଶର ସମସ୍ତ କାରଖାନାରେ ପୂର୍ଣ୍ଣ ଧର୍ମଘଟ ।

ପଟେଲ—ଏ ଧର୍ମଘଟ ପାଇଁ ମୁଁ ବିବ୍ରତ ନୁହେଁ ସାର୍ । ···ଖାଲି "ସଂଗଠନ"ର ଗତି ମତେ ସ୍ନାୟୁହୀନ କରି ଦେଉଛି । "ସଂଗଠନ"ର ସଭ୍ୟମାନେ ହେଲେ ଗାଁର କୃଷୀ···ମେରୁଦଣ୍ଡ, କଲେଜର ଜମି ପରି ସେମାନେ ହଠାତ୍ ସଂକ୍ଷିପ୍ତ ହୋଇ ପଡ଼ି ସବୁ ଗାଁକୁ ଛେଦି ଯାଇଛନ୍ତି । ସେମାନଙ୍କ ହାତରେ ଆଜି ଶସ୍ୟ ଉତ୍ପାଦନର ଭାର । ଜୋର କରି ସେମାନେ ମଧ୍ୟସତ୍ତ୍ୱାଧିକାର ଲୋପ କରୁଛନ୍ତି । ସମସ୍ତ ଜମି ହାତକୁ ନେଉଛନ୍ତି ଓ ନିଜ ନିଜ ମଧ୍ୟରେ ଆବଶ୍ୟକ ଅନୁସାରେ ବାଣ୍ଟି ଦେଉଛନ୍ତି । ସେମାନେ ଆଜି ପ୍ରମାଣିତ କରିବାକୁ ଯାଉଛନ୍ତି

Digitized by srujanika@gmail.com



ଦାସ—ହିଁ ଗୋଲ ହୋଇଯିବ ! ତୁମ୍ଭେମାନେ ଯେଉଁ ଚକ୍ର ଘୂରାଉଛ ସେଥିରେ ମୁଁ ଗୋଲ ହୋଇ ଯାଉଛି···
(ପୃ ୭୮)

Digitized by srujanika@gmail.com

ଜମି ବ୍ୟକ୍ତିର ନୁହେଁ, ସମାଜର ! ଜମି ସଂକ୍ରାନ୍ତୀୟ ଯାବତୀୟ ଆବଶ୍ୟକୀୟ ସଂସ୍କାର ଯାହା ସରକାରଙ୍କର କରିବାର କଥା ସେମାନେ ଆଜ ତା ନିଜେ କରି ପକାଉଛନ୍ତି । କେଉଁଠି ବନ୍ଧ ଦରକାର, କେଉଁଠି ପୋଲ ଦରକାର, କେଉଁଠି ରାସ୍ତା ଦରକାର ଏସବୁ ମଧ୍ୟ କରିବାକୁ ସେମାନେ ଭୁଲୁ ନାହାନ୍ତି ! ସେମାନେ ଆଜ ଗାଁର ଉନ୍ନତି କରୁଛନ୍ତି, ଗାଁର ବିଚାର କରୁଛନ୍ତି । ମୋଟ ଉପରେ ଆଜ ଶାସନ ସରକାରଙ୍କ ହାତରେ ନାହିଁ । ଶାସନର ମୁଖ୍ୟ ଅଂଶଗୁଡ଼ିକ ସେମାନେ ଆଜ କାଢ଼ି ନେଇଛନ୍ତି । ଦେଶର ଶାସନ ବିଧାନ ଏହାକୁ କୁହେ ଅରାଜକତା···

ଦାସ—ବସନ୍ତ ପଟେଲ, ଭାବପ୍ରବଣତା ନିରର୍ଥକ ।

ମିଶ୍ର—ଏ ସବୁ ଜଣାଶୁଣା କଥା । ମନ୍ତ୍ରୀମଣ୍ଡଳର ବୈଠକ ଡାକ ସେକ୍ରେଟାରୀଙ୍କଠାରୁ ଜାଣିବାକୁ ଚାହେଁ ବର୍ତ୍ତମାନର ପ୍ରକୃତ ଅବସ୍ଥା ।

ନାୟକ—ବର୍ତ୍ତମାନ ଗୋଟିଏ ଆଡ଼େ ଦେଶର ଶିଳ୍ପଜୀବନ ପଙ୍ଗୁ ହେବାକୁ ବସିଛି ବ୍ୟାପକ ଧର୍ମଘଟ ଫଳରେ, ଅନ୍ୟ ପକ୍ଷରେ ଦେଶର କୃଷି ଜୀବନରେ ଆସୁଛି ଯୁଗାନ୍ତ ବ୍ୟତିକ୍ରମ । 'ପ୍ରାପ୍ୟ ସ୍ୱତ୍ୱ-ସଂଗଠନ' ଚାହେଁ ନିଜ ଶକ୍ତି ବିନିଯୋଗ କରି ଚାଷୀ ମୂଳଆର ପ୍ରାପ୍ୟ ଆଦାୟ କରିନେବ । ମଧ୍ୟବର୍ତ୍ତୀ ସ୍ୱତ୍ୱ-ଲୋପ ସେମାନଙ୍କ ଅଭିଯାନର ପ୍ରଥମ ଲକ୍ଷ୍ୟ । ଶ୍ରମିକ ଚାହେଁ ମାଲିକର ଲାଭରୁ ଅଂଶ, କୃଷକ ଚାହେଁ କୃଷି ଯା'ର ଜମି ତାର । ଶ୍ରୀକଟନମିଲ୍‌ସରୁ ପ୍ରଥମେ ଏ ଗଣ୍ଡଗୋଳର ଆରମ୍ଭ ।

Digitized by srujanika@gmail.com

ଚୌଧୁରୀ—ମନ୍ତ୍ରୀମଣ୍ଡଳ ତା' ଅବଗତ ଅଛନ୍ତି; କିନ୍ତୁ ତା'ପରେ କିପରି ଏ ବ୍ୟାପକ ଅବସ୍ଥା ଉଦ୍‌ଭବ ହେଲା ?

ନାୟକ—ମାଲିକଙ୍କୁ ଯେଉଁ ପ୍ରସ୍ତାବ ଦିଆ ଯାଇଥିଲା ବହୁ ଅର୍ଥ ଦେଇ ଶ୍ରମିକମାନଙ୍କୁ ଦଳଭୁକ୍ତ କରି ନେବାକୁ, ମାଲିକ ସେଥିରେ ରାଜି ଥିଲେ କିନ୍ତୁ···

ପଟେଲ—ସାର୍‌, ସେଇ 'ସଂଗଠନ' । ତା'ପରେ 'ସଂଗଠନ' ଦେଖା ଦେଲା ରାଜନୀତିର ପୃଷ୍ଠଭୂମିରେ । ସୁରିଆଡ଼େ ବ୍ୟାପିଲା ଧର୍ମଘଟ । ସୁରିଆଡ଼େ ମଧ୍ୟ-ସତ୍ତ୍ୱ-ବିରୋଧୀ ଗଣ୍ଡଗୋଳ । ସୁରିଆଡ଼େ ସରକାରଙ୍କୁ ଶେଷ କରିବାର ଅଭିଯାନ···

ନାୟକ—ବର୍ତ୍ତମାନ ଦେଶର ସମ୍ପୂର୍ଣ୍ଣ ଶ୍ରମିକ ଧର୍ମଘଟରେ ଯୋଗ ଦେଇଛନ୍ତି, ଦେଶର ଶତକଡ଼ା ଅଶୀ କାରଖାନା ବର୍ତ୍ତମାନ ପୂର୍ଣ୍ଣ ଭାବରେ ବନ୍ଦ, ବାକି ପନ୍ଦର ଆଂଶିକ ଭାବେ ଚାଲିଛି । ତା ଛଡ଼ା କେତେ କୃଷକ କୃଷି ଅଭିଯାନରେ ଯୋଗ ଦେଇ ଜମି ସଂସ୍କାର କରିବାରେ ଲାଗିଛନ୍ତି ତାର ଠିକ ହିସାବ ଦିଆ ଯାଇ ପାରିବ ନାହିଁ । କିନ୍ତୁ ପ୍ରାୟ କୌଣସି ମଧ୍ୟ ସତ୍ତ୍ୱାଧିକାରୀ ହାତରେ ଆଜି ବର୍ତ୍ତମାନ ଜମି ନାହିଁ ।

ଦାସ—ଦେଶ ପକ୍ଷରେ ଏହା ଏକ ଶୁଭ ସୂଚନା—

ଚୌଧୁରୀ—ଶୁଭ ସୂଚନା !

ଦାସ—ଯାହା ସରକାରଙ୍କ ଦ୍ୱାରା ସମ୍ଭବ ହୋଇ ପାରି ନ ଥିଲା ସେଇ ଭୂମି-ସଂସ୍କାର କୃଷକମାନେ ନିଜେ ନିଜେ ଗ୍ରହଣ କରିଛନ୍ତି ।

ଚୌଧୁରୀ—ନିଶ୍ଚୟ ଶୁଭ ସୂଚନା···ମୃତ୍ୟୁ ପରି ନିଶ୍ଚିତ ଶୁଭସୂଚନା ।
ହାଃ—ହାଃ—ହାଃ

Digitized by srujanika@gmail.com

ଦାସ—ମୁଁ କନ୍ତୁ ବବ୍ରତ ହୋଇ ପଡୁଛି ଶିଳ୍ପ ବଗଟିକୁ ବସ୍ତୁଭ କର।
ପଟେଲ—କିନ୍ତୁ କୃଷି ବଗରେ ଯେ ଅସ୍ତଜକତା ଅଛି !
ଦାସ—ହୁଏତ ଅଛି । କିନ୍ତୁ ସେ ଅସ୍ତଜକତାକୁ ସ୍ରଷ୍ଟ୍ରୀତରେ ପରଣତ କରିବାକୁ ବେଶୀ ସମୟ ଲାଗିବ ନାହିଁ ।
ଚୌଧୁରୀ—ଏ ବଷୟରେ ମୁଁ ମୁଖମନ୍ତ୍ରୀଙ୍କୁ ଦୃଢ଼ ଭାବରେ ସମର୍ଥନ କରେ ।
ମିଶ୍ର—ମୁଁ ମଧ୍ୟ ସମର୍ଥନ କରେ ।
ଚୌଧୁରୀ—ଏ ପ୍ରକାର ଅସ୍ତଜକତାକୁ ଦମନକରିବାକୁ ମୁଁ ପୂର୍ବରୁ ଯୋଜନା ପ୍ରସ୍ତୁତ କରି ରଖିଛି । ମୁଁ ଦେଖାଇ ଦେବାକୁ ଗ୍ଭହେଁ ଏ ସାମାନ୍ୟ ଗଣ୍ଡଗୋଳ ପାଇଁ ସରକାର ଦୁର୍ବଳ ନୁହନ୍ତି ।
ପଟେଲ—କିନ୍ତୁ ସାର, ଦେଶର ଶତକଡ଼ା ନବେ ଯେ ଏ କୃଷି ଗଣ୍ଡଗୋଳରେ ଲିପ୍ତ, ଆପଣ ହୁଏତ ମତେ ଆଦେଶ ଦେଲେ ମୋର ପୋଲିସବାହିନୀ ଏ ଗଣ୍ଡଗୋଳକୁ ରକ୍ଷା କରି ପାରିବେ ନାହିଁ, ଗୋଟିଏ ପୋଲିସ ମାତ୍ର ଗୋଟିଏ ଗଣ୍ଡଗୋଳକାରୀକୁ ବାଧା ଦେଇପାରେ କିନ୍ତୁ ଗୋଟିଏ ପୋଲିସ ପାଇଁ ଏ କ୍ଷେତ୍ରରେ ଗଣ୍ଡଗୋଳକାରୀ ସଂଖ୍ୟା ଯେ ସଂଖ୍ୟାହୀନ ।
ଚୌଧୁରୀ—ପଟେଲ, କଣ ତା ହେଲେ ହେବ ?
ପଟେଲ—ସେଥିପାଇଁ ମୁଁ ଅସେମ୍ବ୍ଲି ମନ୍ତ୍ରୀଙ୍କଠାରୁ ପରାମର୍ଶ ଓ ଆଦେଶ ଗ୍ଭହେଁ ।
ଚୌଧୁରୀ—(ବରକ୍ତ ଭାବେ) କଣ ତେବେ ହେବ—ପଟେଲ, ନାଁ ନାଁ ତୁମକୁ କିଛି କରିବାକୁ ହେବ ।

Digitized by srujanika@gmail.com

ପଟେଲ—(ବନ୍ଧୁପ୍ରାତ୍ମକ ଭାବେ) ବାସ୍ତବ କ୍ଷେତ୍ରରେ ଶାସନ ଆମେହିଁ ଚଳାଉ ସାର, ହୁଏତ ଅନ୍ୟମାନେ କୁହନ୍ତି ତାକୁ ନୌକରସାହି ଶାସନ । ସାର, ଏ ପରିସ୍ଥିତିକୁ ରକ୍ଷା କରିବା କୌଶଳର ଅଭାବ ନାହିଁ ।

ଚୌଧୁରୀ--ନାହିଁ ?

ପଟେଲ--ହୁଏତ ଗୋଟିଏ ପୁଲିସ ପାଇଁ ଗଣ୍ଡଗୋଳକାରୀ ସଂଖ୍ୟାଧିକ ହୋଇ ପାରନ୍ତି । କିନ୍ତୁ ଗୋଟିଏ ପୋଲିସ ଜଣକୁ ରକ୍ଷା କରିପାରେ; ତେଣୁ ସାର ଗଣ୍ଡଗୋଳକାରୀମାନଙ୍କୁ ଦମନ କରିବାର ଚେଷ୍ଟା ନ କରି ଗୋଟିଏ ପୋଲିସ ରକ୍ଷା କରିବାର ଚେଷ୍ଟା କରିବ ଗୋଟିଏ ମାଲିକକୁ, ଗୋଟିଏ ମଧ୍ୟ ସତ୍ତ୍ୱାଧିକାରୀକୁ, ଆଉ ଗୋଟିଏ ପୁଞ୍ଜିପତିକୁ—ସମସ୍ୟାର ସୂକ୍ଷ୍ମ ସମାଧାନ ।

ଚୌଧୁରୀ--ଏତ ଆମର ପୁରୁଣା ନୀତି ପଟେଲ, ଆମେ ଚିରଦିନ ସେମାନଙ୍କୁ ରକ୍ଷା କରିବାର ଚେଷ୍ଟା କରୁଛୁ ।

ନାୟକ--ଧର୍ମଘଟ ଯଦି ଚାଲେ ଆଉ ସାତ ଦିନ ପରେ ଏପରି ଅବସ୍ଥା ଘଟିବ ଯାହା ଦ୍ୱାରା ଦେଶର ଉତ୍ପାଦନ ଶତକଡ଼ା ପଚାଶ ଭାଗ କମିଯିବ ।

ଦାସ--ଆମକୁ ସ୍ଥିର ସମାଧାନ କରିବାକୁ ହେବ ।

ନାୟକ--ମନ୍ତ୍ରୀମଣ୍ଡଳର ଏଇ କେନ୍ଦ୍ର ଅନୁଷ୍ଠାନ ତାର ସମାଧାନ କରି ଦେବ ସାର ।

ଦାସ—ମହାନ୍ତି, ତୁମେ ଏ ସମସ୍ୟାର କି ସମାଧାନ ଚାହଁ ?

ମହାନ୍ତି—ମୁଁ ଚାହେଁ ସରକାର ତାଙ୍କର କୃଷିନୀତି ଓ ଶିଳ୍ପନୀତି ଆଉଥରେ ସ୍ପଷ୍ଟଭାବରେ ବ୍ୟକ୍ତ କରନ୍ତୁ ।

ଦାସ—ସେଥିରେ ଲାଭ କଣ ?

Digitized by srujanika@gmail.com

ମହାନ୍ତି—କୃଷକ ଓ ଶ୍ରମିକ ଦେଶର କର୍ତ୍ତବ୍ୟ ବୁଝିପାରିବେ ।

ଦାସ—ସେମାନେ ବୁଝିଛନ୍ତି ମହାନ୍ତି, କିନ୍ତୁ ସେମାନେ ଆଜି ସ୍ବହାନ୍ତି ବଞ୍ଚିବାର ଅଧିକାର, ପରିଶ୍ରମର ପାଉଣା ।

ମହାନ୍ତି—କିନ୍ତୁ ଧର୍ମଘଟଦ୍ୱାରା, ଗଣ୍ଡଗୋଳ ଦ୍ୱାରା ଉତ୍ପାଦନ ସେ ବଢ଼ି ପାରୁ ନାହିଁ ।

ଦାସ – ପାରୁନାହିଁ ନିଶ୍ଚୟ-କିନ୍ତୁ ମୋ ମତରେ ଉତ୍ପାଦନ ଆଜି ପର୍ଯ୍ୟନ୍ତ ଆମେ ବଢ଼ାଇ ପାରୁ ନାହୁଁ ବୋଲି ଏ ଅବସ୍ଥାର ସମ୍ମୁଖୀନ ହୋଇଛୁଁ ।

ମିଶ୍ର—ମୁଖ୍ୟମନ୍ତ୍ରୀଙ୍କ ଯୁକ୍ତି ମୁଁ ବୁଝିପାରିଲି ନାହିଁ ।

ଦାସ—ଆପଣ କିଣ ବିଶ୍ୱାସ କରନ୍ତି ଏ ଧର୍ମଘଟ, ଗଣ୍ଡଗୋଳ କେବଳ ମାଲିକର ବିରୋଧରେ, ଧନୀର ବିରୋଧରେ ?

ଚୌଧୁରୀ—ଦେଶର ସମସ୍ତେ ସେଇ କଥା ଜାଣନ୍ତି ।

ଦାସ—କିନ୍ତୁ ମୁଁ ଜାଣେ ଏ ଅଭିଯାନ ଆଜି ଦରିଦ୍ର ବିରୋଧରେ, ନଗ୍ନତା ବିରୋଧରେ । ନାଁ ନାଁ ଆପଣମାନେ ଯୁକ୍ତି କରନ୍ତୁ ନାହିଁ । ଅର୍ଥନୈତିକ ସ୍ୱଚ୍ଛଳତା ଯଦି ଏ ଦେଶରେ ଥାନ୍ତା, ଏ ଗଣ୍ଡଗୋଳର ବିନ୍ଦୁ ମାତ୍ର ବି ନ ଥାନ୍ତା । ମୋର ଆପଣମାନଙ୍କୁ ଅନୁରୋଧ, ଆପଣମାନେ ଆଜି ଏଇ ପ୍ରଶ୍ନର ନିଷ୍ପତ୍ତି କରନ୍ତୁ ଶେଷ ବିଚାର ପରେ । ଆଜିର ସିଦ୍ଧାନ୍ତରେ ଚିରଦିନ ପାଇଁ ଏହି ସମସ୍ୟାର ସମାଧାନ କରି ଦିଅନ୍ତୁ ।

ଚୌଧୁରୀ—ଆମେ ଦେବୁ ।

ଦାସ—କିଣ ତେବେ ଏ ସମସ୍ୟାର ସମାଧାନ ?

ଚୌଧୁରୀ—ମାଲିକ ଓ ମଧ୍ୟସତ୍ତ୍ୱାଧିକାରୀ ମଧ୍ୟ ଦେଶର ଅବିଚ୍ଛେଦ୍ୟ ଅଂଶ । ଆମେ ଗଣ୍ଡଗୋଳକୁ ଆଇନ୍ ବଳରେ ଦମନ କରିବାକୁ—"ପ୍ରାପ୍ୟ ସ୍ୱତ୍ୱ" ସଂଗଠନକୁ ବେଆଇନ୍ ଘୋଷଣା

Digitized by srujanika@gmail.com

କର ତାର ଅଗ୍ରଣୀମାନଙ୍କୁ ଅଟକ ରଖିବୁ—ତା'ପରେ ଭାଙ୍ଗିଯିବ ଧର୍ମଘଟ, ଗଣ୍ଡଗୋଳ ପାଣି ହୋଇଯିବ । ଦେଶରେ ରହିବ ଦୃଷ୍ଟାନ୍ତ ଶାସନ ବରୋଧରେ ଗଣ୍ଡଗୋଳ ଏକ ଧୃଷ୍ଟତା···

ଦାସ—ଏଥିରେ ସମାଧାନ ହେବ ?

ଚୌଧୁରୀ—ହେବ । ଦେଶର ଭଲପାଇଁ ଆମକୁ ନିଶ୍ଚୟ ଟିକେ ନିର୍ମମ ହେବାକୁ ପଡ଼ିବ । ଗଣ୍ଡଗୋଳ ଭାଙ୍ଗିଦେବା ଛଡ଼ା ଆମର ଉପାୟ ନାହିଁ । ତା ନ ହେଲେ ଯେଉଁ ଶ୍ରେଣୀଠାରୁ ଆମେ ସାହାଯ୍ୟ ପାଉଛୁ···

ଦାସ—ସେ ପ୍ରଶ୍ନ ଉଠାନ୍ତୁ ନାହିଁ ।

ଚୌଧୁରୀ—ତାପରେ ଆମେ ତାଙ୍କ ପ୍ରତି ବିଶ୍ୱାସଘାତକତା କରିବା ।

ଦାସ—ଶ୍ରୀଯୁକ୍ତ ମିଶ୍ର ?

ମିଶ୍ର—ମୋ ମତରେ ଆମେ ସିଧା ଗଣ୍ଡଗୋଳ ନ ଦବାଇ ଗୋପନ ଭାବରେ ମାଲିକଙ୍କୁ ସାହାଯ୍ୟ ଆଉ ସହଯୋଗ ଦେବା···

ଦାସ—ଆର୍ଥିକ ମଧ୍ୟ ?

ମିଶ୍ର—ଆର୍ଥିକ ମଧ୍ୟ ।

ଦାସ—ଆପଣମାନେ ? (କର୍ମଚାରୀମାନଙ୍କୁ ଲକ୍ଷ୍ୟକରି)

ପଟେଲ—ଆମେ ଆପଣଙ୍କର ସିଦ୍ଧାନ୍ତ ପାଳନକରିବୁ ନିଶ୍ଚୟ । କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ଆପଣଙ୍କର ସିଦ୍ଧାନ୍ତ ଆମର ମତରେ ପ୍ରତିକୂଳ ହେଲେ ଆମେ ନିଜେ ମତ ଅନୁସାରେ କାର୍ଯ୍ୟ କରିବୁ ।

ଦାସ—ପଟେଲ !

ପଟେଲ—ଯାହା ସବୁଠାରେ, ସବୁ କ୍ଷେତ୍ରରେ ହୁଏ ମୁଁ ସେଇଆହିଁ କହିଲି ସାର । କାର୍ଯ୍ୟକ୍ଷେତ୍ରରେ ଆପଣ ନୁହନ୍ତି, ଶାସନକରୁ ଆମେ, ତେଣୁ ଆମ ମତାମତ ସେଠି ବେଶୀ କାର୍ଯ୍ୟକରେ ।

Digitized by srujanika@gmail.com

ଦାସ—ବେଶ୍ ତା ହେଲେ ଆପଣମାନଙ୍କ ମତ ମତାନ୍ତର କାର୍ଯ୍ୟ କରୁ । (ସେ ଚୂପ ରହିଲେ) ମନ୍ତ୍ରୀମଣ୍ଡଳ ବୈଠକ ଏବେ ଶେଷ ହେଲା, ଆସନ୍ତୁ ଆପଣମାନେ ।

ଚୌଧୁରୀ—ମୁଖ୍ୟମଂତ୍ରୀଙ୍କ ମତ ତ ଆମେ ଜାଣି ପାରିଲୁ ନାହିଁ ।

ଦାସ—କଣ ବା ଜାଣିବେ (ଅବଶ ହୋଇ) ମୁଁ ସ୍ୱା'ର ସବୁଦିନ ପାଇଁ ସମାଧାନ କରିବାକୁ ଚାହେଁ ।

ଚୌଧୁରୀ—ଆମେ ସେଥିରେ ସୁଖୀ ହେବୁ ।

ଦାସ—ମୁଁ କୃଷି ଓ ଶିଳ୍ପକୁ ଜାତୀୟକରଣ କରି ଚାହେଁ ଏ ଗଣ୍ଡଗୋଳର ସମାଧାନ ।

ଚୌଧୁରୀ—(ଚିତ୍କାର କରି ଉଠିଲେ) ଜାତୀୟକରଣ !

ଦାସ—କହୁଥିଲି କୃଷି କ୍ଷେତ୍ରରେ ଆଜି ଯାହାକୁ ଗଣ୍ଡଗୋଳ ଲୁଚା ଯାଉଛି ଜାତୀୟକରଣ ହେଲେ ତାହା ହେବ ସମ୍ପୃକ୍ତ— ଶିଳ୍ପ କ୍ଷେତ୍ରରେ ମଧ୍ୟ ବିବାଦ ଚିରଦିନ ପାଇଁ ଲୋପ ପାଇ ଯିବ । ପ୍ରତ୍ୟେକ ପାଇବେ ପ୍ରତ୍ୟେକର ପ୍ରାପ୍ୟ ।

ଚୌଧୁରୀ—ସ୍ୱା' ହୋଇ ପାରିବ ନାହିଁ ।

ଦାସ—ହେବ ଚୌଧୁରି ! ନିଶ୍ଚୟ ହେବ ।

ଚୌଧୁରୀ—ମିଶ୍ର ?

ମିଶ୍ର—ଆମେ ମୁଖ୍ୟମଂତ୍ରୀଙ୍କୁ ସମର୍ଥନ କରୁନା ।

ଦାସ—କିନ୍ତୁ ସମାଧାନର ଏଇ ଯେ ଏକ ମାତ୍ର ଉପାୟ—ଦେଶରୁ ଦାରିଦ୍ର୍ୟ ଲୋପ ହେବ, ଲୋପ ହେବ ଶ୍ରେଣୀ ସଂଘର୍ଷ, ଅର୍ଥନୈତିକ ସମସ୍ୟା ଦୂର ହେବ । ଶାସନତଂତ୍ରର ନିର୍ଦ୍ଧାରିତ ବାସ୍ତବ ପ୍ରଜାତଂତ୍ରରେ ପରିଣତ ହେବ ଏ ଦେଶ । (ଟେପରିସି ଆସି ବନାମୀଙ୍କୁ ସଲାମ କରି କଣ ଖଣ୍ଡେ କାର୍ଡ଼ ବଢ଼ାଇ ଦେଲେ—ବନାମୀ ଘୋଷଣା କଲେ)

Digitized by srujanika@gmail.com

ବନାମୀ—ସରୋଇ ବନ୍ଧଗର ପାର୍ଲମେଣ୍ଟାରୀ ସେକ୍ରେଟାରୀ ଶ୍ରୀଯୁକ୍ତ ଶ୍ରୀଯୁକ୍ତ···

ଚୌଧୁରୀ—ମହାପାତ୍ର···

ବନାମୀ—(ସମ୍ମତିସୂଚକ ଭାବେ ମୁଣ୍ଡ ହଲାଇ) ଶ୍ରୀଯୁକ୍ତ ମହାପାତ୍ର ଆସନ୍ତୁ, (ଚପରାସି ଚାଲିଗଲା । ପଶି ଆସିଲେ ଶ୍ରୀଯୁକ୍ତ ମହାପାତ୍ରେ)

ମହାପାତ୍ର—"ଗ୍ରାମ୍ୟ ଗୃହ ସଙ୍ଗଠନ" ଅପେକ୍ଷା ଆପଣମାନଙ୍କ ଉପରେ ଆଜ ଅଭିଯୋଗ ମୋର ବେଶୀ ।

ଚୌଧୁରୀ - ଆମ ଉପରେ ତୁମର ଅଭିଯୋଗ ··· ?

ମହାପାତ୍ର—ରୋମ ସହର ଜଳୁଥିବା ବେଳେ ଆପଣମାନେ ସେକ୍ରେଟାରିଏଟର କନ୍‌ଫରେନ୍‌ସ ରୁମରେ ବସି ବୀଣା ବଜାଉଛନ୍ତି ।

ମିଶ୍ର—କିନ୍ତୁ ବୀଣା ବଜାଇବା ତ ଏତେ ଲୋକଙ୍କଦ୍ୱାରା ସମ୍ଭବ ହୋଇ ନଥିଲା ।

ମହାନ୍ତି—ହୁଏତ ମହାପାତ୍ର କହିବାକୁ ଚାହାନ୍ତି ଆମେ ସମସ୍ତେ ଜଣେ ଜଣେ "ନିରୋ" !

ମହାପାତ୍ର—ସମସ୍ତେ "ନିରୋ"—ହଁ ମୁଁ କହେ ସମସ୍ତେ "ନିରୋ" । ଆପଣମାନେ ଜାଣନ୍ତି—କନ୍‌ଫରେନ୍‌ସ ରୁମ ବାହାରେ ବର୍ତ୍ତମାନ କ ଅବସ୍ଥା ହେଲାଣି ?

ଚୌଧୁରୀ—ବାହାରେ ? କାହିଁକି ଅବସ୍ଥା ପଟେଲ ?

ପଟେଲ—ମୁଁ ଜାଣିନ ସାର୍ କ ଅବସ୍ଥା ହୋଇଛି । ଭାବୁଛି ଅବସ୍ଥା ଯାହା ହୋଇଥାଉ ନା—ଅସମ୍ଭାଳ ହୋଇ ନାହିଁ । ନଚେତ୍ ଡେପୁଟି କମିସନର କ ସୁପରନ୍‌ଟେଣ୍ଡେଣ୍ଟ ମୋର ଆଦେଶ ମଗାଇ ସେଠାନ୍ତେଣି ।

Digitized by srujanika@gmail.com

ମହାପାତ୍ର – ଆପଣ କହୁଛନ୍ତି ଅସମ୍ଭାଳ ହୋଇ ନାହିଁ ? କଥାବାର୍ତ୍ତା ବନ୍ଦ କରି ଟିକେ ଭଲ କରି କାନ ଡେରନ୍ତୁ ତ.–(ସମସ୍ତେ ସେଇଆ କଲେ) –

ମହାନ୍ତି – ଗଣ୍ଡଗୋଳ !

ମହାପାତ୍ର – ଗଣ୍ଡଗୋଳ ନୁହେଁ ବରଂ ଶୋଭାଯାତ୍ରା···ଜୟଧ୍ୱନି···

ପଟେଲ—'ସୁନ୍ଦନଚୌକ' ପାର୍କକୁ ଶୋଭାଯାତ୍ରା ବୁଲୁଛି, ଜାଣେ······

ମହାପାତ୍ର—ଶୋଭାଯାତ୍ରା ନୁହେଁ ବରଂ ମଣିଷର ସୁଅ···

ଦାସ—ସେମାନେ ଜାଗିଲେଣି !

ଚୌଧୁରୀ—କିନ୍ତୁ ଏ ବରଂ ଶୋଭାଯାତ୍ରା ।

ନାୟକ—ବନ୍ଦ କରିବାର ଉପାୟ ନାହିଁ ସାର୍—ମୌଳିକ ଅଧିକାର ଶାନ୍ତିପୂର୍ଣ୍ଣଭାବେ ଶୋଭାଯାତ୍ରା ଓ ସଭା କରିବାର ଅଧିକାର ସମସ୍ତଙ୍କର ଅଛି ।

ମହାପାତ୍ର—କିନ୍ତୁ ସେ ମଣିଷ ସୁଅରେ ବାଟକାଟି ଆସିବାର ଉପାୟ ନାହିଁ ।

ମିଶ୍ର—ଏଁ······

ମହାନ୍ତି—କପରି ଆସିଲେ ?

ମହାପାତ୍ର—ମଟରରେ ଆସିପାରିଲି ନାହିଁ । ଦୁଇ ଫରଲଙ୍ଗ ବାଟକୁ ପାଦରେ ଆସିବାକୁ ଘଣ୍ଟାକରୁ ବେଶୀ ଲାଗିଲା ।

ପଟେଲ – ତା' ହେଲେ ସ୍ୱାଭାବିକ ନାଗରିକ ଅଧିକାରରେ ପ୍ରତିବନ୍ଧକ ।

ଚୌଧୁରୀ—ପଟେଲ !

ପଟେଲ—ଭୟ ନାହିଁ ସାର୍ – ଗୋଟାଏ ପାଖେ ଶାସନବିଧାନର ମୌଳିକ ଅଧିକାର ଥିଲେ ଅନ୍ୟ ପକ୍ଷରେ ପୋଲିସ ଆକ୍ଟ

Digitized by srujanika@gmail.com

ଅଛି, ମୁଁ ଏ ଲୋକମାନଙ୍କୁ କିପରି ଜବତ୍ କରିବାକୁ ଦେବ ଜାଣେ ।

ଦାସ—ଜବତ୍ କରିବାକୁ ଯାଇଁ ମନ୍ତ୍ରୀମଣ୍ଡଳକୁ ଗଣ୍ଡଗୋଳ ଭିତରକୁ ଟାଣି ନେବା ଉଚିତ ନୁହେଁ ପଟେଲ ।

ପଟେଲ—(ଛିଡ଼ା ହୋଇ) ପ୍ରଥମେ ପୋଲିସ ହିସାବରେ ଆମେ ସାଧାରଣ ନାଗରିକର ସୁବିଧା ସ୍ୱାଚ୍ଛନ୍ଦ୍ୟ ପାଇଁ ଶାନ୍ତି ରକ୍ଷା କରିବୁ ।

ଚୌଧୁରୀ—ଶାନ୍ତିରକ୍ଷା ପାଇଁ ମନ୍ତ୍ରୀମଣ୍ଡଳର ତୁମକୁ ପୂର୍ଣ୍ଣ ସମର୍ଥନ ଅଛି ପଟେଲ ।

ପଟେଲ—ମନ୍ତ୍ରୀମଣ୍ଡଳଠାରୁ ମୁଁ ସେତିକି ଆଶାକରେ (ଚାଲିଯାଉ-ଥିଲେ)

ଚୌଧୁରୀ—ଦେଖା କରିବ ।

ପଟେଲ—ଡେପୁଟି କମିଶନରଙ୍କୁ ନିର୍ଦ୍ଦେଶ ଦେଇ ମୁଁ ଫେରିଆସୁଛି ।

ମହାପାତ୍ର—ସେଇ ଉଦ୍ଧତ ଶୋଭାଯାତ୍ରାକାରୀଙ୍କୁ ସମୁଚିତ ଶିକ୍ଷା ନ ଦେଇ ଫେରନ ପଟେଲ ।

(ପଟେଲ ସମ୍ମତିସୂଚକ ହାତ ହଲାଇ ଚାଲିଗଲେ)

ମହାନ୍ତି—ଆପଣ କଣ ବିଶ୍ୱାସ କରନ୍ତି ଶୋଭାଯାତ୍ରା ଆଜି ସହରକୁ ବିନା ବାଧାରେ ଛାଡ଼ିଦେବା ଉଚିତ ?

ଚୌଧୁରୀ—ମହାପାତ୍ରଙ୍କ ଭାଷାରେ ସେମାନେ ଅତି ଉଦ୍ଧତ ।

ମହାନ୍ତି—ଆଜି ଧର୍ମଘଟ ଫଳରେ ସେମାନେ ବେକାର ଆଜି । ସେମାନଙ୍କୁ ମୋ ମତରେ ସହରୀ ଶୋଭାଯାତ୍ରାର ସୁବିଧା ଦେଇ ସମୟ ଅତିବାହିତ କରାଇ ନେବା ଉଚିତ, ହୁଏତ ତା ନ କଲେ ସରକାର ପ୍ରତି ସେମାନେ ଅଧିକ କ୍ଷତିକାରକ ହୋଇ ଯାଉନ୍ତି ।

Digitized by srujanika@gmail.com

ଦାସ—ଏ ସବୁ ଆଲୋଚନା ବର୍ତ୍ତମାନ ବନ୍ଦ ଥାଉ ।
ଚୌଧୁରୀ—କଣ ତେବେ ଏ ମନ୍ତ୍ରୀସଭାର ଆଜ ସିଦ୍ଧାନ୍ତ
ଦାସ—କହୁଛୁ ଜାତୀୟକରଣ ଛଡ଼ା ଅନ୍ୟ ପନ୍ଥା ନାହିଁ ।
ଚୌଧୁରୀ—ଆପଣ କଣ ଅନ୍ୟ ମନ୍ତ୍ରୀମାନଙ୍କର ଇଚ୍ଛା ବିରୋଧରେ ଦେଶର ସ୍ୱାର୍ଥ ବିରୋଧରେ ତା କରିବେ ।
ଦାସ—କରିବ—ତା ହେଉଛି ସ୍ୱଦେଶ ପାର୍ଟିର ଲକ୍ଷ୍ୟ କିନ୍ତୁ ଦେଶର ସ୍ୱାର୍ଥ ବିରୋଧରେ କହିବାର ଅର୍ଥ ?
ଚୌଧୁରୀ—ସ୍ୱାର୍ଥ ଏକ 'ଆପେକ୍ଷିକ' ଶବ୍ଦ ।
ଦାସ—ହୁଁ......
ଚୌଧୁରୀ—ମନ୍ତ୍ରୀମଣ୍ଡଳ ଆପଣଙ୍କୁ ଏକଜିଦିଆ ନ ହେବାକୁ ଅନୁରୋଧ କରେ ।
ଦାସ—ମୁଁ ମଧ୍ୟ ମନ୍ତ୍ରୀମଣ୍ଡଳକୁ ଅନୁରୋଧ କରେ ଗଣତନ୍ତ୍ରର ଶ୍ରେଷ୍ଠ ଆଦର୍ଶକୁ ସେମାନେ ଭୁଲି ନ ଯାନ୍ତୁ ।
ଚୌଧୁରୀ—ଭୂମି ଆଉ ମୁଖ୍ୟ ଶିଳ୍ପର ଜାତୀୟକରଣ ଦ୍ୱାରା ଆମେ ନିଜ ପ୍ରଜା ଓ ଯେଉଁମାନଙ୍କ ଦ୍ୱାରା ଆଜ ବଞ୍ଚି ରହିଛୁ । ସେମାନଙ୍କ ପ୍ରତି ବିଶ୍ୱାସଘାତକତା କରିବୁ ।
ଦାସ—କିନ୍ତୁ ଜାତୀୟ କରଣ ନ କଲେ ଆମେ ବିଶ୍ୱାସଘାତକତା କରିବୁ ଦେଶପ୍ରତି, କାରଣ ତା' ନ ହେଲେ ଦେଶରୁ ଆମେ ସମବଣ୍ଟନ ଶୃଙ୍ଖଳା ରଖି ପାରିବୁ ନାହିଁ, ଦାରିଦ୍ର୍ୟ ଲୋପ କରି ପାରିବୁ ନାହିଁ ।
ଚୌଧୁରୀ—ବେଶ ତେବେ ଆପଣ ଜାତୀୟକରଣହିଁ କରନ୍ତୁ ।
(ଉଠି ଛିଡ଼ା ହେଲେ)
ଦାସ—(ଭଙ୍ଗା ଗଳାରେ) ଚୌଧୁରୀ !
ଚୌଧୁରୀ—ଯିବା ପୂର୍ବରୁ ଆପଣଙ୍କୁ ମୋର ଶେଷ ମତାମତ ।

Digitized by srujanika@gmail.com

ଦେଶର ସ୍ୱାର୍ଥ ଦୃଷ୍ଟିରୁ ଯାହାର ଭୋଟରେ ମୁଁ ଏଠାକୁ ଆସିଛୁ । ସେମାନଙ୍କ ଦୃଷ୍ଟିରୁ ମୁଁ ଚରଦନ କାମ କରିବ । ସଭା ଶେଷ ହୋଇଛୁ ତ ?

ଦାସ—ହୋଇଛୁ ।

ଚୌଧୁରୀ—ଆସେ ତେବେ, ପରବର୍ତ୍ତୀ ପନ୍ଥାପରେ ସ୍ଥିର ହେବ ।

(ସେ ଚାଲିଗଲେ)

ଦାସ—ମିଶ୍ର···।

ମିଶ୍ର—(ଛିଡ଼ା ହେଲେ) "ସ୍ୱଦେଶ ପାର୍ଟି" ମଧ୍ୟରେ ଚୌଧୁରୀଙ୍କ ଦଳ ଶକ୍ତିଶାଳୀ ଦଳ; ମୁଁ ତାଙ୍କୁ ଅନୁସରଣ କରିବ ।

(ସେ ମଧ୍ୟ ଚାଲିଗଲେ)

ଦାସ—ମହାନ୍ତି···?

ମହାନ୍ତି—ଏ ସଙ୍ଘର୍ଷ ମଧ୍ୟରେ ଉପଯୁକ୍ତ ରାସ୍ତା ଖୋଜି ଅଗ୍ରସର ହେବାକୁ ମୋର ସମୟ ଦରକାର । (ସେ ମଧ୍ୟ ଚାଲିଗଲେ)

ଦାସ – ମହାପାତ୍ର ?

ମହାପାତ୍ର—ମୁଖ୍ୟମନ୍ତ୍ରୀ ଜାଣନ୍ତି ମୋର ଶତ ଚେଷ୍ଟା ସତ୍ତ୍ୱେ ମୁଁ ମନ୍ତ୍ରୀ ହୋଇ ପାରିନ—ମୁଁ ମାତ୍ର ଜଣେ ପାର୍ଲାମେଣ୍ଟାରୀ ସେକ୍ରେଟାରୀ, ଅଧିକାଂଶ ମନ୍ତ୍ରୀ ଯେଉଁଆଡ଼କୁ ଚାଲିବେ ସେଇ ଆଡ଼କୁ ନ ଚାଲିବା ଛଡ଼ା ମୋର ଉପାୟ ନାହିଁ ।

(ସେ ମଧ୍ୟ ଚାଲିଗଲେ)

ଦାସ—ନାୟକ ?

ନାୟକ—ମୁଁ ଦଳର ଅନ୍ତର୍ଭୁକ୍ତ ନୁହେଁ ସାର୍ । ମୁଁ ଦେଶସେବକ, ମତେ ଏଥିରୁ ଆପଣ ବାଦ ଦେବେ । (ସେ ଚାଲିଗଲେ)

ଦାସ – (ଅଧୀର ଓ ଅସ୍ଥିର ହୋଇ) ବନାନ !,

Digitized by srujanika@gmail.com

ବନାମୀ — ଆପଣ ଭାଙ୍ଗି ପଡ଼ନ୍ତୁ ନାହିଁ ବାପା, ଆପଣ ଭାଙ୍ଗି ପଡ଼ନ୍ତୁ ନାହିଁ । ଚିରଦିନ ଦେଶର ମଙ୍ଗଳ କରିବାକୁ ଯାଇଁ ଦେଶ ସେବକଙ୍କୁ ଅନ୍ଧକାର ପଥରେ ଯିବାକୁ ପଡ଼ୁଛି ଏକା ଏକା···।

ଦାସ — ଏକା ବନାନ···ଏକା···। (ଦାସ ଅସହାୟ ଭାବରେ ଉଠିଯାଇ ଜୀବନର ଆଦର୍ଶ ଗୋପବନ୍ଧୁଙ୍କର ଫଟୋକୁ ନିର୍ବିଶେଷ ଦୃଷ୍ଟିରେ ଚାହିଁଲେ । ମସ୍ତିଷ୍କର ପ୍ରତ୍ୟେକ ସ୍ନାୟୁ ଭେଦକରି ଝଙ୍କୃତ ହୋଇ ଉଠିଲା ଗୋପବନ୍ଧୁଙ୍କର ସେଇ କେତୋଟି କବିତା···)

ଦାସ — (ଅସ୍ପଷ୍ଟଭାବେ)

ପ୍ରଜା ଲାଗି ରାଜ୍ୟ ପ୍ରଜାର ଶାସନ
ଯୁଗେ ଯୁଗେ ଏହା ଶାସ୍ତ୍ରର କଥନ ।
ଭାରତର ରାଜଧର୍ମ ସନାତନ
ପରଜା ରକ୍ଷଣ ପାଳନ ରଞ୍ଜନ ।
ସ୍ୱରାଜ୍ୟେ ଏ ନୀତି ହୋଇବ ପ୍ରଚାର
ନ ରହିବ ଆଉ ଦୁଃଖ ଦୁରାଚାର ।
ନ ସହିବ କଷ୍ଟ କେହି ଅନାହାରେ
ନ ମରିବ ଦୁଃଖୀ, ଧନୀଙ୍କ ପ୍ରହାରେ;
ତରାଇ ଶାସିବା ନୀତି ଭାଙ୍ଗିଯିବ
ପ୍ରଜାଙ୍କ ମତରେ ଶାସନ ଚାଲିବ ।
(ପୁଣି ଆଉ ଥରେ କହିଲେ)

"ପ୍ରଜାଙ୍କ ମତରେ ଶାସନ ଚାଲିବ" (ହଠାତ୍ ବନ୍ଧୁକ ଫୁଟିବାର ଶବ୍ଦ ହେଲା ଏବଂ ଏହି ସମସ୍ତଠାରୁ ମଝିରେ ମଝିରେ ଶବ୍ଦ ଓ ଅସ୍ପଷ୍ଟ ଗଣ୍ଡଗୋଳ ବରାବର ଶୁଣାଗଲା) ।

Digitized by srujanika@gmail.com

ବନାମୀ – ପୁଲିସ ଗୁଳି ଚଳାଇଲେ ବାପା···

ଦାସ – ମାନିଲେ ନାହିଁ ସେମାନେ –

(ବେଶୀ ଗୁଳିଶବ୍ଦ)

ବନାମୀ – (ଝରକା ପାଖକୁ ଯାଇଁ) ବାପା··· ।

ଦାସ – ବନାନି –

ବନାମୀ – ତୁମେ ଏଠିକୁ ଆସନା ବାପା, ତୁମେ ଏ କରୁଣ ଦୃଶ୍ୟ ଦେଖି ପାରିବ ନାହିଁ – ଆଃ – ବାପା – ପଛରୁ ଗୁଳିହେଉଛି··· ପୋଲିସ ରାସ୍ତାର ଗଳିରେ ଗଳିରେ ଦୌଡ଼ି ଶୋଭାଯାତ୍ରା-କାରୀଙ୍କ ଉପରେ ଗୁଳି କରୁଛି···ବାପା···ଛୋଟ ପିଲି, ସ୍ତ୍ରୀ କେହି ବାଦ ଯାଇ ନାହାନ୍ତି । ଏଇ ରାସ୍ତା ମୋଡ଼ରେ ସେ ପିଲଟା ଟଳିପଡ଼ିଲା ।

ଆଃ···ସ୍ତ୍ରୀଲୋକଗୁଡ଼ାକ ଟଳି ପଡ଼ୁଛନ୍ତି ଗୋଟି ଗୋଟି ହୋଇ ।

ଦାସ—ଚୁପ କର ବନାନି ଚୁପ କର । ଶୀଘ୍ର ପୋଲିସ କମିସନରଙ୍କ ଅଫିସକୁ ଫୋନ କର ମୋର ଆଦେଶ, ଏ ନିର୍ମମ ଗୁଳି ଚଳା ବନ୍ଦ କରିବାକୁ···

ବନାମୀ—(କରୁଣ ସ୍ୱରେ ଝରକାର ବାହାରୁ ମୁହଁ ବୁଲାଇ ଆଣି) ଏ ଗୁଳି ବନ୍ଦ ହେବ ନି ବାପା—ବନ୍ଦ ହେବ ନି···

(ଝଡ଼ପରି ପଶି ଆସିଲେ ସୁମିତ୍ରା)

ସୁମିତ୍ରା – ଶ୍ରୀଯୁକ୍ତ ଦାସ, ସରକାରର ଏ ନିର୍ଲଜ୍ଜ ଅଭିଯାନ ବନ୍ଦ କରନ୍ତୁ ଶ୍ରୀଯୁକ୍ତ ଦାସ···

ବନାମୀ—ସୁମିତ୍ରା –

ସୁମିତ୍ରା—ଆଦର ଅଭ୍ୟର୍ଥନାର ସମୟ ନୁହେଁ ଏ । "ସ୍ୱାତନ୍ତ୍ର୍ୟରକ୍ଷୀ ସଙ୍ଗଠନ"ର ନେତାମାନଙ୍କୁ ପୋଲିସ ଗିରଫ କରିବ

Digitized by srujanika@gmail.com

ଶିକାର କଲପରି ଗୋଡ଼େଇ ମାରୁଛନ୍ତି । ଶ୍ରୀଯୁକ୍ତ ଦାସ, ଅତ୍ୟାଚାରର ସୀମା ଲଂଘନ କଲାଣି—ବନ୍ଦ କରନ୍ତୁ ।

ଦାସ—ସୁମିତ୍ରା—!

ସୁମିତ୍ରା—ତୁଏତ ଏ ଅତ୍ୟାଚାରର ଏ ମନ୍ତ୍ରୀମଣ୍ଡଳର ଶେଷ ଅତ୍ୟାଚାର ହେବ—ତୁଏତ ପୋଲିସ ବାହିନୀକୁ ମୁଖ୍ୟ ମନ୍ତ୍ରୀଙ୍କର ଦୃଢ଼ ନିର୍ଦ୍ଦେଶ ଥିବ "ପ୍ରାଚ୍ୟ ଯୁବ ସଂଗଠନ"ର ଶେଷ ସତ୍ତା ଲୋପ କରି ଦେବାକୁ ବାୟୋନେଟ ମୁନରେ··· କିନ୍ତୁ···କିନ୍ତୁ···

ଦାସ—ସୁମିତ୍ରା—

ସୁମିତ୍ରା—ମଣିଷର ମୂଲ୍ୟବାନ ଜୀବନକୁ ଶାସନ କ୍ଷମତାରେ ମତାନ୍ଧ ହୋଇ ପଶୁ ପକ୍ଷୀପରି ଆପଣ ଦଳି ଦଅନ୍ତୁ ନାହିଁ, ବନ୍ଦ କରନ୍ତୁ ଏଗୁଡ଼ା···

ଦାସ—ଏଗୁଡ଼ା ବନ୍ଦ ହେବନି—

ସୁମିତ୍ରା—ହେବନି !

ବନାନୀ—ବାପା ! ଦାଦା ଆଜି ସୁଧାଂଶୁ ଏଇ ଆଡ଼କୁ ଲକ୍ଷ୍ୟ କରି ଦୌଡ଼ି ଦୌଡ଼ି ଆସୁଛନ୍ତି ।

ଦାସ—(ଆଗ୍ରହ ସହକାରେ) ଆସୁଛନ୍ତି ?

ସୁମିତ୍ରା—(ଝରକା ପାଖକୁ ଯାଇଁ ଝରକାରେ ମୁହଁ ଗଳାଇ) ଭାଇ, ଫାଲଗୁନ, ଆସନି ତୁମେ ଏଠିକି । ତୁମର ପବିତ୍ର ପାଦକୁ କଳଂକିତ କରନି ଏ ମାଟି ସ୍ପର୍ଶକରି—

ବନାନୀ—(ଚିତ୍କାର କରି ଉଠିଲେ) ବାପା···

ଦାସ—କଣ ?

ବନାନୀ—(କାନ୍ଦ କାନ୍ଦ) ଦାଦାଙ୍କ ପଛରେ ଗୁଳି ଫୁଟିଲା । ଦାଦା ତଳେ ପଡ଼ିଗଲେ ।

Digitized by srujanika@gmail.com

ଦାସ—ଫାଲଗୁନ ! ଫାଲଗୁନ ! (ମୁଣ୍ଡ ଝୁପି ବସିପଡ଼ିଲେ)

ବନାନୀ—ସୁଧାଂଶୁ ଦୌଡ଼ୁଛନ୍ତି ଏଠିକି, ପଛରୁ···

ସୁମିତ୍ରା—ଭାଇଙ୍କ ପଛରେ ପୋଲିସ ସରଜେଣ୍ଟ, ହାତରେ ଖୋଲା ବାୟୋନେଟ ।

ବନାନୀ—ବାପା, ସୁଧାଂଶୁ ବି ତଳେ ପଡ଼ିଗଲେ । ବାୟୋନେଟ ମୁନ ଭୁଷିଗଲା ପଛରେ ତାଙ୍କର ।

ଦାସ—ବନ୍ଦ କରିଦେ ସେ ଦରଜା ବନାନି ବନ୍ଦ କରିଦେ ।

ସୁମିତ୍ରା—ଆଅନ୍ତୁ ଶ୍ରୀଯୁକ୍ତ ଦାସ, ଆପଣଙ୍କର ଜୟ ହେଉ (ସୁମିତ୍ରା ଝଡ଼ପରି ବାହାରିଗଲେ)

ଦାସ—(ଅବିଚଳିତ ଭାବେ) ବନାନି···ଫାଲଗୁନ ଚାଲିଗଲା··· ହିଁତ ମା ଇସ୍ତଫାପତ୍ର ଗୋଟାଏ ଡ୍ରାଫ୍ଟ କରିଆଣ ? ପାରିବୁନି···

ବନାନୀ—ବାପା····

ଦାସ—ସେଇମାନଙ୍କ ପାଇଁ ଆଖିରେ ମୋର ଚିରଦିନ ଝରିଥିଲା ଲୁହ—ଅଥଚ ଦେଶର ଶ୍ରେଷ୍ଠ ଶାସନ ଦାୟିତ୍ୱ ଗ୍ରହଣ କରି ସେମାନଙ୍କ ପାଇଁ କିଛି କରି ପାରିଲି ନାହିଁ ।

ବନାନୀ—ବାପା···

ଦାସ—ମହାକାଳର ଗତିରୋଧ ଅସମ୍ଭବ । ଏକ ସାମ୍ୟ ଶ୍ରେଣୀହୀନ ସମାଜର ପ୍ରତିଷ୍ଠାକୁ କୌଣସି ଶକ୍ତି ଅଟକାଇ ପାରିବନାହିଁ, ତେଣୁ କାହିଁକି ମୁଁ ସେଇ ମହାକାଳର ଗତିରେ ସାହାଯ୍ୟ ନ କରିବ । (ପଶି ଆସିଲେ କ୍ଷତାକ୍ତ ସୁଧାଂଶୁ)

ଦାସ—ସୁଧାଂଶୁ !

Digitized by srujanika@gmail.com

ସୁଧାଂଶୁ—ମାନ୍ୟବର ଦାସ, ମୁଁ ଆପଣଙ୍କ ଜୟ ଜୟକାର କରିବାକୁ ଆସିଛି, ··· ନଉନ୍ନ ଜନତାର ଜୟ ଜୟକାର ···(ପଡ଼ି ଯାଉଥିଲେ)

ଦାସ—ସୁଧାଂଶୁ !

ବନାନୀ—(ସୁଧାଂଶୁକୁ ଧରି ପକାଉଥିଲେ)

ସୁଧାଂଶୁ—(ନିଜକୁ ସମ୍ଭାଳି ନେବାର ଚେଷ୍ଟା କରି) ଆବଶ୍ୟକ ନାହିଁ ବନାନୀ ··· ଆଃ ··· ଆଃ···

ଦାସ—ସୁଧାଂଶୁ, ତୁମେ ସବଳ ହୁଅ ସୁଧାଂଶୁ, ସବଳ ହୁଅ । ଆଜି ତମକୁ ବଞ୍ଚି ରହିବାକୁ ପଡ଼ିବ । ମୁଁ ତୁମ ପାଖରେ ରହିବି ସୁଧାଂଶୁ···ମୁଁ ତୁମ ମସାଲକୁ ଆଗେଇ ନେବି ।

ସୁଧାଂଶୁ—(ଆଶାପୂର୍ଣ୍ଣ ଆଖିରେ) ଆପଣ ? ··· ଆପଣ ?

ଦାସ—ହିଁ ମୁଁ···ମୁଁ ସୁଧାଂଶୁ । (ପଶି ଆସିଲେ ପଟେଲ)

ପଟେଲ—ଏଠୁ ଫେରିଯାଇଁ ଶ୍ରୀଯୁକ୍ତ ଚୌଧୁରୀ ଘରୋଇ ଭାବରେ 'ସ୍ୱଦେଶ ପାର୍ଟି'ର ସମସ୍ତ ସଭ୍ୟଙ୍କୁ ଡାକିଥିଲେ । ସେଇ ଘରୋଇ ସଭାରେ ବହୁ ସଂଖ୍ୟାରେ ଆପଣଙ୍କ ଉପରେ ଅନାସ୍ଥା ପ୍ରସ୍ତାବ ଗୃହୀତ ହୋଇଛି । ଆନୁଷ୍ଠାନିକ ଭାବେ ଆପଣଙ୍କୁ ପଦଚ୍ୟୁତ କରିବା ପର୍ଯ୍ୟନ୍ତ ଆପଣଙ୍କୁ ବନ୍ଦ କରି ରଖିବାର ଭାର ମୋ' ଉପରେ ଅର୍ପଣ କରାଯାଇଛି । ଆପଣ କ୍ଷମା କରିବେ । ଆପଣ ବାହାରକୁ ଯାଇ ପାରିବେ ନାହିଁ । (ପଟେଲ ନମ୍ର ଭାବରେ ପଦାକୁ ବାହାରି ଗଲେ)

ବନାନୀ—ବାପା !

ସୁଧାଂଶୁ—ଆପଣ ତେବେ ଆଉ ମାନ୍ୟବର ଦାସ ନୁହନ୍ତି ··· ଶ୍ରୀଯୁକ୍ତ ଦାସ ।

Digitized by srujanika@gmail.com

ଦାସ—ସ୍ୱରଆଡ଼େ ଆଜ ଶୋଷକ ଶ୍ରେଣୀର ସ୍ୱାର୍ଥାନ୍ଧ ଅବରୋଧ !
ଭୟ ନାହିଁ, ଭୟ ନାହିଁ ସୁଧାଂଶୁ…ଜନତା ଅଭ୍ୟୁଥାନ ନିକଟରେ ଏ ଅବରୋଧ କ୍ଷଣିକର ପ୍ରଳାପ…। ଜନତା ଜାଗିଲାଣି…କାହିଁ ଅବରୋଧ…କାହିଁ ଅବରୋଧ ?

ସୁଧାଂଶୁ—(ଆଶାପୂର୍ଣ୍ଣ ଆଖିରେ) ସତେ, କାହିଁ ଅବରୋଧ ? …
ଆଃ !(ଯନ୍ତ୍ରଣାରେ ଛଟପଟ ହୋଇ ଟଳି ପଡ଼ିଲେ)

ଦାସ—ସୁଧାଂଶୁ !

ବନାନୀ—ସୁଧାଂଶୁ (କୋଳକୁ ଟେକି ଧରୁଥିଲେ । ସ୍ୱରଆଡ଼େ ଶୁଣା ଯାଉଥିଲା 'ଅବରୋଧ, ଅବରୋଧ …।')

କଟକ କୃଷକ ପ୍ରେସରେ ପ୍ରଫୁଲ୍ଲ କିଶୋର ଦାସଙ୍କ ଦ୍ୱାରା ମୁଦ୍ରିତ
୧୯୫୫

Digitized by srujanika@gmail.com

ଲେଖକଙ୍କର ଅନ୍ୟାନ୍ୟ ପୁସ୍ତକ

କବି ସମ୍ରାଟ ଉପେନ୍ଦ୍ରଭଞ୍ଜ

ଏ ଯୁଗର ଶ୍ରେଷ୍ଠ ଗଳ୍ପ

ବକ୍ସି ଜଗବନ୍ଧୁ

ଅଗଷ୍ଟ ନ'

ଯୌବନ

ଅନୁଗାମୀ

ନାସ୍ତ

ପ୍ରକାଶ ପଥେ

ମହାନ୍ତି ପରିବାର

ଛ'ଟି ଏକାଙ୍କିକା

ମନେ ପଡ଼େ

Digitized by srujanika@gmail.com

କେତେଖଣ୍ଡ ଉପାଦେୟ ପୁସ୍ତକ

ଗୋପାଳ ଛୋଟରାୟ

ପରକଲମ ଟ ୧୫

ଭରସା ଟ ୨୯

ଆନନ୍ଦଶଙ୍କର

ଯୌତୁକ ଟ ୧୪

ମନୋରଞ୍ଜନ ଦାସ

ଆଗାମୀ ଟ ୧।

ଅବରୋଧ ଟ ୧।

ଏ ଯୁଗର ଶ୍ରେଷ୍ଠ ଗଳ୍ପ ଟ ୧୫

କମଳାକାନ୍ତ ଦାସ

ମିଳନ ସନ୍ଧ୍ୟା ଟ ୧୫

ମଦଭାଟି ଟ ୦୪

ଜ୍ଞାନୀନ୍ଦ୍ର ବର୍ମା

ଭୂମିକା ଟ ୩୪

ରୈବତକାରର ବ୍ଲବୁକ ଟ ୯୪

ସୁଧୀନ୍ଦ୍ର

ଭୁଦାନ ଯଜ୍ଞ ଟ ୦।୵

ବଂଶୀଧର ଭୂୟାଁ

ମିସେସ୍ ସାମୁୟେଲଙ୍କ ସ୍ୱାମୀ ଟ ୧।

ବୈଜ୍ଞାନିକ ନୋବେଲ ଟ ୦୪

„ ମାର୍କୋନୀ ଟ ୦୪

„ ମ୍ୟାଡାମ କ୍ୟୁରୀ ଟ ୦୪

„ ଆଇନଷ୍ଟାଇନ୍ ଟ ୦୪

„ ନିଉଟନ ଟ ୦୪

ନନ୍ଦୁଶ୍ରୀ ଖାଲି

ମନପବନ ଟ ୧।

ଜାଣକି ? ଟ ୦୪

କୈଳାସଚନ୍ଦ୍ର ସାମଲ

ରକ୍ତଝଡ଼ ଟ ୧୵

ଅଧ୍ୟାପକ ବଂଶୀଧର ମହାନ୍ତି

ସାହିତ୍ୟ ଓ ସଂସ୍କୃତି ଟ ୩୯

ଗୁରୁପ୍ରସାଦ ମହାନ୍ତି ଓ ଭାନୁଜୀ ରାଓ

ନୂତନ କବିତା ଟ ୧୪

ପ୍ରକାଶକ :—
ଜଗନ୍ନାଥ ପୁସ୍ତକାଳୟ
କଟକ-୨.

Digitized by srujanika@gmail.com

ପ୍ରଚ୍ଛଦପଟ ମୁଦ୍ରଣ : ମଡର୍ଣ୍ଣଆର୍ଟପ୍ରେସ୍, ୧୫୧-୬

Digitized by srujanika@gmail.com